ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

ଗ୍ରାମାଞ୍ଚଳ ବିକାଶରେ ଡ଼ିପ୍ଲୋମା କାର୍ଯ୍ୟକ୍ରମ

DRD-2

ଭାରତରେ ଗ୍ରାମୀଣ ବିକାଶ

ବ୍ଲକ୍

୬

ଗ୍ରାମୀଣ ସମାଜରେ ମହିଳା ଓ ବିକାଶ

ପ୍ରଥମ ଏକକ

ଗ୍ରାମୀଣ ସମାଜ ଓ ବିକାଶ କ୍ଷେତ୍ରରେ ମହିଳା

ଦ୍ୱିତୀୟ ଏକକ

ଗ୍ରାମୀଣ ସମାଜରେ ଲିଂଗଗତ ଆବଶ୍ୟକତା

ତୃତୀୟ ଏକକ

ଲିଂଗ ଓ ବିକାଶ

ବିଶେଷଜ୍ଞ ମଣ୍ଡଳୀ

୧.	ଶ୍ରୀ ଜଗଦାନନ୍ଦ ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଏବଂ ସହ-ଉଦ୍ୟୋଗୀ , ସି,.ଡି.ଏସ.ୱାଇ.ଭୁବନେଶ୍ୱର	ଅଧ୍ୟକ୍ଷ
୨.	ଡକ୍ଟର ଶ୍ରୁତି ମହାପାତ୍ର ମୁଖ୍ୟ ନିର୍ବାହୀ, ସ୍ୱାଭିମାନ , ଭୂବନେଶ୍ୱର	ସଭ୍ୟା
୩.	ଡକ୍ଟର ଧର୍ମବ୍ରତ ମହାପାତ୍ର ବିଭାଗୀୟ ମୁଖ୍ୟ ,ଗ୍ରାମ୍ୟବିକାଶ ବିଭାଗ ରେଭେନ୍ସା ବିଶ୍ୱବିଦ୍ୟାଳୟକଟକ ,	ସଭ୍ୟ
୪.	ଡକ୍ଟର ମେରୀବାଗେ .ଜି . ପ୍ରାଧ୍ୟାପକ,ଗ୍ରାମ୍ୟ ବିକାଶ ବିଭାଗ , ଉତ୍କଳ ବିଶ୍ୱବିଦ୍ୟାଳୟଭୁବନେଶ୍ୱର ,	ସଭ୍ୟା
୫.	ଶ୍ରୀମତୀ ଦୀପ୍ତି ରାୟ ସହ-ପ୍ରାଧ୍ୟାପିକାଗ୍ରାମ୍ୟ ପରିଚାଳନା ବିଭାଗ , ନିଶ୍ୱାସଭୁବନେଶ୍ୱର ,	ସଭ୍ୟା
୬.	ଡକ୍ଟର ରବିନ୍ଦ୍ର ଗରାଡେ ପ୍ରାଧ୍ୟାପକ,ଗ୍ରାମ୍ୟ ବିକାଶ ବିଭାଗ , ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ,	ନିମନ୍ତ୍ରିତ ସଭ୍ୟ
୭.	ଏସ. ଟି. ରେହମାନ ଶିକ୍ଷଣ ପରାମର୍ଶଦାତା, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର	ସଂଯୋଜକ

<u>ଲେଖକ :</u>

ସଂଗୀତା ପଣ୍ଡା ,ଅତିଥି ଅଧ୍ୟାପକ
ରେଭେନ୍ସା ବିଶ୍ୱବିଦ୍ୟାଳୟ

<u>ଅନୁବାଦକ :</u>

ବିଷ୍ଣୁଚରଣ ପ୍ରଧାନ

ଅଧ୍ୟାପକ,ରାଜନୀତି ବିଜ୍ଞାନ
ପ୍ରବିତ୍ରମୋହନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ
ରେଙ୍ଗାଲୀ ଡ୍ୟାମ୍ ସାଇଟ୍ ,ଅନୁଗୁଳ

ପ୍ରଥମ ଏକକ : ଗ୍ରାମୀଣ ସମାଜରେ ଓ ବିକାଶ କ୍ଷେତ୍ରରେ ମହିଳା।

ବିଷୟ୍ ଗଠନ

୧.୦. ପଠନର ଉଦ୍ଦେଶ୍ୟ

୧.୧. ଗ୍ରାମୀଣ ସମାଜ ଓ ବିକାଶରେ ମହିଳା : ପରିଚିତି

୧.୨. ଗ୍ରାମୀଣ ସମାଜରେ ମହିଳା ଓ ସେମାନଙ୍କ ଭୂମିକା

୧.୨.୧. ଲିଙ୍ଗଂଭୂମିକା /ତ୍ରୟୀ ଭୂମିକା ନିରୂପଣ

୧.୩. ବିକାଶରେ ମହିଳା

୧.୩.୧. ବିକାଶ: ମାନବ ବ୍ୟକ୍ତିତ୍ୱର ଏକ ପରିପ୍ରକାଶ

୧.୩.୨ ଜନତାର ବିକାଶ

୧.୩.୩. ଜନତାଙ୍କ ଅଂଶ ଗ୍ରହଣ

୧.୩.୪. ବିଭିନ୍ନତାର ପୁଷ୍ଟି ସାଧନ

୧.୩.୫. ବିକାଶ ଏକ ମୁକ୍ତ ପ୍ରକ୍ରିୟା

୧.୪. ମହିଳାମାନଙ୍କ ଉପରେ ବିକାଶର ପ୍ରଭାବ

୧.୪.୧. ଲିଙ୍ଗ ଅସମାନତାର ପ୍ରଗାଢ଼ତା

୧.୪.୨. ମହିଳା ମାନଙ୍କ ପାଇଁ ମିଶ୍ରିତ ସୁଫଳ

୧.୪.୩. ଦ୍ୱୈତ ଦାୟିତ୍ୱର ପ୍ରଗାଢ଼ତା

୧.୪.୪. ଲିଙ୍ଗ ଭୂମିକାର ପୁନରାବୃତ୍ତିକୁ ଝଲୁ ରଖିବା

୧.୪.୫. ପାରମ୍ପରିକ ଅର୍ଥନୀତିରେ ମହିଳା ମାନଙ୍କର ଭୂମିକା ହ୍ରାସ

୧.୪.୬. ଘରୋଇ ସଦସ୍ୟଙ୍କର ମହିଳାୟନ

୧.୪.୭. ଶିକ୍ଷା ମଧ୍ୟକୁ ଭିନ୍ନତାର ପ୍ରବେଶ

୧.୪.୮. ପରିବେଶ ଅବକ୍ଷୟ ଓ ମହିଳା ମାନଙ୍କ ସମସ୍ୟା ବୃଦ୍ଧି

୧.୪.୯. ନୂତନ ବୈଷୟିକ ଜ୍ଞାନ ଓ ମହିଳାମାନଙ୍କର କଷ୍ଟକର କାର୍ଯ୍ୟବୃଦ୍ଧି

୧.୫. ବିକାଶ ନୀତିରେ ମହିଳା ପ୍ରସଙ୍ଗ

୧.୬. ଏକତ୍ରୀ କରଣ

୧.୭. ପ୍ରମୁଖ ଶବ୍ଦ

୧.୮. ସହାୟକ ଗ୍ରନ୍ଥସୂଚୀ

୧.୦ ପଠନର ଉଦ୍ଦେଶ୍ୟ :

- ଗ୍ରାମୀଣ ସମାଜରେ ମହିଳାମାନଙ୍କ ଭୂମିକା ବର୍ଣ୍ଣନା କରିବା
- ବିକାଶରେ ମହିଳା ପ୍ରସଙ୍ଗକୁ ବୁଝିବା
- ମହିଳା ମାନଙ୍କ ଉପରେ ବିକାଶର ପ୍ରଭାବକୁ ବୁଝିବା
- ବିକାଶ ପଥରେ ଲିଙ୍ଗ ପ୍ରସଙ୍ଗ

୧.୧.ଗ୍ରାମୀଣ ସମାଜରେ ମହିଳା ଓ ବିକାଶରେ ମହିଳା : ପରିଚିତ

ସମୁଦାୟ ଜନସଂଖ୍ୟାର ଅର୍ଦ୍ଧେକ ହେଉଛନ୍ତି ମହିଳା। କିନ୍ତୁ ବିକାଶର ସୁଫଳ ଲାଭ କରିବା କ୍ଷେତ୍ରରେ ସେମାନଙ୍କର ଭାଗ ଅତ୍ୟନ୍ତ ନ୍ୟୁନ। ସେମାନଙ୍କର ଏହି ଅବଦମିତ ସ୍ଥିତି ଯୋଗୁଁ "ବିକାଶ କିଭଳି ହେବା ଉଚିତ୍" ଭଳି ପ୍ରସଙ୍ଗ ସୃଷ୍ଟି ହୋଇଛି। ଯେକୌଣସି ବିକାଶ ପ୍ରକ୍ରିୟାରେ ଲିଙ୍ଗ ପ୍ରସଙ୍ଗ ଏକ ଅବିଚ୍ଛେଦ୍ୟ ଅଂଗ ଅଟେ। ସମାଜ ତିଷ୍ଠି ରହିବା ପଛରେ ମହିଳାମାନେ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବିବେଚିତ ହୋଇଥାଆନ୍ତି। ସେମାନେ କେବଳ ସନ୍ତାନ ଜନ୍ମ, ସେମାନଙ୍କର ଲାଳନପାଳନ ଓ ସେମାନଙ୍କୁ ସମାଜର ବିଭିନ୍ନ ପଥରେ ପରିଚାଳିତ କଲାଭଳି ପ୍ରାଥମିକ କର୍ତ୍ତବ୍ୟ ସଂପାଦନ କରି ନଥାନ୍ତି। ସେମାନେ ପରିବାରର ଓ ସମାଜର ଦୈନନ୍ଦିନ ଆବଶ୍ୟକତାକୁ ପୂରଣ କରିବା ପାଇଁ ମଧ୍ୟ କାର୍ଯ୍ୟ କରି ଆସୁଛନ୍ତି। ମହିଳାମାନେ ରୋଷେଇ, ଘର ସଫାସୁତୁରା ରଖିବା, ଖାଦ୍ୟ ଓ ଜାଳେଣି ସଂଗ୍ରହ ମାଟି ଖୋଳିବା ଓ ଶ୍ରମିକ ଭଳି କାର୍ଯ୍ୟାଳୟରେ କାମ କରିବା ଇତ୍ୟାଦି କାର୍ଯ୍ୟ ସଂପାଦନ କରି ଥାଆନ୍ତି। କିନ୍ତୁ ସେମାନଙ୍କର ଅଳ୍ପ କିଛି କାର୍ଯ୍ୟକୁ ସ୍ୱୀକୃତି ମିଳଥାଏ। ଏହାହିଁ ହେଉଛି ମୂଳ କାରଣ ଯେଉଁଥି ପାଇଁ ମହିଳା ମାନଙ୍କୁ ବିକାଶ ପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଂଶ ରୂପେ ଗ୍ରହଣ କରା ନଯାଇ ସେମାନଙ୍କୁ ଏକ ପୃଥକ୍ ଅସ୍ତିତ୍ୱ ଥିବା ଗୋଷ୍ଠୀ ରୂପେ ଦେଖାଯାଇଥାଏ। ମହିଳା ମାନଙ୍କର ଏହି ସମସ୍ୟା ଉପରେ ଧୀରେ ଧୀରେ ବିତର୍କ ବୃଦ୍ଧି ପାଉଛି। ଏଥି ସହିତ ବିକାଶ ପ୍ରକ୍ରିୟାରେ ଲିଙ୍ଗ ପ୍ରସଙ୍ଗକୁ ଯୋଡ଼ିବାର ଆବଶ୍ୟକତାକୁ ଅନୁଭବ କରାଗଲାଣି।

୧.୨.ଗ୍ରାମୀଣ ସମାଜରେ ମହିଳା ଓ ସେମାନଙ୍କ ଭୂମିକା :

ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସ ୧୫ ତାରିଖକୁ ମିଳିତ ଜାତି ସଂଘର ଆନ୍ତର୍ଜାତୀୟ ଗ୍ରାମୀଣ ମହିଳା ଦିବସ ଭାବରେ ପାଳନ କରାଯାଏ। ଏହା ସମଗ୍ର ବିଶ୍ୱରେ କୃଷି ଓ ଗ୍ରାମୀଣ ବିକାଶ ବୃଦ୍ଧିରେ

ମହିଳାଙ୍କ ଭୂମିକାକୁ ସମ୍ମାନୀତ କରିବା ପାଇଁ ଉଦ୍ଦିଷ୍ଟ। ଗ୍ରାମୀଣ ମହିଳା ମାନଙ୍କର ପ୍ରତ୍ୟେକଟି ଦିନ ପ୍ରାତଃ ସମୟରୁ ହିଁ ଆରମ୍ଭ ହୋଇଥାଏ। ସକାଳ ହେବା ମାତ୍ରେ ଘର ପାଇଁ ପାଣି ପଶୁ ପକ୍ଷୀଙ୍କ ଖାଦ୍ୟ ଓ ଜାଳେଣି ସଂଗ୍ରହ ସହ ରୋଷେଇ ଇତ୍ୟାଦି କାର୍ଯ୍ୟରେ ଲାଗି ପଡ଼ନ୍ତି। ସେମାନେ ପରିବାର ଶିଶୁ ତଥା ଅନ୍ୟାନ୍ୟ ସଦସ୍ୟ ମାନଙ୍କର ଦେଖାଶୁଣା କରନ୍ତି। ସେମାନେ ସେମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ଚେତନା ସୃଷ୍ଟି ଇତ୍ୟାଦି ବୁଝିବା ସହ ବିଭିନ୍ନ ରୋଜଗାରକ୍ଷମ କାର୍ଯ୍ୟ ମଧ୍ୟ କରିଥାଆନ୍ତି। ଏହି ମହିଳା ମାନେ ହେଉଛନ୍ତି ଖାଦ୍ୟ ଉତ୍ପାଦନକାରୀ, ପ୍ରାକୃତିକ ସମ୍ବଳର ପରିଚାଳକ, ରୋଜଗାରକାରୀ। ଏହା ସହିତ ସେମାନେ ପରିବାରର ଖାଦ୍ୟ ଓ ପୋଷଣ ସୁରକ୍ଷାର ଦାୟିତ୍ୱ ସଂପାଦନ କରିଥାଆନ୍ତି।

ଆମ ଦେଶର ମୋଟ ମହିଳା ଜନସଂଖ୍ୟା ମଧ୍ୟରୁ ପ୍ରାୟ ୭୭% ଭାଗ ମହିଳା ଗ୍ରାମାଞ୍ଚଳରେ ବାସ କରନ୍ତି। ସମଗ୍ର ଶ୍ରମ ଦିବସର ଦୁଇତୃତୀୟାଂଶ ବିନିଯୋଗ କରି ସେମାନେ ସମୁଦାୟ ଉତ୍ପାଦନର ଏକ ତୃତୀୟାଂଶ ରୋଜଗାର କରିବାରେ ସଫଳ ହୋଇ ଥାଆନ୍ତି, କିନ୍ତୁ ସମସ୍ତ ସମ୍ବଳର ଏକ ଦଶମାଂଶ ଉପରେ ସେମାନେ ମାଲିକାନା ସତ୍ତ୍ୱ ଜାହିର କରି ଥାଆନ୍ତି। ଏହି ମହିଳା ମାନଙ୍କୁ ପରାଧୀନ ବୋଲି କୁହାଯାଏ। କିନ୍ତୁ ଏହି ମହିଳାମାନେ ତିନୋଟି ପ୍ରମୁଖ କାର୍ଯ୍ୟ କରି ଥାଆନ୍ତି। ଏହାକୁ ସେମାନଙ୍କର ଦାୟୀ ଭୂମିକା କୁହାଯାଏ।

୧.୨.୧. ଲିଙ୍ଗଭୂମିକା /ତ୍ରୟୀ ଭୂମିକା ନିରୂପଣ :

ଲିଙ୍ଗ ଭୂମିକା ନିରୂପଣ କହିଲେ ଗୋଟିଏ ନିର୍ଦ୍ଧାରିତ ସମାଜରେ କିଏ କ'ଣ କରେ କୁ ବୁଝାଏ। ଏହା ପୁରୁଷ ଓ ମହିଳା ମାନଙ୍କର ସମାଜପ୍ରଦତ୍ତ ଭୂମିକା ଓ ଦାୟିତ୍ୱ ବୋଧତାକୁ ସୂଚୀତ କରେ। ସମସ୍ତ କାର୍ଯ୍ୟକୁ ତିନି ଭାଗରେ ବିଭକ୍ତ କରାଯାଏ। ଏହି ସମସ୍ତ ତିନି ପ୍ରକାର କାର୍ଯ୍ୟରେ ମହିଳା ମାନଙ୍କର ହାତ ରହିଥାଏ। ଏହାକୁ ସେମାନଙ୍କ 'ତ୍ରୟୀ' ଭୂମିକା କୁହାଯାଏ।

- **ଉତ୍ପାଦନ କାର୍ଯ୍ୟ :**

ଉତ୍ପାଦକ କାର୍ଯ୍ୟ କହିଲେ ନିଜର ବ୍ୟବହାର ତଥା ବ୍ୟବସାୟ ପାଇଁ ଉଦ୍ଦିଷ୍ଟ ଦ୍ରବ୍ୟ ଓ ମାଲ ଉତ୍ପାଦନକୁ ଉତ୍ପାଦକ କାର୍ଯ୍ୟ କୁହାଯାଏ। ଏଗୁଡ଼ିକ ମଧ୍ୟରେ ରହିଛି କୃଷି, ମତ୍ସ୍ୟ ଓ ପଶୁପାଳନ, ନିଯୁକ୍ତି ଓ ଆତ୍ମ ନିଯୁକ୍ତି ଇତ୍ୟାଦି। କ'ଣ କରୁଛ ବୋଲି ଯେତେବେଳେ ଜଣକୁ ପଚରା ଯାଏ ତାର ଉତ୍ତର ସେ ତାର ଉତ୍ପାଦିକା କାର୍ଯ୍ୟ ବିଷୟରେ କହିଥାଏ। କାରଣ ଏହି କାର୍ଯ୍ୟ ବଦଳରେ ସେ କିଛି ପାରିଶ୍ରମିକ ପାଏ ବା ସେହି କାର୍ଯ୍ୟ ତା ପାଇଁ ରୋଜଗାର ସୃଷ୍ଟି କରେ। ଉଭୟ ପୁରୁଷ ଓ ମହିଳାମାନେ ଉତ୍ପାଦିକା କାର୍ଯ୍ୟ କରିଥାଆନ୍ତି। କିନ୍ତୁ ଶ୍ରମର ଲିଙ୍ଗଗତ ବିଭାଜନ ଯୋଗୁଁ ଉଭୟଙ୍କର କାର୍ଯ୍ୟ ପରସ୍ପରଠାରୁ ଭିନ୍ନ। ମହିଳା

ମାନଙ୍କର ଉତ୍ପାଦକ କାର୍ଯ୍ୟ ପ୍ରାୟ ଆଖିକୁ ଦେଖା ଯାଏ ନାହିଁ। କିମ୍ବା ପୁରୁଷ ମାନଙ୍କ କାର୍ଯ୍ୟ ତୁଳନାରେ ଏହାକୁ ଖୁବ୍ ନ୍ୟୂନ ଦୃଷ୍ଟିରେ ମୂଲ୍ୟାୟନ କରାଯାଇଥାଏ।

- **ପ୍ରଜନନ କାର୍ଯ୍ୟ:** (ସନ୍ତାନ ଜନ୍ମ ଓ ସେମାନଙ୍କର ଲାଳନପାଳନ) :

ପ୍ରଜନନ କାର୍ଯ୍ୟ କହିଲେ ପରିବାରର ଦାୟିତ୍ୱ ଓ ଏହାର ସଦସ୍ୟ ମାନଙ୍କର ଯତ୍ନକୁ ବୁଝାଇଥାଏ। ସନ୍ତାନ ଜନ୍ମ ଓ ସେମାନଙ୍କ ଲାଳନ ପାଳନ, ରୋଷେଇ, ଜଳ ଓ ଜାଳେଣି ସଂଗ୍ରହ, ବଜାର ସଉଦା କରିବା, ଘର ସଫା ସୁତୁରା ରଖିବା ଓ ପରିବାରର ସଦସ୍ୟ ମାନଙ୍କର ଯତ୍ନ ନେବା ଏହାର ଅନ୍ତର୍ଭୁକ୍ତ। ମଣିଷ ସମାଜ ତିଷ୍ଠି ରହିବା ପାଇଁ ପ୍ରଜନନ କାର୍ଯ୍ୟ ଏକାନ୍ତ ଅପରିହାର୍ଯ୍ୟ। ଏହା ସତ୍ତ୍ୱେବି ଏହାକୁ ଉପଯୁକ୍ତ କାର୍ଯ୍ୟ ବୋଲି ବିବେଚନା କରାଯାଏ ନାହିଁ। ଗରିବ ସମାଜରେ ପ୍ରଜନନ କାର୍ଯ୍ୟ ଶ୍ରମିକ ସୃଷ୍ଟି ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ। ଏହି କାର୍ଯ୍ୟ ମୁଖ୍ୟତଃ ସର୍ବଦା ବାଳିକା ଓ ମହିଳା ମାନଙ୍କର ଦାୟିତ୍ୱ।

- **ସାମାଜିକ କାର୍ଯ୍ୟ :**

ସାମାଜିକ ଉତ୍ସବ ଅନୁଷ୍ଠାନ ଓ ପର୍ବପର୍ବାଣୀ, ସମାଜ କଲ୍ୟାଣ କାର୍ଯ୍ୟକ୍ରମ ସହ ଗୋଷ୍ଠୀ ବା ସଂଗଠନ, ସ୍ଥାନୀୟ ରାଜନୈତିକ କାର୍ଯ୍ୟକଳାପ ଇତ୍ୟାଦିରେ ସାମୂହିକ ବା ଗୋଷ୍ଠୀଗତ ଅଂଶ ଗ୍ରହଣକୁ ସାମାଜିକ କାର୍ଯ୍ୟ କୁହାଯାଏ। ଏହି ପ୍ରକାର କାର୍ଯ୍ୟକୁ ଆର୍ଥିକ ଦୃଷ୍ଟିରୁ ବିବେଚନା କରାଯାଇ ପାରିବ ନାହିଁ। ଅତଏବ, ଏହା ଏକ ଗ୍ରହଣଯୋଗ୍ୟ ସାମାଜିକ ସ୍ୱେଚ୍ଛାକୃତ କାର୍ଯ୍ୟ। ଏହା ସମାଜର ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିକାଶ ପାଇଁ ଉଦ୍ଦିଷ୍ଟ। ଏହା କାର୍ଯ୍ୟ ମଧ୍ୟ ସମାଜର ସାଂଗଠନିକ ଓ ଆତ୍ମନିର୍ଦ୍ଧାରଣ ନିମନ୍ତେ ଉଦ୍ଦିଷ୍ଟ। ଯଦିଓ ସମାଜରେ ଲିଙ୍ଗଭିତ୍ତିକ ଶ୍ରମ ବିଭାଜନ ରହିଛି, ଉଭୟ ପୁରୁଷ ଓ ମହିଳା ଏହି ସାମାଜିକ ଓ ଗୋଷ୍ଠୀଗତ କାର୍ଯ୍ୟରେ ଜଡ଼ିତ ହୋଇ ଥାଆନ୍ତି।

ମହିଳା, ପୁରୁଷ, ବାଳକ ଓ ବାଳିକା ମାନେ ପ୍ରାୟତଃ ଏହି ତିନୋଟି କାର୍ଯ୍ୟ କରି ଥାଆନ୍ତି। ଅନେକ ସମାଜରେ ମହିଳା ପ୍ରାୟ ସମସ୍ତ ପ୍ରକାର ପ୍ରଜନନ କାର୍ଯ୍ୟ ସଂପାଦନ କରିଥାଆନ୍ତି। ସେମାନେ ଶିଶୁମାନଙ୍କର ଲାଳନ ପାଳନ ସହ ଅଧିକ ପରିମାଣର ଉତ୍ପାଦିକା କାର୍ଯ୍ୟ କରିଥାଆନ୍ତି। ଗୋଟିଏ କ୍ଷେତ୍ରରେ ହସ୍ତକ୍ଷେପ ଅନ୍ୟ କ୍ଷେତ୍ରକୁ ବ୍ୟାପି ଥାଏ ବା ପ୍ରଭାବିତ କରିଥାଏ। ମହିଳା ମାନଙ୍କର ଅତ୍ୟଧିକ କାର୍ଯ୍ୟଭାର ସେମାନଙ୍କୁ ବିକାଶୋନ୍ମୁଖୀ ପ୍ରକଳ୍ପରେ ଅଂଶ ଗ୍ରହଣରୁ ବଂଚିତ କରିଥାଏ। ଯେତେବେଳେ ସେମାନେ ଉତ୍ପାଦନ ଭିତ୍ତିକ କାର୍ଯ୍ୟ ଯଥା କୃଷି ଓ ଅର୍ଥ ରୋଜଗାରକ୍ଷମ କାର୍ଯ୍ୟରେ ଅଧିକ ଅଂଶ ଗ୍ରହଣ କରନ୍ତି, ଅନ୍ୟାନ୍ୟ କାର୍ଯ୍ୟ ଯଥା ଶିଶୁମାନଙ୍କର ଲାଳନ ପାଳନ ଓ ଯତ୍ନ ଏବଂ ରୋଷେଇରେ ଅଧିକ ସମୟ ଦେଇ ପାରନ୍ତି ନାହିଁ।

ଗ୍ରାମାଞ୍ଚଳରେ ମହିଳାମାନେ ହେଉଛନ୍ତି ପରିବାରର କେନ୍ଦ୍ରବିନ୍ଦୁ ତେଣୁ ସେମାନେ କେବଳ ପରିବାରର ଦୈନନ୍ଦିନ ଚଳଣିରେ ଅଂଶ ଗ୍ରହଣ କରି ନଥାନ୍ତି। ସେମାନେ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଥାଆନ୍ତି। ଜଣେ ମହିଳା ପ୍ରାତଃ ସମୟରେ ପ୍ରଥମେ ବିଛଣା ଛାଡ଼େ। ସେ ଜଳ ସଂଗ୍ରହ କରେ, ଚୁଲି ଜାଳିବା ପାଇଁ ଜାଳେଣି ସଂଗ୍ରହ କରେ, ଗାଈଗୋରୁଙ୍କ ପାଇଁ ଖାଦ୍ୟ ସଂଗ୍ରହ କରେ ଓ ଅନ୍ୟମାନଙ୍କ ପାଇଁ ସବୁକିଛି ଯୋଗାଡ଼ କରେ। ସେ ଘରର ପ୍ରାୟ ସମସ୍ତ କାର୍ଯ୍ୟ ସଂପାଦନ କରେ ଏବଂ ପ୍ରତ୍ୟେକ ଦିନ ପ୍ରାୟ ୧୫ ଘଣ୍ଟାରୁ ଅଧିକ ସମୟ କାମ କରେ। ସେ ପରିବାର ମଧ୍ୟରେ ସବୁଠାରୁ ଶେଷରେ ବିଛଣାକୁ ଯାଏ। ସେ ସମାଜର ସଂସ୍କୃତି ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ତା ସହିତ ପିଲାମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ଅନେକ କିଛି କରିଥାଏ। ୪୦କୋଟି ଗ୍ରାମୀଣ ମହିଳାମାନଙ୍କ ମଧ୍ୟରୁ ଅଧିକାଂଶ ଅର୍ଥାତ୍ ୮୦% ଭାଗ ମହିଳା କୃଷି ଓ ଏହାର ସହାୟକ କାର୍ଯ୍ୟରେ ନିଯୁକ୍ତ ହୋଇ ଥାଆନ୍ତି। ଭାରତରେ ଗ୍ରାମୀଣ ମହିଳାମାନେ ସମୁଦାୟ ଉତ୍ପାଦନର ୬୦% ରୁ ୮୦% ଭାଗ ଖାଦ୍ୟ ଓ ୯୦% ଦୁଗ୍ଧ ଉତ୍ପାଦନ କରିଥାଆନ୍ତି। ଏହି ମହିଳାମାନେ ମଞ୍ଜି ଓ ବିହନ, ସାର ଓ କୀଟନାଶକ ନାମକ ଔଷଧ ସିଞ୍ଚନ କାର୍ଯ୍ୟ କରିଥାନ୍ତି। ଏତଦ୍‌ବ୍ୟତୀତ ସେମାନେ ଝରାଗଛ ଓ ଅନ୍ୟାନ୍ୟ ଗଛଲତା ପାଇଁ ଉତ୍ପାଦନକ୍ଷମ ଉର୍ବର ମୃତ୍ତିକା ନିର୍ଣ୍ଣୟ କରିଥାଆନ୍ତି। ମହିଳା ମାନଙ୍କର ପ୍ରାକୃତିକ ସମ୍ବଳ ସହିତ ନିଗୁଢ଼ ସଂପର୍କ ରହିଥାଏ। ଏହି ମହିଳାମାନେ ଜୈବ ବିବଧତାର ବ୍ୟବହାରକାରୀ, ସୁରକ୍ଷାକାରୀ ଓ ଏହାର ପରିଚାଳକ ଅଟନ୍ତି। ସେମାନଙ୍କର ସଂସ୍କୃତି ଓ କାର୍ଯ୍ୟକଳାପ ପ୍ରାକୃତିକ ସମ୍ବଳର ସନ୍ତୁଳିତ ଓ ସମ୍ମାନଜନକ ବ୍ୟବହାର ଓ ସୁରକ୍ଷାକୁ ବୁଦ୍ଧିମନ୍ତ କରିଥାଏ। ଏହାଦ୍ୱାରା ଭବିଷ୍ୟତ ପିଢ଼ିମାନେ ସେମାନଙ୍କର ଆବଶ୍ୟକତା ଓ ଚାହିଦା ପୂରଣ କରି ପାରିବେ।

ଉପଭୋକ୍ତା ଓ ଉତ୍ପାଦନକାରୀ, ପରିବାରର ତତ୍ତ୍ୱାବଧାରକ ଓ ଶିକ୍ଷକ ହିସାବରେ ମହିଳାମାନେ ଉପଯୁକ୍ତ ବିକାଶ ଅଭିବୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। କାରଣ ସେମାନେ ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ିର ଗୁଣାତ୍ମକ ବିକାଶ ଉପରେ ଧ୍ୟାନ ଦେଇ ଥାଆନ୍ତି। କିନ୍ତୁ ସମାଜରେ ପାତର ଅନ୍ତର ନୀତି ଯୋଗୁଁ ଗ୍ରାମୀଣ ମହିଳାମାନେ ପ୍ରାକୃତିକ ସମ୍ବଳ ଓ ପରିବେଶ ପରିଚାଳନା କ୍ଷେତ୍ରରେ ସେମାନଙ୍କ ସାମର୍ଥକୁ ପୂର୍ଣ୍ଣମାତ୍ରାରେ ଉପଯୋଗ କରିପାରନ୍ତି ନାହିଁ। ସେମାନଙ୍କ ପାଖରେ ପ୍ରଶିକ୍ଷଣ ସହ ଜମି ତଥା ସଂପତ୍ତିଗତ ଅଧିକାରର ଅଭାବତା ରହିଥାଏ।

୧.୩. ବିକାଶରେ ମହିଳା:

ବିକାଶ ଏକ ପ୍ରକ୍ରିୟା। କେଉଁ ଆବହମାନ କାଳରୁ ଏହି ପ୍ରକ୍ରିୟା ଚାଲୁ ରହିଛି। କିନ୍ତୁ ଗତ ପାଞ୍ଚ ଶହ ବର୍ଷ ମଧ୍ୟରେ ଏହି ପ୍ରକ୍ରିୟା ଅଧିକ ଗତିଶୀଳ ହୋଇଛି ଓ ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଏହାର ବେଗ

ଖୁବ୍ କ୍ଷୀପ୍ର ହୋଇଛି। ଆଜିକାଲି ବିକାଶ ଏକ ଅର୍ଥନୈତିକ ପ୍ରସଙ୍ଗ ହୋଇ ରହିନାହିଁ। ଏହା ଲୋକ ମାନଙ୍କ ଜୀବନର ଆର୍ଥିକ ଦିଗର ପରିଧି ବାହାରକୁ ଚଲି ଯାଇଛି। ବିକାଶକୁ ଏକ ବହୁମୁଖୀ ପ୍ରକ୍ରିୟା ଭାବରେ ଗ୍ରହଣ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ପରିବର୍ତ୍ତନ, ଲୋକମାନଙ୍କର ଜୀବନଧାରା, ଜାତୀୟ ଅନୁଷ୍ଠାନ ତଥା ଅର୍ଥନୈତିକ ପ୍ରଗତିର ବେଗ ବୃଦ୍ଧି, ଅସମାନତା ହ୍ରାସ ଓ ଉତ୍କଟ ଦାରିଦ୍ର୍ୟର ନିରାକରଣ ଇତ୍ୟାଦି ପ୍ରସଙ୍ଗ ଗୁଡ଼ିକ ଏହା ଅନ୍ତର୍ଭୁକ୍ତ ହୋଇଛି।

- **ମାନବର ପ୍ରଚ୍ଛନ୍ନ ଶକ୍ତିକୁ ଅନୁଭବ କରିବା ହିଁ ବିକାଶ :**

କେତେକ ବିକାଶକୁ ଇଚ୍ଛାକୃତ-ମାନସିକ ଅବସ୍ଥା ହିସାବରେ ଦେଖିଥାଆନ୍ତି। ଏହି ଦୃଷ୍ଟିରୁ ବିକଶିତ ସମାଜକୁ ଏକ ଆଧୁନିକ ଶିଳ୍ପୋନ୍ନତ ସମାଜ ବୋଲି କୁହାଯାଇଥାଏ। କାରଣ ଆଧୁନିକ ଶିଳ୍ପୋନ୍ନତ ସମାଜ ସଂପଦ ହାସଲ ସହ ଏହାର ଉପଯୋଗର କେତେକ ସ୍ତର ହାସଲ କରିଥିବାରୁ ଏହା ଆର୍ଥିକ ସ୍ୱଚ୍ଛଳତା ହାସଲ କରିଥାଏ। ଆଉ କେତେକ ବିକାଶକୁ ଏକ ପରିକଳ୍ପନା ବୋଲି ବିବେଚନା କରି ଥାଆନ୍ତି। ଏଥିରେ ଉତ୍ପାଦନ ଓ ଉପଭୋଗର ସ୍ତରକୁ କେନ୍ଦ୍ର ବିନ୍ଦୁ ରୂପେ ଧରା ନଯାଇ ମଣିଷର ଚହିଦା ଓ ପ୍ରଚ୍ଛନ୍ନ ବା ଅନ୍ତର୍ନିହିତ ଶକ୍ତିକୁ କେନ୍ଦ୍ର ବିନ୍ଦୁ ରୂପେ ଧରାଯାଇଥାଏ। ବିକାଶର କେତେକ ଦିଗ ଉପରେ ନିମ୍ନରେ ଆଲୋଚନା କରିବା।

୧.୩.୧. ବିକାଶ: ମାନବ ବ୍ୟକ୍ତିତ୍ୱର ଏକ ପରିପ୍ରକାଶ :

ଡୁଡ଼ଲି ସିଅର୍ସ (Dudley Seers) ବିକାଶର ଅର୍ଥ ବ୍ୟାଖ୍ୟା କରିବାକୁ ଯାଇ କହନ୍ତି ଯେ ବିକାଶ କହିଲେ କାହାକୁ ବୁଝିବା ସେ ବିଷୟରେ ଯେତେବେଳେ ମୂଲ୍ୟବୋଧ ଭିତ୍ତିକ ନିଷ୍ପତ୍ତି ହୋଇପାରିବ, ସେତେବେଳେ ବିକାଶର ଲକ୍ଷ୍ୟ ସାର୍ବଜନୀନ ଭାବରେ ଗ୍ରହଣୀୟ ହୋଇପାରିବ। ବିକାଶର ଏହି ସାର୍ବଜନୀନତା ଗ୍ରହଣୀୟ ହୋଇ ଏଭଳି ପରିସ୍ଥିତି ସୃଷ୍ଟି କରିଥାଏ, ଯାହା ମଣିଷର ବ୍ୟକ୍ତିତ୍ୱର ପ୍ରଚ୍ଛନ୍ନ ଶକ୍ତି ବା ଅନ୍ତର୍ନିହିତ ଗୁଣାବଳୀକୁ ଅନୁଭବ କରିହୁଏ। ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ସିଅର୍ସ (Seers) କେତେକ ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରନ୍ତି। ସେଗୁଡ଼ିକ ହେଲା-

- ଘରର ଆବଶ୍ୟକତା ବିଶେଷତଃ ଖାଦ୍ୟ ଯୋଗାଡ଼ ଜନିତ ଦକ୍ଷତା
- ପାଠପଢ଼ା ସହିତ ପରିବାରର କୃଷିକ୍ଷେତ୍ର ବା ଘରର ରକ୍ଷଣା ବେକ୍ଷଣା ଇତ୍ୟାଦି କୌଣସି ଏକ କାର୍ଯ୍ୟ
- ଆପଣା ଅଧିକାର ବଳରେ ସମତା ଅର୍ଜନ କରିବା
- ସରକାରୀ କାର୍ଯ୍ୟରେ ଅଂଶ ଗ୍ରହଣ
- ଅର୍ଥନୈତିକ ଓ ରାଜନୈତିକ ଦୃଷ୍ଟି କୋଣରୁ ପ୍ରକୃତ ସ୍ୱାଧୀନ ରାଷ୍ଟ୍ରରେ ସଦସ୍ୟତା ଅର୍ଜନ

- ଶିକ୍ଷା କ୍ଷେତ୍ରରେ ବିଶେଷତଃ ସାକ୍ଷରତା କ୍ଷେତ୍ରରେ ପର୍ଯ୍ୟାପ୍ତ ସ୍ତର ଉପଲବ୍ଧ ହେବା ଆବଶ୍ୟକ।

ବିକଳ୍ପ ବିକାଶ ଜଣେ ଆଗଧାଡ଼ିରେ ସମର୍ଥକ ଡ଼ାଭିଡ଼ କେର୍ଟେନ (David Korten) ବିକାଶର ତିନୋଟି ମୌଳିକ ଲକ୍ଷଣ ବିଷୟରେ ଉଲ୍ଲେଖ କରିଛନ୍ତି। ଏହାକୁ ସେ ବାସ୍ତବ ବିକାଶ ବୋଲି କହନ୍ତି। ଏହିଗୁଡ଼ିକ ହେଉଛି- ନ୍ୟାୟ, କ୍ରିୟାଶୀଳତା ଓ ଅନ୍ତର୍ନିବେଶ। ବିକାଶ ନିମ୍ନଲିଖିତ ପ୍ରସଙ୍ଗକୁ ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ସେ ମତ ଦିଅନ୍ତି।

- ନ୍ୟାୟ : ସବୁ ବ୍ୟକ୍ତିଙ୍କୁ ଯଥୋଚିତ ଭାବେ ବଂଚିବା ପାଇଁ ସୁନିଶ୍ଚିତତା ପ୍ରଦାନ କରିବାକୁ ନ୍ୟାୟ କୁହାଯାଏ।

- କ୍ରିୟାଶୀଳତା : ପୃଥିବୀର ସମ୍ବଳ ଏଭଳି ଭାବରେ ବ୍ୟବହୃତ ହେବ ଯେପରି ଭବିଷ୍ୟତ ପିଢ଼ିଙ୍କର ସ୍ୱାର୍ଥ ସୁରକ୍ଷିତ ରହିପାରିବ।

- ଅନ୍ତର୍ନିବେଶ: ପ୍ରତ୍ୟେକ ବ୍ୟକ୍ତିକୁ ପରିବାର, ସାମାଜିକ ଗୋଷ୍ଠୀ ଓ ସମାଜର ସହାୟକ ହିସାବରେ ସ୍ୱୀକୃତି ଓ ସମ୍ମାନ ଦିଆଯିବା ଦରକାର।

ଚିଲିର ଜଣେ ଅର୍ଥନୀତିଜ୍ଞ ଓ ମାନବିକ ଅଧିକାର ତଥା ବିକଳ୍ପ ବିକାଶର ଜଣେ ଦୃଢ଼ ସମର୍ଥକ ମାନଫ୍ରେଡ଼.ଏ. ମାକ୍ସ ନିଫ୍ (Manfred A. Max Neef) ଦକ୍ଷିଣ ଆମେରିକୀୟ ଦେଶମାନଙ୍କରେ ଆର୍ଥିକ ବିକାଶର ଭ୍ରାନ୍ତି ଦୂର କରିଥିଲେ। ସେ ମୌଳିକ ମାନବୀୟ ଆବଶ୍ୟକତା ପୂରଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସେ ବିକାଶ ଉପରେ ପର୍ଯ୍ୟବସିତ ଏକ ନୂତନ ତତ୍ତ୍ୱ ସୃଷ୍ଟି କରିଥିଲେ। ସେ ଏହାକୁ ମାନବୀୟ ମାନଦଣ୍ଡ ବିକାଶ ବୋଲି ଅଭିହିତ କରିଛନ୍ତି। ଏହି ଧରଣର ବିକାଶର ଅନ୍ୟାନ୍ୟ ଲକ୍ଷଣ ଗୁଡ଼ିକ ହେଉଛି -

- ସ୍ୱୟଂ ସଂପୂର୍ଣ୍ଣ ଯୋଜନା
- ଆତ୍ମନିର୍ଭରଶୀଳତାର ସ୍ତର ବୃଦ୍ଧି
- ମାନବ, ପ୍ରକୃତି ଓ ବୈଷୟିକ ଜ୍ଞାନ ସମ୍ମିଳିତ ଓ ସନ୍ତୁଳିତ ପରସ୍ପର ନିର୍ଭରଶୀଳତା
- ବ୍ୟକ୍ତିଗତ ଓ ସାମାଜିକ ସଂପର୍କ ମଧ୍ୟରେ ସମନ୍ୱୟ ସ୍ଥାପନା
- ମାନବ ସମାଜ ଓ ରାଷ୍ଟ୍ର ମଧ୍ୟରେ ଗଠନ ମୂଳକ କ୍ରିୟା ଓ ପ୍ରତିକ୍ରିୟା
- ସ୍ଥାନୀୟ କାର୍ଯ୍ୟ କଳାପର ସମାନ୍ତରାଳ ବିଶ୍ଳାୟନ ପ୍ରକିୟା କରଣର ଉନ୍ମେଷ।

୧.୩.୨ : ଜନତାର ବିକାଶ :

ମାନବୀୟ ମାନଦଣ୍ଡ ବିକାଶରେ ଜନତାକୁ ମୁଖ୍ୟ କର୍ତ୍ତା ବୋଲି ଧରା ଯାଇଥାଏ। ଏଥିରେ ଲୋକ ମାନଙ୍କ ମଧ୍ୟରେ ଥିବା ଭିନ୍ନତାକୁ ସମ୍ମାନ ପ୍ରଦାନ କରାଯାଇ ଥାଏ। ମାନବୀୟ ମାନଦଣ୍ଡ ବିକାଶରେ ଆଜି ଦିନରେ କର୍ମ ସ୍ଥାନରେ ଥିବା ବ୍ୟକ୍ତିକୁ ପରବର୍ତ୍ତୀ ସମୟରେ କର୍ତ୍ତା ସ୍ଥାନକୁ ପରିବର୍ତ୍ତନ କରାଯାଇପାରେ। ଆମେ ଆଗେ ନିଭାଇ ଥିବା ବିଭିନ୍ନ ବିକାଶ ମୁଖ୍ୟତଃ ଉଚ୍ଚ ନୀଚ ଭେଦଭାବ ମଧ୍ୟ ଦେଇ ଗତି କରିଛି। ଏଥିରେ ବିକାଶ ପ୍ରକ୍ରିୟାରେ ଅଂଶଗ୍ରହଣ ଓ ନିଷ୍ପତ୍ତି ନିର୍ଣ୍ଣୟର ସଂଭାବନା ଖୁବ୍ କ୍ଷୀଣ। ତେଣୁ ମାନବୀୟ ମାନଦଣ୍ଡ ବିକାଶ ଏକ ପ୍ରତ୍ୟକ୍ଷ ଓ ସହଯୋଗୀ ଗଣତନ୍ତ୍ର ପାଇଁ ଆହ୍ୱାନ ଦେଇଥାଏ। ଏଥିରେ ରାଷ୍ଟ୍ରକୁ ତାର ପାରମ୍ପରିକ ପିତୃ କୈନ୍ଦ୍ରିକ ଓ ବିକାଶମୂଳକ ଭୂମିକା ତ୍ୟାଗ କରିବାକୁ ପଡ଼ିଥାଏ। ଜନତାଙ୍କ ସଶକ୍ତିକରଣ ସାଧାରଣ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରିବା ବଦଳରେ ବିକାଶକୁ ଆଗକୁ ନେଇଥାଏ। ଏହି ଦୃଷ୍ଟିରୁ ବିକାଶ ମାନବର ମୌଳିକ ଦକ୍ଷତାକୁ ବୃଦ୍ଧି କରିବାକୁ ଚେଷ୍ଟା କରିଥାଏ। ଏହା ମାନବକୁ ସେମାନଙ୍କ ନିଜ ବିକାଶର ନିଜେ ପ୍ରତିନିଧି ରୂପେ ଗଢ଼ି ତୋଳିବାକୁ ପ୍ରୟାସ କରିଥାଏ।

୧.୩.୩. ଜନତାଙ୍କ ଅଂଶ ଗ୍ରହଣ :

ପୁଞ୍ଜିବାଦୀ ବିକାଶ ପ୍ରକ୍ରିୟାରେ ହେଉ ବା ଜାତୀୟ ଅର୍ଥନୀତିକୁ ବିଦେଶୀ ବଜାରରେ ଯୋଡ଼ିବା ପ୍ରକ୍ରିୟାରେ ହେଉ, ଯେତେବେଳେ ରାଜନୈତିକ ଓ ଅର୍ଥନୈତିକ ନିଷ୍ପତ୍ତି ଗ୍ରହଣ କରାଯାଏ ସେତେବେଳେ ସାଧାରଣ ଜନତାଙ୍କୁ ବାଦ୍ ଦେବାପାଇଁ ଗଣତାନ୍ତ୍ରୀକ ରାଷ୍ଟ୍ରମାନେ ମଧ୍ୟ ଇଚ୍ଛାପ୍ରକାଶ କରନ୍ତି। ଏହା ଦ୍ୱାରା ରାଷ୍ଟ୍ର ନିଜେ ଏକ ଜାତୀୟ ଏକଚ୍ଛତ୍ରବାଦରେ ପରିଣତ ହୋଇଥାଏ। ସାମାଜିକ ସୁବିଧା ନେବା ପାଇଁ ଲୋକଙ୍କର ସୀମିତ ଇଚ୍ଛାଶକ୍ତି ରହିଥାଏ ଓ ଜନତାଙ୍କ ସୀମିତ ଅଂଶ ଗ୍ରହଣ ସରକାରଙ୍କର ବଣ୍ଟନ ନୀତିକୁ ପୂର୍ଣ୍ଣାଙ୍ଗ କରି ନଥାଏ। ଏହା ବାଦ୍ ଏହା ସରକାରଙ୍କର ବଣ୍ଟନ ନୀତିକୁ ଦୁର୍ବଳ କରିଥାଏ। କ୍ଷମତାଶାଳୀ ଅର୍ଥନୈତିକ ସୁବିଧାଗୋଷ୍ଠୀ ଗୁଡିକ ବିକାଶର ଜାତୀୟ କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରି ଥାଆନ୍ତି। ଆମ ସମାଜରେ ବିବିଧତା ଯୋଗୁଁ ସମାଜର ଅଳ୍ପ କିଛି ଲୋକଙ୍କ ହାତରେ କ୍ଷମତା ଓ ସମ୍ବଳ ଠୁଳ ହୋଇ ରହିଥାଏ। ଜନତାଙ୍କ ଉପରେ ଗୁରୁତ୍ୱ, ବିକାଶ ଓ ଆତ୍ମନିର୍ଭରଶୀଳତାର ବିଭିନ୍ନ ଦିଗକୁ ସୂଚୀତ କରେ। 'ମାନବ କୈନ୍ଦ୍ରୀକ ବିକାଶ', 'ମାନବର ବିକାଶ' ଓ ସମନ୍ୱିତ ବିକାଶ ଆଦି ସ୍ଲୋଗାନ ଗୁଡ଼ିକ ମୌଳିକ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ପରିବର୍ତ୍ତନ ପାଇ ଗଠନମୂଳକ ଓ ସ୍ୱର୍ଶକାତର ତତ୍ତ୍ୱକୁ ଆହ୍ୱାନ କରିଥାଏ। ଲୋକଙ୍କ ଜୀବନର ସମସ୍ତ ଦିଗ, ସେମାନଙ୍କ ସଂଗଠନ, ଇତିହାସ ଓ ସଚେତନତା ଓ ଅନ୍ୟମାନଙ୍କ ସହ ସେମାନଙ୍କ ସଂପର୍କ ଏକ ସନ୍ତୁଳିତ ପ୍ରଗତି ପାଇଁ ପଥ

ଉନ୍ମୁକ୍ତ କରିଥାଏ। ସଂପୂର୍ଣ୍ଣ ବିକାଶ ସହିତ ମୌଳିକ ଆବଶ୍ୟକତା ତତ୍ତ୍ୱର ପ୍ରଚଳନ ବିକାଶର କାର୍ଯ୍ୟସୂଚୀ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ। ଏହି କାର୍ଯ୍ୟସୂଚୀ ସାର୍ବଜନୀନ ଭାବରେ ପ୍ରଯୁଜ୍ୟ ହୋଇଥାଏ। ଏହି ସମୟରେ ଏହା ରାଷ୍ଟ୍ରରେ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ଉପରୋକ୍ତ ଗୁରୁତ୍ୱ ପ୍ରଦାନ କରିଥାଏ।

୧.୩.୪. ବିଭିନ୍ନତାର ପୁଷ୍ଟି ସାଧନ :

ମାନବୀୟ ମାନଦଣ୍ଡ ବିକାଶର ସମସ୍ୟାରେ ବିଚଳିତ ନହୋଇ ବିବିଧତାର ପୁଷ୍ଟି ସାଧନ କରିବା ଆବଶ୍ୟକ। ରାଜନୈତିକ ଓ ଅର୍ଥନୈତିକ ବା ବିକେନ୍ଦ୍ରୀକରଣ ପାଇଁ ଉପାୟ ନିର୍ଦ୍ଧାରଣ କରିବା, ଗଣତାନ୍ତ୍ରିକ ପରମ୍ପରାକୁ ଶକ୍ତିଶାଳୀ କରିବା ଓ ସାଂପ୍ରତିକ ସାମାଜିକ ଆନ୍ଦୋଳନକୁ ନିରୁତ୍ସାହିତ କରିବା ବଦଳରେ ଏହାକୁ ପ୍ରୋତ୍ସାହିତ କରିବା ଏହି ପୁଷ୍ଟି ସାଧନର ଲକ୍ଷ୍ୟ। ସ୍ୱତନ୍ତ୍ରତା ପାଇଁ ଏହା ଜନସାଧାରଣଙ୍କର ଆବଶ୍ୟକତାକୁ ପ୍ରତିଫଳିତ କରିଥାଏ। ଯଦି ସ୍ଥାନୀୟ ସ୍ୱାର୍ଥ ସୁରକ୍ଷିତ ରହିବ ଓ ଅଣୁ ସଂଗଠନ ଗୁଡ଼ିକ ଉତ୍ସାହିତ ହେବେ ତେବେ ଅର୍ଥନୈତିକ ବିକାଶର ସୁଫଳ ସମାନ ଓ ଉପଯୁକ୍ତ ଭାବରେ ବଣ୍ଟନ କରାଯାଇପାରିବ। ଏହି କ୍ଷେତ୍ରରେ ପରିବେଶ ଉପରେ ଜନସାଧାରଣଙ୍କର ସର୍ବାଧିକ ନିୟନ୍ତ୍ରଣ ନିଶ୍ଚିତ। ବାସ୍ତବରେ ବିକାଶର ଏହି ପ୍ରସଙ୍ଗ ସାଧାରଣ ସମାଜର ଉନ୍ନତି ଚିନ୍ତା କରିଥାଏ। ରାଷ୍ଟ୍ରରେ ପୁଷ୍ଟି ସାଧନକୁ ଏହା ସମର୍ଥନ କରି ନଥାଏ। ଏହାଦ୍ୱାରା ସାମାଜିକ କର୍ମୀ ମାନଙ୍କର ଭୂମିକା ବୃଦ୍ଧି ପାଇଥାଏ।

୧.୩.୫. ବିକାଶ ଏକ ମୁକ୍ତ ପ୍ରକ୍ରିୟା :

ମାନବୀୟ ମାନଦଣ୍ଡ ବିକାଶରେ ବାସ୍ତବ ବିକାଶ ପାଇଁ ଏକ ପରିକଳ୍ପନା ରହିଛି। ବିକାଶ ଏକ ଅବସ୍ଥା ନୁହେଁ, ଏହା ଏକ ପ୍ରକ୍ରିୟା। ଏହା ଏପରି ଏକ ପ୍ରକ୍ରିୟା ଯାହା ଅର୍ଥନୈତିକ, ସାମାଜିକ ଓ ବୈଷୟିକ ଜ୍ଞାନ ମଧ୍ୟରେ ସୀମିତ ରହିଥାଏ। ଏହା ଦ୍ୱାରା ମାନବର ଉନ୍ନତିରେ ବୃଦ୍ଧି ଘଟିଥାଏ ଓ ରାଜନୈତିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଶୋଭା ମଣ୍ଡନ ହୋଇଥାଏ।

ସର୍ବୋପରି ଏହି ଧାରଣା ବିକାଶକୁ ଯେକୌଣସି ପ୍ରକାର ନିର୍ଦ୍ଦିଷ୍ଟ ପ୍ରତିବନ୍ଧକରୁ ମୁକ୍ତ ରଖେ। ଏଥିରେ ବିକାଶ ଏକ ଇଚ୍ଛାଧୀନ ପସନ୍ଦରେ ପରିଣତ ହୋଇଥାଏ, ଯାହାକୁ କେବଳ ଲୋକମାନେ ଆବଶ୍ୟକ କରନ୍ତି, ବୁଝିପାରନ୍ତି ଓ ତାକୁ ଯୋଡ଼ିବାରେ ସକ୍ଷମ ହୋଇ ଥାଆନ୍ତି। ବିଶେଷ ଅବିରତ ଗତିରେ ମାନବ ସମାଜ ପାଇଁ ଏକ ପ୍ରକ୍ରିୟା ହେବା ଆବଶ୍ୟକ। ଏହା ବ୍ୟତୀତ ସ୍ଥିର ଗତିରେ ଗତିଶୀଳ ହେଉଥିବା ସେମାନଙ୍କର ପରିବେଶ ସ୍ଥିର ସୀମାରେଖା ଓ ନିଷ୍କ୍ରିୟ ଦିଗକୁ ବାରଣ କରିଥାଏ। ତେଣୁ ସାମାଜିକ ଓ ମାନବୀୟ ବିକାଶ ନିହାତି ଭାବରେ ଏକ ସମାନ ଭିତ୍ତିକ ଦିଗର ଆବଶ୍ୟକତା ଅନୁଭବ କରିଥାଏ। ଏହା ଲୋକଙ୍କ ପାଇଁ କୁହାଯାଇ ଥିବା ଯୋଜନା, ନୀତି ଓ କାର୍ଯ୍ୟକ୍ରମ ଗୁଡ଼ିକରେ ଅର୍ଥନୈତିକ ଓ ସାମାଜିକ ଦିଗକୁ ଯୋଡ଼ିଥାଏ।

ବିଭିନ୍ନ ଗୋଷ୍ଠୀର ବିକାଶ ଓ ଆଞ୍ଚଳିକ ବିକାଶର ଆବଶ୍ୟକତା ମଧ୍ୟରେ ଏକ ସମୟରେ ସମନ୍ୱୟ ଆଣିବା ଓ ସହଯୋଗୀ ମୂଳକ ବିକାଶ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା ଏକ ବଡ଼ ସମସ୍ୟା। ପରିବେଶ ପ୍ରଦୂଷଣ, ମହିଳା, ଜୀବଜଗତ, କ୍ଷୁଧା ଓ ନିଯୁକ୍ତି ଆଦି ସମସ୍ୟା ଗୁଡ଼ିକ ଗୋଟିଏ ପରେ ଗୋଟିଏ ସୃଷ୍ଟି ହୋଇ ଥାଆନ୍ତି। ଏହି ସମସ୍ୟା ଗୁଡ଼ିକର ସମାଧାନ ପାଇଁ ସାଧାରଣ ଓ ଆନୁଷ୍ଠାନିକ ପଦକ୍ଷେପ ସହିତ ସମ୍ବଳର ଆବଶ୍ୟକତା ହୋଇଥାଏ। ଯେକୌଣସି ପ୍ରକାରେ ବିକାଶ ପାଇଁ ହେଉଥିବା ଉଦ୍ୟମ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସାଂପ୍ରତିକ ସମସ୍ୟା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ଏହି ଦୁଇଟି ହେଉଛି ମଣିଷର ନିରାପତ୍ତା ଓ ଗୁଣବତ୍ତା।

ଆମେ ଏହା ସୁନିଶ୍ଚିତ କରିବାକୁ ଚାହୁଁଛୁ ଯେ ବିକାଶ କହିଲେ ସାମାଜିକ ଅବ୍ୟବସ୍ଥା, ହିଂସା ଓ ଯୁଦ୍ଧକୁ ବୁଝାଏ ନାହିଁ। ଭବିଷ୍ୟତ ପିଢ଼ିଙ୍କୁ ତାଙ୍କର ମୌଳିକ ଆବଶ୍ୟକତା ପୂରଣ କରିବାର ଦକ୍ଷତାକୁ ପ୍ରତିହତ ନକରି ବର୍ତ୍ତମାନ ପିଢ଼ିର ଆବଶ୍ୟକତା ପୂରଣ କରିବାକୁ ଆମେ ଚାହୁଁ। ଏହି ପ୍ରତ୍ୟେକଟି ସମସ୍ୟା ଜଟିଳ ଉପାୟରେ ପରସ୍ପର ସହିତ ଜଡ଼ିତ ଓ ଏଥିପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ। ମାନବକୁ ବିକଶିତ କରିବା ବିକାଶର ଲକ୍ଷ୍ୟ ହେବା ଆବଶ୍ୟକ। ବିକାଶୋନ୍ମୁଖୀ ପ୍ରସଙ୍ଗରେ ଏହି ପ୍ରକ୍ରିୟାର ଅନ୍ତ ହେବା ଉଚିତ୍ ନୁହଁ। ମଣିଷର ମୌଳିକ ଆବଶ୍ୟକତାର ପୂରଣ ବିକାଶର ବାସ୍ତବ ଲକ୍ଷ୍ୟ ହେବା ଦରକାର। ଯେଉଁ କାର୍ଯ୍ୟ ଏହି ସଫଳତା ହାସଲ କରିପାରେ ନାହିଁ କିମ୍ବା ମୌଳିକ ଆବଶ୍ୟକତା ହାସଲ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରେ, ତାକୁ ବିକାଶର ଲକ୍ଷ୍ୟ ବୋଲି କୁହାଯାଇପାରିବ ନାହିଁ।

୧.୪. ମହିଳା ମାନଙ୍କ ଉପରେ ବିକାଶର ପ୍ରଭାବ :

ଲିଙ୍ଗ ନିରପେକ୍ଷତାକୁ ବିକାଶ କୁହାଯାଏ ନାହିଁ। ବିକାଶ ପ୍ରକ୍ରିୟାରେ ସବୁ ପୁରୁଷ ଓ ମହିଳା ମାନଙ୍କର ଅଂଶ ଗ୍ରହଣ ଓ ସମାନତା ବିଷୟରେ ଯେତେବେଳେ ଜଣେ ବିତର୍କ କରେ, ଆମେ ସେତେବେଳେ ଜୀବ ବିଜ୍ଞାନର ସାମାଜିକ ଦିଗ ଓ ଶାରୀରିକ ପ୍ରତିବନ୍ଧକ ବିଷୟରେ ଭିନ୍ନ ଭିନ୍ନ ମତ ପୋଷଣ କରିଥାଉ। ମହିଳା ଓ ବିକାଶ ହେଉଛି ଏକ ଅନୁଚିନ୍ତା। ଏହା ମହିଳା ମାନଙ୍କର ସମାନତା ଓ ନ୍ୟାୟ ଭଳି ପ୍ରସଙ୍ଗକୁ ଜନ୍ମ ଦେଇଥାଏ।

୧.୪.୧. ଲିଙ୍ଗ ଅସମାନତାର ପ୍ରଗାଢ଼ତା:

ଲିଙ୍ଗ ଅସମାନତା ଉତ୍ପାନର ସ୍ୱଳ୍ପତା ପାଇଁ କାରଣ ହୋଇଥାଏ। ଏତଦ୍‌ବ୍ୟତୀତ କେବଳ ପରିବାର ନୁହେଁ, ଅର୍ଥନୀତିର ସମସ୍ତ କ୍ଷେତ୍ରରେ ଶ୍ରମର ଦକ୍ଷତାକୁ ହ୍ରାସ କରିବା ସହ ସମ୍ବଳର ବଣ୍ଟନ କ୍ଷେତ୍ରରେ ଅସମାନତା ସୃଷ୍ଟି କରିଥାଏ। ନିରାପତ୍ତା, ସୁଯୋଗ ଓ ସଶକ୍ତିକରଣର ଅଭାବ ଯୋଗୁଁ ଉଭୟ ପୁରୁଷ ଓ ମହିଳା ମାନଙ୍କର ଜୀବନର ମାନ ହ୍ରାସ ପାଇଥାଏ। ଏପରିକି ଯେତେବେଳେ ମହିଳା ଓ ବାଳିକା ମାନେ

ଲିଙ୍ଗ ଅସମାନତାର ଶିକାର ହୁଅନ୍ତି, ଏହା ସ୍ୱୀକାର କରିବାକୁ ହେବ ଯେ ସମାଜର ସମସ୍ତ ଲୋକ ବିକାଶର ଅଭାବତା ଓ ଦାରିଦ୍ର୍ୟର ଶିକାର ହୋଇଥାଆନ୍ତି। ତେଣୁ ମହିଳା ମାନଙ୍କର ବିକାଶ ଏକାଧାରରେ ଏକ ଲିଙ୍ଗଗତ ଓ କ୍ରମବୃଦ୍ଧି ପ୍ରସଙ୍ଗ। ତେଣୁ ବିକାଶର ଯୋଜନା ପ୍ରଣୟନକାରୀମାନେ ଶତାବ୍ଦୀ ଶତାବ୍ଦୀ ଧରି ମହିଳା ମାନଙ୍କର ନ୍ୟୂନତା ବିଷୟରେ ଅବଗତ ହେବା ଆବଶ୍ୟକ। ଏହି ନ୍ୟୂନତା ବା ଅଧସ୍ତନତା ମହିଳା ମାନଙ୍କର ଗମନ, ସେମାନଙ୍କର ଶ୍ରମ, କାମୁକତା ଓ ଗର୍ଭଧାରଣ ଶକ୍ତିକୁ ନିୟନ୍ତ୍ରଣ କରିଥାଏ।

୧.୪.୨. ମହିଳା ମାନଙ୍କ ପାଇଁ ମିଶ୍ରିତ ସୁଫଳ :

ଯଦି ମହିଳା ମାନଙ୍କୁ ଦେଖିବା, ବିକାଶ ସେମାନଙ୍କ ପାଇଁ ମିଶ୍ରିତ ସୁଫଳ ଆଣିଅଛି। ପରମ୍ପରା ଓ ଅନ୍ଧ ବିଶ୍ୱାସ ଯୋଗୁଁ ମହିଳାମାନେ ଏ ପର୍ଯ୍ୟନ୍ତ ପାରିବାରିକ ଜୀବନରେ ବ୍ୟକ୍ତିଗତ କ୍ଷେତ୍ର ମଧ୍ୟରେ ସୀମାବଦ୍ଧ ହୋଇ ରହିଥିଲେ। କିନ୍ତୁ ବିକାଶ ମହିଳା ମାନଙ୍କର ସୁଯୋଗକୁ ପ୍ରସାରିତ କରିବା ସହ ପାରିବାରିକ ଜୀବନର ସାଧାରଣ କ୍ଷେତ୍ରରେ ବଂଚିବା ପାଇଁ ଦ୍ୱାର ଉନ୍ମୁକ୍ତ କରିଛି। ଆହୁରି ମଧ୍ୟ ବିଶ୍ୱର ଅଧିକାଂଶ ଅଂଚଳରେ ଦେଖାଯାଇଛି ଯେ ଏବେ ମଧ୍ୟ ମହିଳାମାନେ ବିଭିନ୍ନ ସୁବିଧା ସୁଯୋଗ ଉପଭୋଗ କରିବା ସମୟରେ ଅସମାନତାର ଶୀକାର ହୋଇ ଆସୁଅଛନ୍ତି। ବେଳେବେଳେ ମହିଳା ମାନଙ୍କର ବିକାଶ କହିଲେ ପୁରୁଷ ଓ ମହିଳା ମାନଙ୍କର ରୋଜଗାରର ବ୍ୟବଧାନ ବୃଦ୍ଧି ଓ ସେମାନଙ୍କର ସମୟ ଓ ଶକ୍ତିର ବର୍ଦ୍ଧିତ ଚାପକୁ ବୁଝାଇଥାଏ। ବହୁସଂଖ୍ୟାରେ ମହିଳାମାନେ ଅତି ନିର୍ଦ୍ଦୟ ଭାବରେ ଅଣସଂଗଠିତ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି। ସେଠାରେ ସେମାନେ ନିର୍ଯାତିତ ହେବା ସହ ଶୋଷଣର ଶିକାର ହୋଇ ଥାଆନ୍ତି। ଜୈବିକ କାରଣ ଓ ସାମାଜିକ ଦାୟିତ୍ୱ ବୋଧତା ତଥା ସମାଜରେନ୍ୟୂନ ମର୍ଯ୍ୟାଦା ଲାଭ କରୁଥିବାରୁ ସେମାନେ ଏ ସବୁକୁ ସହ୍ୟ କରି ନିଅନ୍ତି।

୧.୪.୩. ଦ୍ୱୈତ ଦାୟିତ୍ୱର ପ୍ରଗାଢ଼ତା :

ବାସ୍ତବରେ ମହିଳା ମାନେ ଦୁଇ ଥର କ୍ଷତିଗ୍ରସ୍ତ ହୋଇଥାଆନ୍ତି। କାରଣ ବିକାଶ ଯୋଜନାକାରୀ ମାନେ ମହିଳା ମାନଙ୍କର ଦ୍ୱୈତ ଭୂମିକାକୁ ଆବଶ୍ୟକୀୟ ସ୍ୱୀକୃତି ଦେବାରେ ଅକ୍ଷମ ହୋଇଛନ୍ତି। ସେମାନେ ଏକା ଧାରାରେ ସନ୍ତାନ ପ୍ରସବ ସହ ସେମାନଙ୍କର ଲାଳନ ପାଳନ କରିଥାନ୍ତି ଓ ସେମାନଙ୍କର ନିଜର ଅର୍ଥନୈତିକ କାର୍ଯ୍ୟକଳାପ ସଂପାଦନ କରି ଥାଆନ୍ତି। ମହିଳା ହେଉଛନ୍ତି ମାଆ –ଏହି କ୍ଷୁଦ୍ର ସଂଜ୍ଞା ମଧ୍ୟରେ ସମସ୍ତେ ସେମାନଙ୍କୁ ଭୁଲି ଯାଆନ୍ତି ଓ ସେମାନଙ୍କ ଆର୍ଥିକ କାର୍ଯ୍ୟ କଳାପକୁ ଅବମୂଲ୍ୟାୟନ କରି ସେମାନଙ୍କୁ ଆର୍ଥିକ ପରାଧୀନ ବୋଲି ବିବେଚନା କରିଥାଆନ୍ତି। ଏକ ପକ୍ଷରେ ଶିଶୁ ମାନଙ୍କର ମୁଖ୍ୟଦାୟିତ୍ୱ ସେମାନଙ୍କୁ ସେମାନଙ୍କ ନିଯୁକ୍ତି ବଜାର ସହ ସଂପର୍କକୁ ସୀମିତ କରେ। ଅନ୍ୟ ପକ୍ଷରେ ଏହି ବଜାର ସେମାନଙ୍କୁ ସମ୍ମାନଜନକ ଓ ଅଧିକ ରୋଜଗାରକ୍ଷମ ନିଯୁକ୍ତିରୁ ବଂଚିତ କରେ କାରଣ ଏହା

ସେମାନଙ୍କର କାର୍ଯ୍ୟଦକ୍ଷତା ଓ ପୁରୁଷମାନଙ୍କ ସମକକ୍ଷ ଦକ୍ଷତାର ସହ କାମ କରି ପାରିବେ କି ନାହିଁ, ଏହି ଦୁଇଟି ପ୍ରସଙ୍ଗକୁ ପ୍ରୋତ୍ସାହିତ କରିଥାଏ। ଆହୁରି ମଧ୍ୟ ବର୍ତ୍ତମାନର ସଂଜ୍ଞାନୁସାରେ ଅର୍ଥ ପାଇଁ କାର୍ଯ୍ୟ କରାଯାଇଥାଏ। ଆଧୁନିକ ପରିପାଟୀରେ ମହିଳା ମାନଙ୍କର ଆର୍ଥିକ ଅବଦାନ ଖୁବ୍ ନଗଣ୍ୟ। ଉତ୍ପାଦନ ହେଉଥିବା କୃଷି କ୍ଷେତ୍ରଠାରୁ ଦୂରରେ ରହୁଥିବା ପରିବାରର ସଦସ୍ୟ ମାନଙ୍କୁ ଉତ୍ପାଦନରୁ ବାଦ୍ ଦିଆଯାଏ। ଠିକ୍ ସେହିପରି ଏହି ସଂଜ୍ଞାଗୁଡ଼ିକ କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳା ମାନଙ୍କୁ ଉତ୍ପାଦନରୁ ବାଦ୍ ଦେଇ ଥାଆନ୍ତି। ବିକଳ୍ପ ଶ୍ରମିକ ହିସାବରେ ନିଯୁକ୍ତି, ଘର କାମ, ଶିଶୁ ମାନଙ୍କର ଯତ୍ନ ଓ ଏହିଭଳି ଅନେକ କାର୍ଯ୍ୟ ପାଇଁ ମହିଳାମାନେ କୌଣସି ପାରିଶ୍ରମିକ ବା ମଜୁରୀ ପାଇ ନଥାନ୍ତି।

୧.୪.୪. ଲିଙ୍ଗ ଭୂମିକାର ପୁନରାବୃତ୍ତିକୁ ଝଲୁ ରଖିବା :

ଲିଙ୍ଗ ଭୂମିକାର ପୁନରାବୃତ୍ତି ଏପରି ଏକ ପରିସ୍ଥିତି ସୃଷ୍ଟି କରିଛି, ଯେଉଁଥିରେ ବିକାଶ ମୂଳକ ହସ୍ତକ୍ଷେପ କୃଷି ପ୍ରଣାଳୀର ଆଧୁନିକୀକରଣ ପାଇଁ ଲକ୍ଷ୍ୟ ରଖିଛି। ପ୍ରଶିକ୍ଷଣ, ଋଣ ଓ ବିଭିନ୍ନ ସମ୍ବଳ ଯଥା ମଞ୍ଜି, ବିହନ ଓ ଜମିଭଳି ପ୍ରସଙ୍ଗକୁ ପୁରୁଷ ମାନଙ୍କ ମଧ୍ୟରେ ସୀମିତ ରଖିବା କେବଳ ସମସ୍ୟାକୁ ବୃଦ୍ଧି କରିଛି। ସବୁଜ ବିପ୍ଳବ ସମୟରେ ଯଥେଷ୍ଟ ପରିମାଣର ମୂଳଧନ ବ୍ୟବହାର କରାଯାଇଥିଲା। ଉନ୍ନତ ମଞ୍ଜି ଓ ବିହନ, ସାର ଓ ଆଧୁନିକ କୃଷି ଯନ୍ତ୍ରପାତି ଯୋଗୁଁ ଅଧିକ ଅମଳ ସମ୍ଭବ ହୋଇ ପାରିଥିଲା। କିନ୍ତୁ ଏଥିରେ ଖୁବ୍ କମ୍ ସଂଖ୍ୟକ ଶ୍ରମିକ ନିଯୁକ୍ତ ହୋଇଥିବା ଯୋଗୁଁ, ଏହା ବେକାରୀ ସମସ୍ୟା ସୃଷ୍ଟି କରିଥିଲା। ତେଣୁ ମହିଳାମାନେ ପୁଣିଥରେ କୃଷି କ୍ଷେତ୍ରରେ ସେମାନଙ୍କର ପାରମ୍ପରିକ ନିଯୁକ୍ତି ହରାଇବେ। କେବଳ ପୁରୁଷ ମାନଙ୍କ ପାଇଁ ବିକଳ୍ପ ନିଯୁକ୍ତିର ଯୋଜନା କରାଯାଇଥିଲା।

୧.୪.୫. ପାରମ୍ପରିକ ଅର୍ଥନୀତିରେ ମହିଳା ମାନଙ୍କର ଭୂମିକା ହ୍ରାସ :

ମହିଳା ମାନଙ୍କର ମର୍ଯ୍ୟାଦା ହ୍ରାସ ହୋଇ ପୁରୁଷ ଓ ମହିଳା ମାନଙ୍କ ମଧ୍ୟରେ ଥିବା ବ୍ୟବଧାନ ବୃଦ୍ଧି ପାଇଛି। ସ୍ୱତନ୍ତ୍ରତା ବିହୀନ ସାଧାରଣ ଅର୍ଥନୀତି ଅଧିକ ସମାନଧର୍ମୀ ହୋଇଛି। ଯଦି ମହିଳା ମାନଙ୍କ କଥା ଦେଖିବା, ତେବେ ପୁରୁଷ ଓ ମହିଳା ମାନଙ୍କ ମର୍ଯ୍ୟାଦା ମଧ୍ୟରେ ପାର୍ଥକ୍ୟ ଦେଖାଯାଏ। ପୁରୁଷ ମାନଙ୍କ ଉପକାର ନିମନ୍ତେ ମାନବ ସଭ୍ୟତା ଖୁବ୍ ଅଧିକ ପରିମାଣର କାର୍ମିକ ସ୍ୱତନ୍ତ୍ରତା ସୃଷ୍ଟି କରିଛି। ଏହା ମହିଳା ମାନଙ୍କ ମର୍ଯ୍ୟାଦାକୁ ବହୁଳ ଭାବରେ ହ୍ରାସ କରିଛି। ସେମାନେ ନିର୍ଭରଶୀଳ ସ୍ତରକୁ ଝଲିଆସିଛନ୍ତି କାରଣ ସେମାନେ ସେମାନଙ୍କର ପୂର୍ବ ପ୍ରଚଳିତ ଖାଦ୍ୟ ଉତ୍ପାଦନ କାର୍ଯ୍ୟରୁ ପୃଥକ ହୋଇ ଯାଇଛନ୍ତି। ଯେହେତୁ ମହିଳାମାନେ ସଭ୍ୟ ସମାଜରେ ସେମାନଙ୍କ କର୍ମ ହରାଇଲେ, ସେମାନେ ଅଧିକରୁ ଅଧିକ ଆର୍ଥିକ ବୋଝ ଦ୍ୱାରା ଦୁର୍ବଳ ହୋଇ ପଡ଼ିଲେ। କାରଣ ସେମାନେ ପୁରୁଷଙ୍କ ନିୟନ୍ତ୍ରଣକୁ ଝଲି ଆସିଲେ। ନୃତାତ୍ତ୍ୱିକ ପ୍ରମାଣରୁ ଜଣାଯାଏ ଯେ ଜୀବନଧାରଣର ମାନ ଉପରେ ସଭ୍ୟତାର ପ୍ରଭାବ ଯୋଗୁଁ ସନ୍ତାନ ଲାଳନ

ପାଳନ କ୍ଷେତ୍ରରେ ଓ ଅନ୍ୟାନ୍ୟ ଘର କାମରେ ପୁରୁଷ ମାନଙ୍କର ହସ୍ତକ୍ଷେପରେ ହ୍ରାସ ଘଟିଛି। ବିକାଶକୁ ଆର୍ଥିକ କାର୍ଯ୍ୟକଳାପ ବୋଲି ବିବେଚନା କରାଯିବାରୁ ମହିଳା ମାନଙ୍କ ପାରମ୍ପରିକ କାର୍ଯ୍ୟକୁ ଏଥିରୁ ବାଦ୍ ଦିଆଗଲା। ତେଣୁ ଫଳତଃ ଏହା ପୁରୁଷ ମାନଙ୍କ ଉପରେ ଗୁରୁତ୍ୱ ପ୍ରଦାନ କଲା।

୧.୪.୬. ଘରୋଇ ସଦସ୍ୟଙ୍କର ମହିଳାୟନ :

ପାରମ୍ପରିକ ସର୍ବସାଧାରଣ ଜମି ମାଲିକାନା ସତ୍ତ୍ୱରେ ଏବେ ପରିବର୍ତ୍ତନ ଘଟିଛି। ଏ କ୍ଷେତ୍ରରେ ବ୍ୟକ୍ତିଗତ ସଂପତ୍ତି ମାଲିକାନା ସତ୍ତ୍ୱ ଓ ଅର୍ଥକାରୀ ଫସଲ ପ୍ରଚଳନ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା। ଏହି ଦୁଇଟି ଘଟଣା ପାରମ୍ପରିକ ଆର୍ଥିକ ବ୍ୟବସ୍ଥାରେ ମହିଳା ମାନଙ୍କର ଭୂମିକାକୁ ଗୌଣ କରିଛି ଓ ଅପର ପକ୍ଷରେ ପୁରୁଷ ମାନଙ୍କୁ ବେଶ୍ ସହାୟକ ହୋଇଛି। ଏହାଦ୍ୱାରା ପୁରୁଷମାନେ ଜମି ଓ ଫସଲ ଉପରେ ସେମାନଙ୍କର ଅଧିକାର ସାବ୍ୟସ୍ତ କରିପାରିଛନ୍ତି। ଆଧୁନିକ ବିତ୍ତୀୟ ଅର୍ଥନୈତିକ ବ୍ୟବସ୍ଥାରେ ମୁଖ୍ୟ ଆକର୍ଷଣ ହେଉଛି ବହୁଳ ପରିମାଣର ଦେଶାନ୍ତର ଗମନ। ପୁରୁଷମାନେ ବହୁ ସଂଖ୍ୟାରେ ଘରଦ୍ୱାର ଛାଡ଼ି ବାହାରକୁ ଚଲି ଯାଉଛନ୍ତି। ତେଣୁ ଘରେ ରହିଯାଉଥିବା ମହିଳାମାନେ ଅତିରିକ୍ତ କାର୍ଯ୍ୟ ହିସାବରେ ପୁରୁଷମାନେ କରୁଥିବା କାର୍ଯ୍ୟ କରୁଛନ୍ତି। ଏହା ଦ୍ୱାରା ମହିଳା ମାନଙ୍କର ଅବସର ଓ ବିଶ୍ରାମ ସମୟର ପରିମାଣ ଯଥେଷ୍ଟ ଭାବରେ ହ୍ରାସ ପାଇଥାଏ। ଉନ୍ନତ ପରିବହନ ଓ ବଜାର ସୁବିଧା ଉଭୟ ପୁରୁଷ ଓ ମହିଳା ମାନଙ୍କ ପାଇଁ ମିଶ୍ରିତ ଉପକାର ଆଣିଛି। ବଜାର ସୁବିଧାର ଅଭିବୃଦ୍ଧି ଗ୍ରାମୀଣ ରୋଜଗାର ଉପରେ ସକାରାତ୍ମକ ପ୍ରଭାବ ପକାଇ ଥାଏ। ଏହା ମଧ୍ୟ ପାରମ୍ପରିକ ବୃତ୍ତି ହିସାବରେ ବହୁଳ ଭାବରେ ବିଭିନ୍ନ ପ୍ରକାର ଦ୍ରବ୍ୟ ଉତ୍ପାଦନ କରୁଥିବା ବ୍ୟକ୍ତିଙ୍କ ଉପରେ ପ୍ରଭାବ ପକାଇଥାଏ। ଗାଁ ମାଟିରେ ତିଆରି ଦ୍ରବ୍ୟ କେବେ ହେଲେ ଶସ୍ତାରେ ଉପଲବ୍ଧ ହେଉଥିବା ମେସିନ୍ ତିଆରି ଦ୍ରବ୍ୟ ସହିତ ପ୍ରତିଯୋଗିତା କରି ପାରିବ ନାହିଁ।

୧.୪.୭. ଶିକ୍ଷା ମଧ୍ୟକୁ ଭିନ୍ନତାର ପ୍ରବେଶ :

୧୯୮୦ ଦଶନ୍ଧି ଠାରୁ ଶ୍ରମର ମହିଳାକରଣ ନାମକ ଏକ ପ୍ରସଙ୍ଗ ବିଶ୍ୱସ୍ତରୀୟ ବିକାଶ ହିସାବରେ ଖ୍ୟାତିଲାଭ କରିଛି। ଶ୍ରମର ମହିଳା କରଣ ଏଭଳି ଏକ ପ୍ରକ୍ରିୟା ଯେଉଁଥିରେ ମଜୁରୀ ହ୍ରାସ ପାଇଥାଏ କିମ୍ବା ବିନା ମଜୁରୀରେ ଉତ୍ପାଦନ କରିବାର ଉଦ୍ଦେଶ୍ୟ ରହିଥାଏ। ଏହି ବ୍ୟବସ୍ଥାରେ ମହିଳାମାନଙ୍କୁ କର୍ମଚରୀ ଭାବେ ଅଗ୍ରାଧିକାର ଦିଆଯାଇଥାଏ। କାରଣ ସେମାନେ ଖୁବ୍ ଶସ୍ତାରେ ଅସ୍ଥାୟୀ ଭାବେ ଉପଲବ୍ଧ ହୋଇ ଥାଆନ୍ତି। ଯେତେବେଳେ ଆବଶ୍ୟକ ହୁଏ ସେମାନଙ୍କୁ ସହଜରେ କାର୍ଯ୍ୟରୁ ଅନ୍ତର କରାଯାଇପାରେ। ଏହା ନିଃସନ୍ଦେହ ଯେ, ଏହି ବ୍ୟବସ୍ଥାରେ ଅଧିକ ମହିଳା କାମ କରିବାର ସୁଯୋଗ ପାଇଥାଆନ୍ତି। ସେମାନେ ନାନା ଅବ୍ୟବସ୍ଥା ମଧ୍ୟରେ କାମ କରିଥାଆନ୍ତି। ସାଂଗଠନିକ ସମାଧାନ ଯୋଜନା

(Structural Adjustment programme) ଓ ନୂତନ ଅର୍ଥନୀତି ଅଧିକାଂଶ ମହିଳାଙ୍କ ପାଖରେ ଦେଖାଯାଏ ନାହିଁ। ଅବଶ୍ୟ ମହିଳା ମାନଙ୍କ ଉନ୍ନତି ବିଷୟରେ ଅନେକ କିଛି କୁହାଯାଇଥାଏ। ଏହାଦ୍ୱାରା ମହିଳାଙ୍କ ମଧ୍ୟରେ ଦାରିଦ୍ର୍ୟ ବୃଦ୍ଧି, ବଞ୍ଚିବାର ଦୁର୍ବଳ ଆକର୍ଷଣରେ ମହିଳା ଓ ଶିଶୁଙ୍କୁ ପରିତ୍ୟାଗ, ବେଶ୍ୟାବୃତ୍ତି ଓ ନାରୀହିଂସା ଆଦି କେତେକ ଉଦ୍‌ବେଗଜନକ ସାମାଜିକ ପ୍ରତିଫଳନ ଦେଖା ଦେଇଥାଏ। ଏଗୁଡ଼ିକୁ ଆର୍ଥିକ ବିକାଶର ପରିପନ୍ଥୀ ବୋଲି କୁହାଯାଏ। ଏସବୁ ହେଉଛି ବେସରକାରୀ କରଣ, ଉଦାରୀକରଣ ଓ ଜଗତୀକରଣ ପାଇଁ କରାଯାଇଥିବା ବିଭିନ୍ନ ଯୋଜନାର କୁପରିଣାମ।

ଲିଙ୍ଗଗତ ଅସମାନତାକୁ ହ୍ରାସ କରିବା ପାଇଁ ଶିକ୍ଷାକୁ ଏକ ପ୍ରମୁଖ ବିକାଶ ମୂଳକ ପଦକ୍ଷେପ ବୋଲି ଧରି ନିଆଯାଇଥାଏ। ଅନେକ ଗବେଷକ ବାଳିକା ଶିକ୍ଷା ଓ ଆର୍ଥିକ ଉତ୍ପାଦନ, ବସ୍ତୁ ଓ ଶିଶୁ ମୃତ୍ୟୁ, ଗର୍ଭଧାରଣ ହାର ଓ ଭବିଷ୍ୟତ ପିଢ଼ିଙ୍କର ସ୍ୱାସ୍ଥ୍ୟ ପ୍ରସଙ୍ଗ ମଧ୍ୟରେ ଏକ ସକାରାତ୍ମକ ସଂଯୋଗ ଦେଖନ୍ତି। ଯଦି ଆମେ ଶିକ୍ଷା ଓ ଆଧୁନିକୀକରଣ ଏବଂ ମହିଳାମାନଙ୍କ ଉପରେ ଏହାର ପ୍ରଭାବ ବିଷୟରେ ଅନୁସନ୍ଧାନ କରିବା, ଆମେ ପୂର୍ବ ଔପନିବେଶିକ ରାଷ୍ଟ୍ର ମାନଙ୍କରେ ଶିକ୍ଷାର ପ୍ରଭାବଶାଳୀ ପ୍ରକୃତିକୁ ଦେଖିପାରିବା। ଅର୍ଥାତ୍ ଶିକ୍ଷା ସାଧାରଣ ଭାବରେ ଗ୍ରାମାଞ୍ଚଳର ଲୋକଙ୍କ ପାଖରେ ଓ ନିର୍ଦ୍ଦିଷ୍ଟ ଭାବେ କହିବାକୁ ଗଲେ ମହିଳାଙ୍କ ପାଖରେ ପହଞ୍ଚି ପାରିନାହିଁ। ଏବେ ମଧ୍ୟ ଆଫ୍ରିକା, ଏସିଆ ଓ ଦକ୍ଷିଣ ଆମେରିକାରେ ପୁରୁଷ ଓ ମହିଳା ମାନଙ୍କ ସାକ୍ଷରତା ହାର ମଧ୍ୟରେ ବିରାଟ ବ୍ୟବଧାନ ଦେଖାଯାଏ। ଯେତେବେଳେ ମହିଳାମାନେ ପାରମ୍ପରିକ ବୃତ୍ତିରେ ନିୟୋଜିତ ଥିଲେ, ସେତେବେଳେ ଶିକ୍ଷାର ଅଭାବତା ଗୋଟିଏ ବଡ଼ ସମସ୍ୟା ନଥିଲା। କିନ୍ତୁ ଯେତେବେଳେ ବିକାଶ ଓ ତତ୍ ସଂକ୍ରାନ୍ତୀୟ ପରିବର୍ତ୍ତନ ଘଟୁଛି, ସେତିକି ବେଳେ ମହିଳା ମାନଙ୍କର ପାରମ୍ପରିକ ବୃତ୍ତିର ଗୁରୁତ୍ୱ ହ୍ରାସ ପାଉଛି। ଅଳ୍ପ ଶିକ୍ଷିତ ମହିଳା ମାନଙ୍କ ପାଇଁ ନୂତନ କ୍ଷେତ୍ର ମଧ୍ୟକୁ ପ୍ରବେଶ କରିବା କଷ୍ଟକର ହୋଇ ପଡ଼ିଛି। ଜ୍ଞାନ ଓ ପ୍ରଶିକ୍ଷଣର ଅଭାବତା ଯୋଗୁଁ ହାଟ ବଜାରରେ ମହିଳାମାନେ ଖୁବ୍ ନ୍ୟୂନ ସ୍ଥାନକୁ ଝଲିଆସନ୍ତି। ଏହି କାରଣ ଯୋଗୁଁ ସେମାନେ କର୍ମ କ୍ଷେତ୍ରରେ ଶୋଷଣର ଶିକାର ହୋଇ ଥାଆନ୍ତି। ସେମାନେ ମଧ୍ୟ ପୁରୁଷ ମାନଙ୍କ ସହିତ ପ୍ରତିଯୋଗିତା କରି ପାରନ୍ତି ନାହିଁ। ଏହି ଶିକ୍ଷା ଅଭାବତା ଋଣ ଗ୍ରହଣ, ସୃଜନଶୀଳତା ଓ ସ୍ୱାଧୀନ ଭାବରେ ରୋଜଗାର କରି ଅର୍ଥ ଉପାର୍ଜନ କରିବାର କ୍ଷମତାକୁ ଭୀଷଣ ଭାବେ ସଂକୁଚିତ କରିଥାଏ। ସହରକୁ ଦେଶାନ୍ତର ଗମନ କଲେ ଗ୍ରାମୀଣ ମହିଳାମାନେ ନିଜକୁ ଘରୋଇ ଝକରାଣୀ, ଦୋକାନର ସହାୟିକା ଅଥବା ବେଶ୍ୟାବୃତ୍ତି ଭଳି ସ୍ୱଳ୍ପ ରୋଜଗାର କ୍ଷମ ବୃତ୍ତିରେ ନିଜକୁ ଆବିଷ୍କାର କରନ୍ତି।

ଶିକ୍ଷା ମଧ୍ୟବିତ୍ତ ଓ ଉଚ୍ଚ ଶ୍ରେଣୀ ପାଇଁ ବିଭିନ୍ନ ଝକିରୀ ନିମନ୍ତେ ଦ୍ୱାର ଉନ୍ମୁକ୍ତ କଲାଣି। ଶିକ୍ଷକ, ନର୍ସ ଓ ଡ଼ାକ୍ତର ଭଳି ଝକିରୀରେ ଏହି ଶ୍ରେଣୀର ମହିଳା ମାନଙ୍କର ପ୍ରବେଶ ଦେଖାଗଲାଣି। କମ୍ପ୍ୟୁଟର ଓ

ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ନୂତନ ନିଯୁକ୍ତି ସୁଯୋଗ ଯୋଗୁଁ ମଧ୍ୟବିତ୍ତ ଶ୍ରେଣୀର ଅନେକ ମହିଳା ଅଧିକ ଦରମାପ୍ରାପ୍ତ ଚାକିରୀରେ ଯୋଗ ଦେଲେଣି। ତେଣୁ ମନେ ରଖିବାକୁ ହେବ ଯେ, ମୋଟାମୋଟି ଭାବରେ କେବଳ ପାରିବାରିକ ସମସ୍ୟା ପରିସ୍ଥିତିରେ ମହିଳା ମାନଙ୍କର ଆର୍ଥିକ କାରବାରକୁ ଅନୁମତି ଦିଆଯାଇଥାଏ, ଯେତେବେଳେ ମହିଳାମାନେ କିଛି ରୋଜଗାର କରିବାର ଆବଶ୍ୟକତା ପଡ଼େ, ଘରେ ବଣ୍ଟନ କରାଯାଇଥିବା କାମରେ କିଛି ପରିବର୍ତ୍ତନ ନକରି ସେମାନେ କିଛି ଅତିରିକ୍ତ ଆୟ କରିଥାନ୍ତି। ଭାରତ ଭଳି ଦେଶ ମାନଙ୍କରେ ଶିକ୍ଷିତ ମହିଳାମାନେ ଅନେକ ସମୟରେ ଅନେକ ସମ୍ମାନଜନକ ଚାକିରୀରେ ଯୋଗ ଦେଇଥାଆନ୍ତି। ଏଥିପାଇଁ ଅନେକ କାରଣ ସେମାନଙ୍କ ସପକ୍ଷରେ ଥାଏ। ପ୍ରଥମତଃ, ସେମାନଙ୍କର ପରିବାର ଏହାକୁ ସମର୍ଥନ କରିଥାଏ। ସଂପୃକ୍ତ ପରିବାର ଗୁଡ଼ିକ ସେମାନଙ୍କ ଶିକ୍ଷା ଓ ଚାକିରୀ ପାଇଁ ଗର୍ବ ଅନୁଭବ କରନ୍ତି। ଏଥି ସହିତ ଘରକାମ କରିବା ପାଇଁ ଶସ୍ତାରେ ଶ୍ରମ ମିଳିଥାଏ। କିନ୍ତୁ ଅନ୍ୟ ପକ୍ଷରେ ମହିଳା ମାନଙ୍କର ଘର ବାହାରେ କାମ କରିବା ସମସ୍ୟା ମୁକ୍ତ ନୁହେଁ। ଛାଡ଼ପତ୍ର, ଅଲଗା ରହିବା, ମହିଳା ମୁଖିଆ ହେବା, ପରିବାରର ସଂଖ୍ୟା ବୃଦ୍ଧି ହେବା ଇତ୍ୟାଦି ସମସ୍ୟା ସୃଷ୍ଟି ହୋଇଥାଏ। ମହିଳା ମୁଖିଆ ପରିବାର ସଂଖ୍ୟା ବୃଦ୍ଧି ସହିତ ପୁରୁଷ ଓ ମହିଳାଙ୍କ ମଧ୍ୟରେ ତିକ୍ତତା ବୃଦ୍ଧିର ସଂପର୍କ ରହିଛି। ଏଥିପାଇଁ ମହିଳାମାନଙ୍କୁ ମଧ୍ୟ ଦିନକୁ ଦୁଇଟି ପର୍ଯ୍ୟାୟରେ କାମ କରିବାକୁ ପଡ଼େ। ପୁରୁଷମାନେ ପାରିବାରିକ ଜଞ୍ଜାଳରୁ ନିଜକୁ ଦୂରେଇ ରଖନ୍ତି। ଏଥିସହିତ ଏଥି ସଂପର୍କିତ ଆଉ ଏକ ସମସ୍ୟା ରହିଛି। ଏହା ହେଉଛି ସାଂପ୍ରତିକ ହିଂସା ବୃଦ୍ଧି ଓ ମହିଳାଙ୍କ ବିରୁଦ୍ଧରେ ଅପରାଧ। ଏହା ବିକାଶ ଉଦ୍ୟମରେ ମହିଳାମାନଙ୍କର ମୁକ୍ତି ଓ ପୂର୍ଣ୍ଣ ଅଂଶଗ୍ରହଣକୁ ବାରଣ କରି ସେମାନଙ୍କୁ ପୁରୁଷ ମାନଙ୍କର ଅଧସ୍ତନ କରିବାକୁ ବାଧ କରିଥାଏ।

୧.୪.୮. ପରିବେଶ ଅବକ୍ଷୟ ଓ ମହିଳା ମାନଙ୍କ ସମସ୍ୟା ବୃଦ୍ଧି :

ଯଦି ଆମେ ବିକାଶ ଓ ପରିବେଶ ଉପରେ ଏହାର ପ୍ରଭାବ ଉପରେ ନଜର ପକାଇବା ତେବେ ଆମେ ଦେଖିବା ପୂର୍ବରୁ ପରିବେଶରେ ଯେଉଁ ସନ୍ତୁଳନ ରହିଥିଲା, ତାହା ଏବେ ଧ୍ୱଂସ ହୋଇଯାଇଛି। ଏଥିପାଇଁ ମଣିଷର ପୁଞ୍ଜିବାଦୀ ବେଲଗାମ୍ ନିଶା ଦାୟୀ। ଏହା ପୁରୁଷ ମାନଙ୍କ ଅପେକ୍ଷା ମହିଳା ମାନଙ୍କୁ ଅଧିକ ପ୍ରଭାବିତ କରିଛି। କାରଣ ସେମାନେ ଜୀବନରେ ସଂଗ୍ରାମ କରନ୍ତି। ସେମାନେ ଜାଳେଣି ସଂଗ୍ରହ କରନ୍ତି, ବହୁ ଦୂରରୁ ଜଳ ସଂଗ୍ରହ କରନ୍ତି ଓ ରୋଷେଇ ବାସରେ ବହୁ ସମୟ ବ୍ୟୟ କରନ୍ତି। ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟରେ ମହିଳା ମାନଙ୍କର ଭାଗିଦାରୀ ସୂଚାଇ ଦିଏ ଯେ ପରିବେଶ ଅବକ୍ଷୟ ମହିଳା ମାନଙ୍କ ପାଇଁ ଯନ୍ତ୍ରଣା ଆଣିଦେଇଛି। କାରଣ ଆଗେ ସେମାନେ ପ୍ରସ୍ତୁତ ହୋଇ ରହିଥିବା ବ୍ୟବହାର

ଉପଯୋଗୀ ପ୍ରାକୃତିକ ସମ୍ବଳକୁ ବ୍ୟବହାର କରୁଥିଲେ। କିନ୍ତୁ ଆଜି ସେଗୁଡ଼ିକୁ ବ୍ୟବହାର କରିବା ପାଇଁ ସେମାନଙ୍କୁ କଷ୍ଟ କରିବାକୁ ପଡୁଛି। ଏପରିକି ଏଥିପାଇଁ ସେମାନଙ୍କୁ ପଇସା ଖର୍ଚ୍ଚ କରିବାକୁ ପଡୁଛି।

୧.୪.୯. ନୂତନ ବୈଷୟିକ ଜ୍ଞାନ ଓ ମହିଳାମାନଙ୍କର କଷ୍ଟକର କାର୍ଯ୍ୟବୃଦ୍ଧି :

ବିକାଶ ସଂପର୍କରେ ମହତ୍ତ୍ୱପୂର୍ଣ୍ଣ ଆଲୋଚନା ଓ ପର୍ଯ୍ୟାଲୋଚନା ବେଳେବେଳେ ମହିଳାମାନଙ୍କୁ ଘର ପରିସର ମଧ୍ୟକୁ ଟାଣି ଆଣିଥାଏ। କାରଣ ସେମାନେ ପରିବାରର କଷ୍ଟକର ଓ ନିର୍ଦ୍ଦିଷ୍ଟ କେତେକ କାର୍ଯ୍ୟର ଶିକାର ହୋଇଥାଆନ୍ତି। ଘରକରଣା ଜିନିଷ ଓ ଆଧୁନିକ ବିଜ୍ଞାନ ରୂପରେ ବୈଷୟିକ ଜ୍ଞାନର ସବୁ ଅସୁବିଧାର ତ୍ରାଣକର୍ତ୍ତା ବା ସମାଧାନକାରୀ ଭାବରେ ଦେଖାଯାଇଥାଏ। ଏହି ବୈଷୟିକ ଜ୍ଞାନ ବାସ୍ତବରେ ସବୁକିଛିର ମୁକ୍ତିଦାତା ବା ତ୍ରାଣକର୍ତ୍ତା ନୁହେଁ। ଅତ୍ୟଧିକ ପରିମାଣର ପରିବେଶ ପ୍ରଦୂଷଣ ଓ ଅବକ୍ଷୟର ଏହି ବୈଷୟିକ ଜ୍ଞାନ ସହିତ ସଂପର୍କ ରହିଛି। ଆମକୁ ଧ୍ୟାନ ଦେବାକୁ ହେବ ଯେ, ମହିଳା ମାନେ ଏକ ସନ୍ତୁଳିତ ଓ ଅଧଃପତନ ମୁକ୍ତ ପ୍ରକୃତି ଓ ମାନବ ସମାଜର ଉଦ୍‌ବର୍ତ୍ତନ ମଧ୍ୟରେ ଥିବା ସଂପର୍କ ବିଷୟରେ ଖୁବ୍ ସଚେତନ। କାରଣ ସମଗ୍ର ପୃଥିବୀରେ ପ୍ରକୃତି ଓ ପରିବେଶକୁ ଲୁଣ୍ଠନ କରୁଥିବା ପୁଞ୍ଜିପତି ମାନଙ୍କ ବିରୁଦ୍ଧରେ ଯେଉଁ ଲଢ଼େଇ ଚାଲିଛି, ଏଥିରେ ମହିଳା ମାନେ ହିଁ ନେତୃତ୍ୱ ନେଇଛନ୍ତି, ଏମିତି ବି ହୋଇପାରେ, ପରମାଣୁ ଶକ୍ତି କେନ୍ଦ୍ର ନିର୍ମାଣରେ କିମ୍ବା ଖଣିଜ ଚୁନପଥର କାରଖାନା ନିର୍ମାଣରେ ମହିଳାମାନେ ନେତୃତ୍ୱ ନେଇଛନ୍ତି।

ବିକାଶ ମହିଳାମାନଙ୍କ ନିମନ୍ତେ ଅନାବଶ୍ୟକ ବୋଲି କୁହାଯାଇପାରିବ ନାହିଁ। ଅନ୍ୟ ପକ୍ଷରେ ମହିଳା ମାନଙ୍କର କେତେକ ଗତାନୁଗତିକ କାର୍ଯ୍ୟରେ ବିକାଶ ହସ୍ତକ୍ଷେପ କରିନାହିଁ ବୋଲି କୁହାଯାଇ ପାରିବ ନାହିଁ। ଏହା ସେମାନଙ୍କର ଉତ୍ପାଦିକା ଶକ୍ତିକୁ ନକରାତ୍ମକ ଭାବରେ ପ୍ରଭାବିତ କରିଛି ଏବଂ ମହିଳାମାନଙ୍କ ଜୀବନରେ ଅନେକ ପ୍ରତିବନ୍ଧକ ସୃଷ୍ଟି କରିଛି। ବିକାଶର ହସ୍ତକ୍ଷେପ ମହିଳାମାନଙ୍କର ମାତୃତ୍ୱ ଭୂମିକାକୁ ଅଗ୍ରାଧିକାର ଦେଇଛି କିମ୍ବା ତାଙ୍କର ଆର୍ଥିକ ସଂସ୍ଥାକୁ ଅଗ୍ରାଧିକାର ଦେଇଛି। ତାଙ୍କ ଭୂମିକାର ଅନ୍ୟ ଅର୍ଦ୍ଧେକକୁ ଅବହେଳା କଲାବେଳେ ଏଭଳି ଏକ ପରିସ୍ଥିତି ସୃଷ୍ଟି ହୁଏ, ଯେଉଁଥିରେ ମହିଳାମାନେ ବିକାଶର ଲକ୍ଷ୍ୟ ହାସଲ ବେଳେ ପୁରୁଷ ମାନଙ୍କ ସହିତ ସମକକ୍ଷ ହେବା କୌଣସି ଠାରେ ଦେଖାଯାଏ ନାହିଁ।

୧.୫. ବିକାଶ ନୀତିରେ ମହିଳାମାନେ ଏକ ଅଂଶ :

କେବଳ ୧୯୭୦ ଦଶନ୍ଧିରେ ବିକାଶ ନୀତିରେ ମହିଳା ମାନଙ୍କୁ ଏକ ବଳକା ଗୋଷ୍ଠୀ ବଦଳରେ ଏକ ସ୍ୱତନ୍ତ୍ର ଗୋଷ୍ଠୀ ଭାବରେ ବିବେଚନା କରାଯାଇଥିଲା। ସେହି ସମୟରେ ବିକାଶ ଯୋଜନା ପ୍ରଣୟନକାରୀମାନେ ବିକାଶର ବିଫଳତାକୁ ହୃଦୟଙ୍ଗମ କରିଥିଲେ। କାରଣ ସେହି ସମୟରେ ଦାରିଦ୍ର୍ୟ ଓ

ବେକାରୀ ଭଳି ସମସ୍ୟା ଗୁଡ଼ିକ ଉତ୍କଟ ରୂପ ଧାରଣ କରିଥିଲା। ସେଥିପାଇଁ ବିକାଶର ଦ୍ୱିତୀୟ ଦଶନ୍ଧିରେ ଅର୍ଥନୈତିକ ଅଭିବୃଦ୍ଧି ସହିତ ମୌଳିକ ଆବଶ୍ୟକତା ପୂରଣ ଓ ଦାରିଦ୍ର୍ୟ ନିରାକରଣ ଉପରେ ଗୁରୁତ୍ୱ ଆରୋପ କରିବାର ଆବଶ୍ୟକତା ଥିଲା।

ଠିକ୍ ସେହି ସମୟରେ ବିକାଶ ନୀତିରେ ମହିଳା ପ୍ରସଙ୍ଗକୁ ସ୍ଥାନ ଦେବାପାଇଁ ନାରୀ ଆନ୍ଦୋଳନ ଖୁବ୍ ତେଜି ଉଠିଲା। ବିଭିନ୍ନ ଗବେଷଣା ମହିଳା ମାନଙ୍କର ଉତ୍ପାଦିକା କାର୍ଯ୍ୟ ଯଥା ଖାଦ୍ୟ ଉତ୍ପାଦନରେ ମହିଳା ମାନଙ୍କର ଭୂମିକାକୁ ଲୋକ ଲୋଚନକୁ ଆଣିଲେ। ସମଗ୍ର ବିଶ୍ୱରେ ଦରିଦ୍ରଙ୍କ ମଧ୍ୟରେ ମହିଳା ମାନଙ୍କର ସଂଖ୍ୟା ଅଧିକ ବୋଲି ତ ପ୍ରକାଶ ପାଇଲା। ମହିଳା ମାନଙ୍କର ପ୍ରଜନନ ଓ ସମାଜରେ ସେମାନଙ୍କର ସ୍ଥିତି ଲୋକଲୋଚନକୁ ଆସିଲା। ମହିଳାମାନଙ୍କୁ ବିକାଶର ରକ୍ଷା ହାସଲରେ ସାମିଲ କରିବା ପାଇଁ ବିଭିନ୍ନ ସ୍ତରରୁ ମତ ପ୍ରକାଶ ପାଇଲା। ତେଣୁ ମିଳିତ ଜାତି ସଂଘର "ମହିଳା ମାନଙ୍କ ପାଇଁ ଦଶନ୍ଧି" (Decade for women) ଘୋଷଣା କରାଗଲା। ବିକାଶକୁ କିଭଳି ମହିଳା ମାନଙ୍କ ଦିଗକୁ ନିଆ ଯାଇପାରିବ ସେ ସଂପର୍କରେ ଏହି ଘୋଷଣା ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଲା। ୧୯୭୦ ପୂର୍ବରୁ ନୀତି ପ୍ରଣୟନକାରୀ ମାନେ ନିର୍ଦ୍ଦିଷ୍ଟ ଭାବରେ ଲିଙ୍ଗ ଭିତ୍ତିକ ଶୈଳୀରେ ମହିଳା ମାନଙ୍କ ଉପରେ ଗୁରୁତ୍ୱ ଦେଉଥିଲେ। ସେତେବେଳେ ବିକାଶରେ ପୁରୁଷ ମାନଙ୍କୁ ପରିବାରର ମୁଖ୍ୟ ଓ ରୋଜଗାରିଆ ସଦସ୍ୟ ଭାବରେ ଗୁରୁତ୍ୱ ଦିଆଯାଉଥିଲା। ମହିଳା ମାନଙ୍କୁ କେବଳ ମାଆ ଓ ପରାଧିନ ହିସାବରେ ଦେଖା ଯାଉଥିଲା। ତେଣୁ ସେମାନେ ବିକାଶର ହିତାଧିକାରୀ ହୋଇ ପାରୁଥିଲେ। କିନ୍ତୁ ବାସ୍ତବ କ୍ଷେତ୍ରରେ ସେମାନଙ୍କର କୌଣସି ବିକାଶ ସାଧିତ ହୋଇ ପାରୁ ନଥିଲା। ବିଭିନ୍ନ ସ୍ତରରେ ସେମାନଙ୍କୁ ବଳକା ଗୋଷ୍ଠୀ ହିସାବରେ ଗଣା ଯାଉଥିଲା। ସେମାନେ କେବେହେଲେ ଆତ୍ମ ନିର୍ଭରଶୀଳ ହୋଇପାରିବେ ନାହିଁ। ତେଣୁ ସେମାନଙ୍କୁ କିଛି ସାହାଯ୍ୟ କରାଯିବା ଆବଶ୍ୟକ। ବିକାଶୋନ୍ମୁଖୀ ଓ ଅବିକଶିତ ରାଷ୍ଟ୍ରମାନଙ୍କରେ ବିକାଶ ଉଦ୍ୟମ ବେଳେ ମହିଳା ମାନଙ୍କର ପୋଷଣ ପ୍ରଶିକ୍ଷଣ, ପରିବାର ପରିଚାଳନା, ମାଆ ଓ ଶିଶୁ ସ୍ୱାସ୍ଥ୍ୟର ଯତ୍ନ ଓ ପରିବାର ନିୟନ୍ତ୍ରଣ ଭଳି କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ଥିଲା। ମହିଳା ମାନଙ୍କୁ ଘର ଭିତରେ ସୀମିତ ରହିବାର ଏହି ଚିନ୍ତାଧାରାକୁ ବିଭିନ୍ନ ପ୍ରକାର ଗବେଷଣା ନାପସନ୍ଦ କରିଥିଲେ। ଏହା ନିର୍ଦ୍ଦିଷ୍ଟ ଭାବେ ମହିଳା ମାନଙ୍କର ଉତ୍ପାଦକ ଭୂମିକା ଓ ପରିବାରର ମୌଳିକ ଚାହିଦା ପୂରଣ କରିବାରେ ସେମାନଙ୍କ ଭୂମିକୁ ମଧ୍ୟ ନାପସନ୍ଦ କରିଥିଲେ। ଏହା ପରଠାରୁ ବିକାଶ ଉଦ୍ୟମ ମହିଳା ମାନଙ୍କ ଆୟବୃଦ୍ଧି କାର୍ଯ୍ୟକ୍ରମ ଦିଗରେ ଅଗ୍ରସର ହେଲା। ମହିଳାମାନେ ସ୍ୱଳ୍ପ ଆୟକାରୀ ଓ ପରିବାରର ପରିଚାଳକ ହିସାବରେ ପରିଗଣିତ ହେଲେ। ମହିଳା ମାନଙ୍କ ପାଇଁ ବିକାଶ ଉଦ୍ୟମର ଏହି ମଧ୍ୟବର୍ତ୍ତୀ ସ୍ତରରେ ଅଧିକାଂଶ ଉଦ୍ଦେଶ୍ୟ ସେମାନଙ୍କର ପରିକଳ୍ପିତ ଉନ୍ନୟନକୁ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କଲେ ଓ

ଏ କ୍ଷେତ୍ରରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି ହେଲା, ତାକୁ ପ୍ରତିହତ କଲେ। ଏହାର ବହୁପରେ ୧୯୮୦ ଦଶନ୍ଧିରେ ଯେତେବେଳେ ବିଶ୍ୱ ଅର୍ଥନୀତିର ହ୍ରାସ ଘଟିଲା, ସେତେବେଳେ ମହିଳାମାନେ ତାଙ୍କ ନିଜ ଅଧିକାରର ଆର୍ଥିକ ପ୍ରତିନିଧି ବୋଲି ବିବେଚିତ ହେଲେ। ତେଣୁ ସେହି ସମୟରେ ମହିଳା ମାନଙ୍କର ଉତ୍ପାଦିକା ଶକ୍ତିର ଦୁରୁପଯୋଗ କରା ଯାଉଥିଲା। ଉଦାରୀକରଣ ଓ ବେସରକାରୀକରଣ ପ୍ରକ୍ରିୟାରେ ଯେତେବେଳେ ଆର୍ଥିକ ପୁନର୍ଗଠନ କରାଗଲା, ସେତେବେଳେ ଆଶା କରାଯାଉଥିଲା ଯେ ମୁକ୍ତ ବଜାର ବ୍ୟବସ୍ଥାରେ ଉଭୟ ପୁରୁଷ ଓ ମହିଳା ମାନବ ସମ୍ବଳର ଅଧିକ ଫଳପ୍ରଦ ବିନିଯୋଗ ହୋଇ ପାରିବ। ଏହି ସମୟରେ ବିକାଶ ପ୍ରକ୍ରିୟାରେ ମୁଖ୍ୟ ପ୍ରତିନିଧି ହିସାବରେ ପ୍ରଥମେ ମହିଳା ମାନଙ୍କୁ ଗୁରୁତ୍ୱ ଦିଆଗଲା। କ୍ଷୁଦ୍ର ଉଦ୍ୟୋଗ, କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନ ଓ ସମାନ୍ତରାଳ ବଜାର ବ୍ୟବସ୍ଥା ଆରମ୍ଭ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଗଲା।

ମହିଳା ମାନଙ୍କର ଆର୍ଥିକ ପ୍ରଗତି ଉପରେ ଏହି ଯେଉଁ ଗୁରୁତ୍ୱ ଦିଆଯାଇଛି, ଏହାର କେତେକ ଦୋଷ ଦୁର୍ବଳତା ବା ତ୍ରୁଟି ରହିଛି। ପ୍ରାଥମିକ ସ୍ତରରେ ମହିଳା ମାନଙ୍କୁ ନ୍ୟୂନ ମନେ କରାଯାଇଥାଏ। ସେମାନଙ୍କୁ ଘରର ମୁଖ୍ୟ ଦାୟିତ୍ୱ ସହ ଶିଶୁର ଯତ୍ନ ନେବାକୁ ପଡ଼େ। ଗଠନ ମୂଳକ କାର୍ଯ୍ୟକ୍ରମ ସହ ରାଷ୍ଟ୍ରର ବିକାଶ ମୂଳକ ପଦକ୍ଷେପର କାର୍ଯ୍ୟ କରିବାରେ ସେମାନଙ୍କୁ ସାମିଲ କରିବା ଦ୍ୱାରା ସେମାନଙ୍କ ଦାୟିତ୍ୱବୋଧ ବଢ଼ିଥାଏ। ଏହା ଦ୍ୱାରା ସେମାନଙ୍କର ସମୟ ଓ ଶକ୍ତି ଉପରେ ଯଥେଷ୍ଟ ଚାପ ପଡ଼ିଥାଏ। ଏହି କାରଣ ପାଇଁ ମୁକ୍ତ ବଜାରର ଦ୍ୱାର ମହିଳାଙ୍କ ପାଇଁ ଉନ୍ମୁକ୍ତ ନଥାଏ। ବରଂ ଏହାଦ୍ୱାରା ସେମାନେ ଅଧିକ ଶୋଷଣର ଶିକାର ହୋଇ ଥାଆନ୍ତି। ମହିଳା ବିକାଶର 'ଦକ୍ଷତା ତତ୍ତ୍ୱ' ମଧ୍ୟ ମହିଳା ମାନଙ୍କ ଜୀବନର ଉନ୍ନତି ପାଇଁ ଅଥବା ପୁରୁଷମାନଙ୍କ ସମକକ୍ଷ ହେବା ପାଇଁ କୌଣସି ସହାୟତା କରି ନଥାଏ। 'ବିଲୁଆ ଓ ସାରସ ପକ୍ଷୀ' କିମ୍ବଦନ୍ତୀରେ ଉଭୟ ଖାଦ୍ୟ ଦରକାର କରୁଥିଲେ। କିନ୍ତୁ ଖାଇବାକୁ ସୁବିଧା ହେବ ବୋଲି ଅଲଗା ଅଲଗା ଭାବରେ ଖାଇବାକୁ ଚାହୁଁଥିଲେ। ତେଣୁ ପୁରୁଷ ଓ ମହିଳା ମାନଙ୍କର ଭିନ୍ନ ଭିନ୍ନ ଆବଶ୍ୟକତା ଓ ଚାହିଦାକୁ ବୁଝାଇବା ପାଇଁ ଏହି କିମ୍ବଦନ୍ତୀ ଏକ ଦୃଷ୍ଟାନ୍ତ ଭାବରେ ଗ୍ରହଣ କରାଯାଇପାରେ।

ନାରୀମାନେ ବିକାଶ ଯୋଜନାକାରୀ ମାନଙ୍କୁ ପ୍ରଭାବିତ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ସେମାନଙ୍କର ଏକ ଧାରଣା ଯେ ମହିଳା ମାନଙ୍କୁ ଅଧସ୍ତନତା ବା ନ୍ୟୂନତାରୁ ମୁକ୍ତ କରିବା ଓ ଲିଙ୍ଗ ସମାନତା ଭଳି ବିକାଶ ମୂଳକ ଲକ୍ଷ୍ୟ ହାସଲ କରିବା ପାଇଁ, ଉତ୍ପାଦନ ଓ ପ୍ରଜନନ କ୍ଷେତ୍ରରେ ଲିଙ୍ଗଗତ କାର୍ଯ୍ୟ ବିଭାଜନକୁ ସ୍ୱୀକୃତି ପ୍ରଦାନର ଆବଶ୍ୟକତା ରହିଛି। ପୁରୁଷ ଓ ମହିଳା ମାନଙ୍କର ଭିନ୍ନ ଭିନ୍ନ ଆବଶ୍ୟକତାକୁ ସହାୟତା ଯୋଗାଇ ଦେବାପାଇଁ ଏହି ବିଶ୍ୱ ଆଗେଇ ଆସିବ।

ନୀତି ତତ୍ତ୍ୱରେ ସମତା ଓ ସଶକ୍ତିକରଣ ହାସଲ କରିହେବ ନାହିଁ। କାରଣ ନୀତିତତ୍ତ୍ୱ ସାଧାରଣତଃ ପ୍ରଚଳିତ ବିକାଶ ଯୋଜନାରେ ମହିଳା ମାନଙ୍କୁ ସାମିଲ କରିଥାଏ। ବିକାଶ ନୀତି ସାମାଜିକ ସଂପର୍କର ଭିତ୍ତିଭୂମି ଉପରେ ପର୍ଯ୍ୟବସିତ ହେବା ଆବଶ୍ୟକ। କାରଣ ଏହା ଲିଙ୍ଗ ଭୂମିକା ଓ ଶ୍ରହିଦା ମଧ୍ୟରେ ଥିବା ଭିନ୍ନତା ପାଇଁ ଦାୟୀ। ଆଉ ମଧ୍ୟ ବିକାଶ ନୀତି ଯଥାର୍ଥ ଭାବରେ ଏହାକୁ ଏକ ସାର୍ବଜନୀନ ବର୍ଗ ମହିଳା ବୋଲି ପତିପାଦିତ କରିପାରିବ ନାହିଁ। ସମଗ୍ର ପୃଥିବୀରେ କ୍ଷମତା ସମ୍ବଳ ଓ ମହିଳା ମାନଙ୍କର ସ୍ୱାର୍ଥ ଇତ୍ୟାଦି ବସ୍ତୁଗତ ପାର୍ଥକ୍ୟ ଲୁକ୍‌କାୟିତ ଅବସ୍ଥାରେ ରହିଛି। ଏହା ମହିଳା ମାନଙ୍କ ବିକାଶକୁ ପ୍ରତିହତ କରିଥାଏ। ଏଥିପାଇଁ ଆଫ୍ରିକା, ଏସିଆ ଓ ଦକ୍ଷିଣ ଆମେରିକାର ମହିଳା ସଂଗଠନ ଗୁଡ଼ିକ ଘୋର ଅସନ୍ତୋଷ ପ୍ରକାଶ କରନ୍ତି। ବିକାଶ ସଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରେ ନାହିଁ। ଏହା ପୁରୁଷମାନଙ୍କ ପାଇଁ ସମାନ ଉପକାର ସାଧନ କରେ ଓ ସମସ୍ତ ମହିଳା ମାନଙ୍କର କ୍ଷତି ସାଧନ କରେ। ତୃତୀୟ ବିଶ୍ୱରେ ମହିଳା ମାନଙ୍କ ପାଇଁ "ନୂତନ ଯୁଗ ନିମନ୍ତେ ବିକାଶ ବିକଳ୍ପ" (DAWN) ଏକ ଯୋଗସୂତ୍ର ହିସାବରେ କାମ କରୁଛି। ତୃତୀୟ ବିଶ୍ୱର ଚିନ୍ତାନାୟକମାନେ ବିକାଶରେ ସମତା ଆଣିବା ପାଇଁ ପ୍ରସ୍ତାବ ଦେଲେ। ସେମାନଙ୍କ ଅନୁସାରେ ସର୍ବାଧିକ ନିର୍ଯ୍ୟାତିତ ମହିଳା ମାନଙ୍କ ଦୃଷ୍ଟିକୋଣରୁ ବିକାଶର କୌଶଳ ନିର୍ଣ୍ଣୟ କରିବାକୁ ପଡ଼ିବ। କାରଣ ଏହି ନିର୍ଯ୍ୟାତିତ ମହିଳାମାନେ ଶ୍ରେଣୀ, ବର୍ଣ୍ଣ ଓ ଜାତୀୟତା ବାଦ ଦୃଷ୍ଟିକୋଣରୁ ଦାସତ୍ୱର ଶିକାର ହୋଇ ଥାଆନ୍ତି। ତେବେ ଯାଇ ଅଧସ୍ତନ ମାନସିକତାକୁ ବିକାଶମୂଳକ କାର୍ଯ୍ୟସୂଚୀ ଦ୍ୱାରା ଦୂର କରାଯାଇପାରିବ। ଏହି କିଛି ବର୍ଷ ମଧ୍ୟରେ ଏହିସବୁ ଧାରଣା ବିକାଶ ନୀତିକୁ ପ୍ରଭାବିତ କରିଛି। ସମାନତା, ସମତା ଓ ସଶକ୍ତିକରଣ ହାସଲ କରିବା ସମଗ୍ର ପୃଥିବୀରେ ମହିଳା ମାନଙ୍କ ଆଇନ୍ ସିଦ୍ଧ ବିକାଶ ଲକ୍ଷ୍ୟରେ ପରିଣତ ହୋଇଛି।

ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ-୧

ଟିପ୍‌ପଣୀ- (କ) ଦିଆଯାଇଥିବା ଶୂନ୍ୟ ସ୍ଥାନକୁ ଉତ୍ତର ପାଇଁ ବ୍ୟବହାର କରନ୍ତୁ।

(ଖ) ଏହି ପ୍ରଶ୍ନ ଗୁଡ଼ିକର ସାମ୍ଭବ୍ୟ ଉତ୍ତର ପାଇଁ ଏକକର ଶେଷରେ ଦିଆଯାଇଥିବା ଉତ୍ତରମାଳାକୁ ଯାଆନ୍ତୁ।

୧. ଭାରତର ଗ୍ରାମୀଣ ସମାଜରେ ମହିଳା ମାନଙ୍କର ଭୂମିକା ନିର୍ଦ୍ଧାରଣ କର।

ଉତ୍ତର :-

୨. ମହିଳାମାନଙ୍କ ବିକାଶ ଯୋଗୁଁ କ'ଣ ସବୁ ପ୍ରଭାବ ପଡ଼ିଛି ?

ଉତ୍ତର :-

୧.୬. ଏକତ୍ରୀକରଣ :

ଆମ ଦେଶର ସମୁଦାୟ ମହିଳାମାନଙ୍କ ସଂଖ୍ୟାର ପ୍ରାୟ ୭୭% ଭାଗ ମହିଳା ଗ୍ରାମାଞ୍ଚଳରେ ବାସ କରନ୍ତି। ସମୁଦାୟ ଶ୍ରମ ସମୟର ଦୁଇ ତୃତୀୟାଂଶ ହେଉଛି ମହିଳାମାନଙ୍କ ଅବଦାନ। ସେମାନେ ସମୁଦାୟ ଆୟର ଏକ ତୃତୀୟାଂଶ ରୋଜଗାର କରନ୍ତି। କିନ୍ତୁ ସମୁଦାୟ ସମ୍ବଳର ଏକ ଦଶମାଂସ (୧/୧୦ ଅଂଶ) ଉପରେ ସେମାନଙ୍କର ମାଲିକାନା ସତ୍ତ୍ୱ ରହିଥାଏ। ଏହି ମହିଳାମାନଙ୍କୁ ଏକଦା ପରାଧୀନ ଓ ଗୃହକର୍ତ୍ତ୍ରୀ ବୋଲି କୁହା ଯାଉଥିଲା। କିନ୍ତୁ ବର୍ତ୍ତମାନ ସେମାନେ ତିନୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସଂପାଦନ କରୁଛନ୍ତି। ଏହାକୁ ସେମାନଙ୍କର ତ୍ରୟୀ ଭୂମିକା କୁହାଯାଏ। ସେଗୁଡ଼ିକ ହେଉଛି ଉତ୍ପାଦିକା କାର୍ଯ୍ୟ, ଗୋଷ୍ଠୀଗତ କାର୍ଯ୍ୟ ଓ ପ୍ରଜନନ କାର୍ଯ୍ୟ।

ବିକାଶ ଏକ ପ୍ରକ୍ରିୟା। କେଉଁ ଆବହମାନ କାଳରୁ ଏହି ପ୍ରକ୍ରିୟା ଚଳୁ ରହିଛି। କିନ୍ତୁ ଗତ ପାଞ୍ଚଶହ ବର୍ଷ ମଧ୍ୟରେ ଏହାର ଗୁରୁତ୍ୱ ଓ ମର୍ଯ୍ୟଦା ବୃଦ୍ଧି ପାଇଛି। କିନ୍ତୁ ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଏହାର ବେଗ ବୃଦ୍ଧି ପାଇଛି। ଆଜିକାଲି ବିକାଶ ଏକ ଆର୍ଥିକ ବିକାଶ ହୋଇ ରହିନାହିଁ। ମଣିଷ ଜୀବନର ଆର୍ଥିକ ଦିଗଠାରୁ ଏହାର ପରିଧି ବହୁତ ଅଧିକ। ବିକାଶକୁ ଏକ ବହୁମୁଖୀ ପ୍ରକ୍ରିୟା ଭାବରେ ଗ୍ରହଣ କରାଯାଏ। ଏହା ସାମାଜିକ ଗଠନ, ଲୌକିକ ଆଚରଣ ଓ ଜାତୀୟ ଅନୁଷ୍ଠାନରେ ପରିବର୍ତ୍ତନ ଆଣିଥାଏ। ଏହାବାଦ ଆର୍ଥିକ ପ୍ରଗତି ଓ ଅସମାନତା ହ୍ରାସ ସାଙ୍ଗକୁ ଏହା ଦାରିଦ୍ର୍ୟ ନିରାକରଣ କରିଥାଏ।

ମହିଳା ବିକାଶ ପରିପ୍ରେକ୍ଷୀରେ ଲିଙ୍ଗ ନିରପେକ୍ଷତା ରହିବା ଦରକାର। ସମାନତା ଓ ବିକାଶ ପ୍ରକ୍ରିୟାରେ ସମସ୍ତ ପୁରୁଷ ଓ ମହିଳା ମାନଙ୍କର ଅଂଶ ଗ୍ରହଣ ବିଷୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଯେ ଆମେ ଜୀବ ବିଜ୍ଞାନର ସାମାଜିକ ଦିଗ ଓ ମହିଳାମାନଙ୍କ ଉପରେ ଥିବା ଶାରୀରିକ ପ୍ରତିବନ୍ଧକ ସଂପର୍କରେ ଆମେ ଆଦୌ ଅସହମତ ନୁହେଁ। ମହିଳା ଓ ବିକାଶ ଏଭଳି ଏକ ଚିନ୍ତାଧାରା ଯାହା ସମାନତା ଓ ମହିଳାମାନଙ୍କ ନ୍ୟାୟ ପ୍ରସଙ୍ଗକୁ ଉତ୍‌ଥାପନ କରିଥାଏ।

୧.୭. ପ୍ରମୁଖ ଶବ୍ଦାବଳୀ :

- ଉତ୍ପାଦିକା କାର୍ଯ୍ୟ : ବ୍ୟବହାର ଓ ବ୍ୟବସାୟ ବାଣିଜ୍ୟ ପାଇଁ କିଛି ଦ୍ରବ୍ୟ ଓ ଜିନିଷ ଉତ୍ପାଦନ କରିବା ଓ ସେବା ଦେବାକୁ ଉତ୍ପାଦିକ କାର୍ଯ୍ୟ କୁହାଯାଏ। ଏ ଗୁଡ଼ିକ ମଧ୍ୟରେ ରହିଛି- କୃଷିକାର୍ଯ୍ୟ, ମାଛଧରା, ନିଯୁକ୍ତି ଓ ଆତ୍ମନିଯୁକ୍ତି। କ'ଣ କରୁଛ ବୋଲି ଯେତେବେଳେ ଲୋକଙ୍କୁ ପଚରାଯାଏ, ସେତେବେଳେ ଅଧିକାଂଶ ପସନ୍ଦର ଉତ୍ତରଟି ଉତ୍ପାଦିକା କାର୍ଯ୍ୟ ସହିତ ସଂଶ୍ଳିଷ୍ଟ। ଏହା ଏଭଳି ଏକ କାର୍ଯ୍ୟ ଯେଉଁଥିପାଇଁ କିଛି ପାରିଶ୍ରମିକ ମିଳିଥାଏ ଓ ଏହା ଆୟ ସୃଷ୍ଟି କରେ।

- ପ୍ରଜନନ : ଏହା ସାଧାରଣତଃ ପରିବାର ଓ ତାର ସଦସ୍ୟ ମାନଙ୍କର ଦାୟିତ୍ୱ ଓ ଯତ୍ନକୁ ବୁଝାଇଥାଏ। ଏଗୁଡ଼ିକ ମଧ୍ୟରେ ରହିଛି ଗର୍ଭଧାରଣ ଓ ଶିଶୁର ଯତ୍ନ, ଖାଦ୍ୟ ପ୍ରସ୍ତୁତି, ଜଳ ଓ ଜାଳେଣି ସଂଗ୍ରହ, ବଜାରରୁ ସଉଦା ସଂଗ୍ରହ, ଘର ସଫାସୁତୁରା ରଖିବା ଓ ପରିବାରର ସ୍ୱାସ୍ଥ୍ୟର ଯତ୍ନ ଇତ୍ୟାଦି।
- ଗୋଷ୍ଠୀଗତ ବା ସାମାଜିକ କାର୍ଯ୍ୟ : ଏହା ସାଧାରଣ ସାମୂହିକ ସମାଜ ସେବା, ଉତ୍ସବ ଆନୁଷ୍ଠାନରେ ଯୋଗଦାନ, ଗୋଷ୍ଠୀ ଉନ୍ନୟନ କାର୍ଯ୍ୟ ବିଭିନ୍ନ ଗୋଷ୍ଠୀ ଓ ସଂଗଠନରେ ଯୋଗଦାନ ଓ ସ୍ଥାନୀୟ ରାଜନୈତିକ କାର୍ଯ୍ୟକଳାପକୁ ବୁଝାଇଥାଏ।

୧.୮. ସହାୟକ ଗ୍ରନ୍ଥସୂଚୀ :

୧.ରାସିନ କମଳା (୨୦୦୩) Under standing Gender, New Delhi, Women Unlimited.

୨. ଗୋପାଳନ ସରଳା (୨୦୦୨) Towards Equality- The Unfinished Agenda, Status of Women in India, National commission for women: New, Delhi.

୩. ସେନ, ସୁଜାତା (୨୦୧୨) Gender status, New Delhi

୪. ଦେଶାଇ ନୀର (୧୯୭୭) Women in Modern India, Bombay.

ଦ୍ୱିତୀୟ ଏକକ : ଗ୍ରାମୀଣ ସମାଜରେ ଲିଙ୍ଗଭିତ୍ତିକ ଅହିଦା :

ବିଷୟ ଗଠନ

୨.୦. ପଠନର ଉଦ୍ଦେଶ୍ୟ

୨.୧. ଗ୍ରାମୀଣ ସମାଜରେ ଲିଙ୍ଗ ଭିତ୍ତିକ ଅହିଦା : ଏକ ପରିଚିତି

୨.୨. ଲିଙ୍ଗ ଚିହ୍ନଟର ଆବଶ୍ୟକତା, ଭୂମିକା ଓ କୌଶଳ

୨.୨.୧. ଲିଙ୍ଗାନୁସାରେ ପୁରୁଷ, ମହିଳା ଓ ପରିବାର

୨.୨.୨. ଲିଙ୍ଗର ଭୂମିକା ଓ ମହିଳା ବିକାଶରେ ଏହାର ପ୍ରଭାବ

୨.୨.୩. ବାସ୍ତବ ଓ ନିର୍ଦ୍ଦିଷ୍ଟ ଲିଙ୍ଗ ଭିତ୍ତିକ ଆବଶ୍ୟକତା

୨.୩. ମହିଳା ଓ ବିକାଶର ବିଭିନ୍ନ ଦିଗ

୨.୩.୧. ସାଂଗଠନିକ ଦିଗ

୨.୩.୨. ଲିଙ୍ଗ ସମ୍ପର୍କର ଢାଞ୍ଚା

୨.୩.୩. ବିକାଶ ପାଇଁ ମହିଳା ସଶକ୍ତିକରଣ

୨.୪. ଏକତ୍ରୀ କରଣ

୨.୫. ପ୍ରମୁଖ ଶବ୍ଦ

୨.୬. ସହାୟକ ଗ୍ରନ୍ଥସୂଚୀ

୨.୦ ପଠନର ଉଦ୍ଦେଶ୍ୟ :

- ଗ୍ରାମୀଣ ସମାଜରେ ଲିଙ୍ଗ ଭିତ୍ତିକ ଅହିଦା ଜାଣିବା
- ମହିଳାଙ୍କ ଉପରେ ବିକାଶର ପ୍ରଭାବ ଜାଣିବା
- ବିକାଶର ଲିଙ୍ଗ ଭିତ୍ତିକ ଦିଗ ବର୍ଣ୍ଣନା କରିବା
- ବିକାଶ ପଥରେ ଲିଙ୍ଗ ପ୍ରସଙ୍ଗ

୨.୧. ଗ୍ରାମୀଣ ସମାଜରେ ଲିଙ୍ଗ ଭିତ୍ତିକ ଅହିଦା: ଏକ ପରିଚିତି

ଆମେ ଯେତେବେଳେ ପୁରୁଷ ଓ ମହିଳା ଶବ୍ଦ ଦୁଇଟି ବ୍ୟବହାର କରୁ, ଆମେ ସାଧାରଣତଃ ଉଭୟ ଲିଙ୍ଗ ମଧ୍ୟରେ ଥିବା ଶରୀରର ଗଠନଗତ ପାର୍ଥକ୍ୟକୁ ବୁଝୁ। ଆମେ ଯେତେବେଳେ ଲିଙ୍ଗ ଶବ୍ଦକୁ ବ୍ୟବହାର କରୁ, ଆମେ ଶରୀର ବିଜ୍ଞାନ ଓ ଜୀବ ବିଜ୍ଞାନରେ ପୁରୁଷ ଓ ନାରୀ ମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟର ବାହାରକୁ ଚଲିଯାଉ। ଆମେ ସାଧାରଣତଃ ସେମାନଙ୍କର ସାମାଜିକ ଭୂମିକା ଓ ଗୁରୁତ୍ୱକୁ ବିଚରକୁ ନେଉ। ଉଦାହରଣ ସ୍ୱରୂପ, ଯେତେବେଳେ ଜଣେ ନାରୀତ୍ୱ ଶବ୍ଦଟି ବ୍ୟବହାର କରେ, ସେତେବେଳେ ଏହା ନାରୀ ସୁଲଭ ଗୁଣର ସାମାଜିକ ଆକାଂକ୍ଷାକୁ ବୁଝାଇଥାଏ। ଏଗୁଡ଼ିକ ମଧ୍ୟରେ ରହିଛି – ପ୍ରତିପାଳନ, ଯତ୍ନ, ବିଚରବନ୍ତ, ବିବେକୀ, ଦୂରଦୃଷ୍ଟି ସମ୍ପନ୍ନ, ସମର୍ପଣ ଓ ଶାନ୍ତ ସୁଧାର ତଥା ଧୀରତା। ଜଣେ ନାରୀ ଯେତେବେଳେ ତାର ନାରୀ ସୁଲଭ ଗୁଣର ଏହି ସାମାଜିକ ଆକାଂକ୍ଷା ପୂରଣ କରିପାରେ ନାହିଁ, ତାକୁ ନାରୀ ବୋଲି କୁହାଯାଇ ପାରିବ ନାହିଁ। ସେ କନ୍ୟା, ମାତା ବା ଭଗିନୀ ହିସାବରେ ତାର ଭୂମିକା ନିର୍ବାହ କରିପାରିଲା ନାହିଁ ବୋଲି କୁହାଯିବ। ଆମେ ଜାଣିବା ଭିତରେ ତାର ଏହି ସବୁ ଭୂମିକା ସାମାଜିକ ବିଧିନିର୍ଦ୍ଦିଷ୍ଟ ଓ ଶକ୍ତି ଉଦ୍ରେକକାରୀ। ପିତୃକୈନ୍ଦ୍ରିକ ବ୍ୟବସ୍ଥାରେ ସମଗ୍ର ବ୍ୟବସ୍ଥାଟି ନାରୀଙ୍କୁ ନିମ୍ନ ସ୍ଥାନରେ ରଖିବା ପାଇଁ ଉଦ୍ଦିଷ୍ଟ। ଏହି ଆନୁଷ୍ଠାନିକ ବିବିଧତାରେ କ୍ଷମତା ଓ ପଦ ମର୍ଯ୍ୟାଦାକୁ ନେଇ ରହିଥିବା ପାତର ଅନ୍ତର ନୀତି ପୁରୁଷ ମାନଙ୍କୁ ଖୁବ୍ ସହାୟକ ହୋଇଥାଏ। କାରଣ ଏଥିରେ କର୍ତ୍ତୃତ୍ୱ ଜାହିର କରିବାର ଅସଙ୍ଗତ ସଂପର୍କ ପ୍ରତିଷ୍ଠିତ ହୋଇଥାଏ। ଏହି ବର୍ଗୀକରଣ ପ୍ରାୟ ସାର୍ବଜନୀନ ଓ ପରିବେଶ ଏବଂ ପରିସ୍ଥିତି ଅନୁସାରେ ଲିଙ୍ଗର ପ୍ରଭାବରେ ଭିନ୍ନତା ପରିଲକ୍ଷିତ ହୁଏ। ସାମାଜିକ ବର୍ଗୀକରଣର ଏକ ପ୍ରସଙ୍ଗ ହିସାବରେ ଅନ୍ୟାନ୍ୟ ପ୍ରସଙ୍ଗ ନାଥା ଶ୍ରେଣୀ, ବର୍ଣ୍ଣ, ଜାତି ଓ ଧାର୍ମିକ ଗୋଷ୍ଠୀର ସହାୟତା ନେଇ ଏହାକୁ ବିଶ୍ଳେଷଣ କରାଯିବା ଆବଶ୍ୟକ।

ପୁରୁଷ ଓ ମହିଳା ମାନଙ୍କ ସାମାଜିକ ଅର୍ଥ ଜାଣିବାର ଲିଙ୍ଗ ସମ୍ପର୍କ ସହାୟତା ପ୍ରଦାନ କରିଥାଏ। ଏଣୁ ଏହା ଉଭୟ ପୁରୁଷ ଓ ମହିଳା ମାନଙ୍କର ସଠିକ୍ ବ୍ୟବହାର ଓ କାର୍ଯ୍ୟ କଳାପକୁ ବିଚରକୁ ନେଇଥାଏ। ବାସ୍ତବ କ୍ଷେତ୍ରରେ ପୁରୁଷ ଓ ମହିଳା ମାନଙ୍କର ସାମାଜିକ ଭୂମିକା, ସ୍ଥିତି ଓ ସେମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ସଂପର୍କ ଉପରେ ଲିଙ୍ଗ ଗୁରୁତ୍ୱ ଦେଇଥାଏ। ତେବେ ପ୍ରକୃତ ଅର୍ଥଟି ହେଉଛି, ଲିଙ୍ଗ ସଂପର୍କ ଏକ ସାମାଜିକ ସଂପର୍କ। ଏହା ଜୈବିକ ବା ପ୍ରାକୃତିକ ସଂପର୍କ ନୁହଁ। ମହିଳା ମାନଙ୍କ ପରିପ୍ରେକ୍ଷୀରେ ଆମେ ଯେତେବେଳେ ବିକାଶର ମୂଲ୍ୟାୟନ କରୁ, ଆମେ ଏଇ ନିର୍ଯ୍ୟାସରେ ପହଞ୍ଚୁ ଯେ ଆମେ ମହିଳା ମାନଙ୍କର ଲିଙ୍ଗଗତ ଦିଗକୁ ବୁଝିବାକୁ ଚେଷ୍ଟା କରୁଛୁ।

୨.୨. ଲିଙ୍ଗ ଚିହ୍ନଟର ଆବଶ୍ୟକତା, ଭୂମିକା ଓ କୌଶଳ :

'ବିକାଶ କ୍ଷେତ୍ରରେ ମହିଳା' ଏକ ସ୍ୱତନ୍ତ୍ର ପ୍ରସଙ୍ଗ। ବିକାଶ ପାଇଁ ଯୋଜନା ପ୍ରଣୟନ ଓ ଏହାର କାର୍ଯ୍ୟକାରିତା ପାଇଁ ଏକ ଆବଶ୍ୟକୀୟ ଢାଞ୍ଚା ହିସାବରେ ଲିଙ୍ଗ ସଂପର୍କ ଜାଣିବା ଗୁରୁତ୍ୱପୂର୍ଣ୍ଣ। ପ୍ରାସଙ୍ଗିକ ବ୍ୟାଖ୍ୟାଗୁଡ଼ିକ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହେବା ଦରକାର। ସେଗୁଡ଼ିକ ହେଉଛି –

- ଲିଙ୍ଗ ଭୂମିକା ଓ ଋହିଦା
- ସମ୍ବଳର ନିୟନ୍ତ୍ରଣ ଓ ପରିବାର ମଧ୍ୟରେ ନିଷ୍ପତ୍ତି ନିର୍ଦ୍ଧାରଣ

୨.୨.୧. ଲିଙ୍ଗାନୁସାରେ ପୁରୁଷ ମହିଳା ଓ ପରିବାର :

ମହିଳାମାନେ ଘର ଓ ପରବାରର ଏକ ଅଂଶ ହୋଇଥିବାରୁ ସେମାନଙ୍କୁ ବିକାଶର ହିତାଧିକାରୀ ଭାବରେ ଧରି ନିଆଯାଉଥିଲା। ନାରୀବାଦୀ ଗବେଷକମାନେ ଯୁକ୍ତି କରୁଥିଲେ ଯେ ପରିବାର ମଧ୍ୟରେ ସମାଜରେ ପୁରୁଷ ଓ ମହିଳା ମାନଙ୍କର ଭିନ୍ନ ଭିନ୍ନ ଭୂମିକା ରହିଛି। କାରଣ ପରିବାର ମଧ୍ୟରେ ସେମାନଙ୍କର ବିଭିନ୍ନ ସମ୍ବଳ ଓ ଶକ୍ତି ଉପରେ ଭିନ୍ନ ଭିନ୍ନ ନିୟନ୍ତ୍ରଣ ରହିଥାଏ। ତେଣୁ ବିକାଶ ପାଇଁ ମହିଳା ମାନଙ୍କର ଋହିଦାକୁ ପରିବାର ମଧ୍ୟରେ ଅନ୍ୟମାନଙ୍କ ସହିତ ଯୋଡ଼ିବା ଠିକ୍ ହେବ ନାହିଁ। ତେଣୁ ଲିଙ୍ଗ ଭିତ୍ତିରେ ପରିବାର ମଧ୍ୟରେ ଭିନ୍ନତା ପରିଲକ୍ଷିତ ହୁଏ। ବିକାଶ ପାଇଁ ଯେଉଁ ଯୋଜନା ତିଆରି ହୁଏ, ସେହି ସମୟରେ ଏହାହିଁ ପ୍ରସ୍ତାବିତ ପ୍ରଥମ ନିୟମ ଯାହା ମହିଳା ଓ ପୁରୁଷଙ୍କର ସ୍ୱତନ୍ତ୍ର ବାସ୍ତବତା ପାଇଁ ଦାୟୀ।

କ୍ୟାରେଲିନ ମୋଜର (Carolyne Mosor) ଦେଖିଲେ ଯେ ବିକାଶ ଲୋକ ମାନଙ୍କର, ମୁଖ୍ୟତଃ ମହିଳା ମାନଙ୍କର ଋହିଦାଠାରୁ ବହୁ ପଛରେ ପଡ଼ିଛି। ଏହାର କାରଣ ହେଉଛି ଯୋଜନା ପ୍ରଣୟନକାରୀ ମାନଙ୍କର କେତେକ ସୁଦୂର ପ୍ରସାରୀ ଗତାନୁଗତିକ ବିଧି ବ୍ୟବସ୍ଥା। ମୁଖ୍ୟତଃ ସ୍ୱଳ୍ପ ରୋଜଗାରକ୍ଷମ ପରିବାର ଗଠନ ପ୍ରଣାଳୀ, ସେମାନଙ୍କ ମଧ୍ୟରେ କର୍ମ ବିଭାଜନ, ପରିବାର ମଧ୍ୟରେ ଥିବା ଶକ୍ତି ଓ ସମ୍ବଳ ଉପରେ ନିୟନ୍ତ୍ରଣ ଇତ୍ୟାଦି ଏଥିପାଇଁ ଦାୟୀ। ଅଧିକ ସ୍ପଷ୍ଟ ଭାବରେ କହିବାକୁ ଗଲେ, ସେ ପାଶ୍ଚାତ୍ୟ ଢାଞ୍ଚାରୁ ଆସିଥିବା ତିନୋଟି ତ୍ରୁଟିପୂର୍ଣ୍ଣ ଧାରଣା ପାଇଲେ। ଏଗୁଡ଼ିକ ବିକାଶ ଉଦ୍ୟମରେ ବ୍ୟାଘାତ ସୃଷ୍ଟି କରୁଥିଲେ। କାରଣ ତୃତୀୟ ବିଶ୍ୱରେ ଏଗୁଡ଼ିକର କୌଣସି ଭିତ୍ତିଭୂମି ନଥିଲା।

୧) ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କର ଦୁଇ ବା ତିନୋଟି ପିଲାଙ୍କୁ ନେଇ ଏକାନ୍ନବର୍ତ୍ତୀ ପରିବାର।

୨) ପରିବାରଟି ସାମାଜିକ ଓ ଅର୍ଥନୈତିକ ଏକକ ହିସାବରେ କାର୍ଯ୍ୟକରେ। ଏଥିରେ ସମ୍ବଳ ଓ ଶକ୍ତି ଉପରେ ସବୁ ସଦସ୍ୟଙ୍କର ସମାନ ନିୟନ୍ତ୍ରଣ ଥାଏ। ପରିବାରର ଜୀବିକା ନିର୍ବାହକୁ ପ୍ରଭାବିତ କରୁଥିବା ପରିବାରର ସବୁ ବୟସ୍କ ସଦସ୍ୟ ମାନେ ଅଂଶ ଗ୍ରହଣ କରନ୍ତି।

୩) ପରିବାର ମଧ୍ୟରେ ଲିଙ୍ଗ ଭିତ୍ତିରେ କାର୍ଯ୍ୟ ବିଭାଜନ ହୋଇଥାଏ। ପରିବାରରେ ପୁରୁଷଟି ରୋଜଗାର କ୍ଷମ ବ୍ୟକ୍ତି ହିସାବରେ ମୁଖ୍ୟତଃ ଘର ବାହାରେ ଉତ୍ପାଦିକା କାର୍ଯ୍ୟରେ ନିୟୋଜିତ ଥାଏ। ଠିକ୍ ସେହିପରି ମହିଳାଟି ଜଣେ ଗୃହିଣୀ ଓ ଗୃହ କର୍ତ୍ତ୍ରୀ ହିସାବରେ ଘରର ସାମଗ୍ରୀକ ଦାୟିତ୍ୱ ନେଇଥାଏ। ସେ ପ୍ରଜନନ ସହିତ ସମସ୍ତ ଗୃହ କାର୍ଯ୍ୟ ମଧ୍ୟ ସଂପାଦନ କରିଥାଏ।

ପ୍ରଥମତଃ, ପ୍ରାକୃତିକ ଭାବେ କାର୍ଯ୍ୟ ବିଭାଜନ ହୋଇଥିବା ଏକାନ୍ନବର୍ତ୍ତୀ ପରିବାର ହିସାବରେ ଗୃହକର୍ତ୍ତା ପରିବାରଠାରୁ ସ୍ୱତନ୍ତ୍ର ଏକଥା କୁହାଯାଇ ପାରିବ ନାହିଁ। ପରିବାର ଏକ ସାମାଜିକ ଏକକ ଯାହା ବିବାହ ବନ୍ଧନ ଓ ରକ୍ତ ସମ୍ପର୍କ ଯୋଗୁଁ ସୃଷ୍ଟି ହୋଇଥାଏ। ପରିବାର ସମାଜର ଏକକ ହିସାବରେ ବିକାଶ ମୂଳକ ଉତ୍ତରଦାର ପ୍ରକୃତି ଉପରେ ଭ୍ରମ ଧାରଣା ରହିଛି। ଆହୁରି ମଧ୍ୟ କେବଳ ଗଠନ ଦୃଷ୍ଟିରୁ ପରିବାରରେ ଭିନ୍ନତା ପରିଲକ୍ଷିତ ହୋଇନଥାଏ। ଏହା ସତ୍ୟ ଯେ ଏହି ଗଠନ ପ୍ରଣାଳୀରେ ମହିଳାମାନେ ବିଭିନ୍ନ ସ୍ଥିତିରେ ରହିଥାଆନ୍ତି। ତେଣୁ ପରିବାରକୁ ଏକ ଅପରିବର୍ତ୍ତିତ ଏକକ ରୂପେ ବିବେଚନା କରାଯାଇପାରେ।

ସାଧାରଣତଃ ପୁରୁଷ ମାନଙ୍କୁ ପରିବାରର ମୁଖ୍ୟ ହିସାବରେ ଧରି ନିଆଯାଇଥାଏ। କିନ୍ତୁ ବାସ୍ତବରେ ମାତୃକୈନ୍ଦ୍ରିକ ପରିବାରରେ ପରିସ୍ଥିତି ସଂପୂର୍ଣ୍ଣ ଭିନ୍ନ। ବିବାହ, ବିଚ୍ଛେଦ, ମୃତ୍ୟୁ, ପୁରୁଷର ଦେଶାନ୍ତର ଗମନ, ଶୁଦ୍ଧ ପରିସ୍ଥିତି ଓ ପ୍ରାକୃତିକ ବିପର୍ଯ୍ୟୟ କାରଣ ଯୋଗୁଁ ମାତୃ କୈନ୍ଦ୍ରିକ ପରିବାରର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ଓ ଏହି ପରିବାରର ମୁଖ୍ୟ ହେଉଛନ୍ତି ମହିଳା। ମହିଳା ମାନେ ପରାଧିନ। ପୁରୁଷମାନେ ରୋଜଗାରିଆ ଓ ପରାଧୀନ ମହିଳା ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରନ୍ତି, ଏହା ଏକ ଭ୍ରମ ଧାରଣା। କେତେକ କ୍ଷେତ୍ରରେ ଶିକ୍ଷୋନ୍ନତ। ସମାଜରେ ଏହା ସମ୍ଭବ ହୋଇପାରେ। କିନ୍ତୁ ସ୍ୱଳ୍ପ ରୋଜଗାର ହେଉଥିବା ପରିବାର ପାଇଁ ଏହା ପ୍ରଯୁଜ୍ୟ ହୋଇ ପାରିବ ନାହିଁ। ବାସ୍ତବ କଥାଟି ହେଉଛି ମହିଳାମାନେ ହେଉଛନ୍ତି ପରିବାରର ପ୍ରଥମ ଓ ମୁଖ୍ୟ ରୋଜଗାରକାରୀ।

ଓ୍ୱେଷ୍ଟଇଣ୍ଡିଜ୍ : ଦକ୍ଷିଣ ଆମେରିକାର ବହୁ ଅଞ୍ଚଳ, ମଧ୍ୟ ଆମେରିକା ଓ ଅନ୍ୟ କେତେକ ଅଞ୍ଚଳରେ ମହିଳାମାନେ ହେଉଛନ୍ତି ପରିବାରର ମୁଖ୍ୟ। ଏଗୁଡ଼ିକ ମଧ୍ୟରୁ ଅର୍ଦ୍ଧାଧିକ ପରିବାର ଆର୍ଥିକ ଦୃଷ୍ଟିରୁ ଖୁବ୍ ଦୁର୍ବଳ। ଏପରିକି ବେଳେ ବେଳେ ସେମାନେ ଦାରିଦ୍ର୍ୟ ସୀମାରେଖା ତଳକୁ ଚଲି ଯାଆନ୍ତି। ଯେଉଁଠାରେ ମାଆ କେବଳ ବୟସ୍କ ରୋଜଗାରକ୍ଷମ ବ୍ୟକ୍ତି ଓ ତାଙ୍କ ଉପରେ ଏକାଧିକ ଶିଶୁ ନିର୍ଭର କରନ୍ତି,

ସେଠାରେ ପିଲାମାନେ ପାଢ଼ପଢ଼ା ଛାଡ଼ି ଥାଆନ୍ତି। ଏହାବାଦ୍ ଦାରିଦ୍ର୍ୟ ଗୋଟିଏ ପୀଢ଼ିରୁ ଅନ୍ୟ ପୀଢ଼ିକୁ ବ୍ୟାପିଥାଏ। ମହିଳାମାନେ ପରିବାର ମଧ୍ୟରେ ଅନେକ ଭୂମିକା ନିର୍ବାହ କରନ୍ତି ଓ ସେମାନଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରନ୍ତି। ପୁରୁଷମାନଙ୍କ ଉପରେ ସେମାନଙ୍କ ଆର୍ଥିକ ନିର୍ଭରଶୀଳତା ଧାରଣା ସେମାନଙ୍କର ସ୍ୱାର୍ଥ ବିରୋଧି ନୀତି ଉପରେ ଯଥେଷ୍ଟ ପ୍ରଭାବ ପକାଇଥାଏ। ପରିବାର ମଧ୍ୟରେ ମହିଳା ମାନଙ୍କର ଭୂମିକାକୁ ନେଇ ଭ୍ରମ ଧାରଣା ସୃଷ୍ଟି ହେବାର ଅନେକ ନଜିର ରହିଛି। ଫଳତଃ, ସେମାନଙ୍କ ପରିଶ୍ରମ ଓ କୃଷିକାର୍ଯ୍ୟରେ ସେମାନଙ୍କର ଅଂଶ ଗ୍ରହଣ ହ୍ରାସ ପାଇଛି। ବିକାଶ ମୂଳକ ଉଦ୍ୟମରୁ ସେମାନେ ବାଦ୍ ପଡ଼ିବା କାରଣରୁ ଜମି ଉପରେ ମାଲିକାନାସତ୍ତ୍ୱର ପତିଆରା ଓ ଅନ୍ୟାନ୍ୟ ସେବା ମଧ୍ୟ ହ୍ରାସ ଘଟିଛି।

ପରିବାର ଗୋଟିଏ ସ୍ୱାଭାବିକ୍ ସାମାଜିକ ଓ ଅର୍ଥନୈତିକ ଏକକ ବୋଲି ଭ୍ରମ ଧାରଣା ରହିଛି। ଏହାର କାରଣଗୁଡ଼ିକ ହେଉଛି ପ୍ରଥମତଃ, ପରିବାର ତାର ସମସ୍ତ ସଦସ୍ୟ ମାନଙ୍କୁ ପାରିବାରିକ ସମ୍ବଳ ଉପରେ ସମାନ ନିୟନ୍ତ୍ରଣ ଅଧିକାର ପ୍ରଦାନ କରିଥାଏ। ଦ୍ୱିତୀୟତଃ, ପରିବାରର ସମସ୍ତ ବ୍ୟକ୍ତିମାନେ ପରିବାରର ନିଷ୍ପତ୍ତି ନିର୍ଦ୍ଧାରଣରେ ଅଂଶ ଗ୍ରହଣ କରନ୍ତି। କିନ୍ତୁ ଅସଲ କଥା ହେଲା ପରିବାର ମଧ୍ୟରେ ଥିବା ସମ୍ବଳ ଓ ଶକ୍ତି ବଣ୍ଟନରେ ଅସମାନତା ରହିଥାଏ। ଠିକ୍ ସେହିପରି ସମସ୍ତଙ୍କ ଶ୍ରମରେ ଅସମାନତା ରହିଥାଏ ଓ ପରିଶ୍ରମର ଫଳରେ ମଧ୍ୟ ଅସମାନତା ରହିଥାଏ। ପରୀକ୍ଷାମୂଳକ ପ୍ରମାଣରୁ ଦେଖା ଯାଇଛି ଯେ ବେଳେବେଳେ ପୁରୁଷ ଓ ମହିଳା ମାନଙ୍କର ସ୍ୱାର୍ଥ ଓ ପରସ୍ପର ନିର୍ଭରଶୀଳତା ମଧ୍ୟରେ ବିରୋଧାଭାଷ ସୃଷ୍ଟି ହୋଇଥାଏ। ଆଉ ମଧ୍ୟ ଲିଙ୍ଗ ଅସମାନତାକୁ ପକ୍ଷପାତିତା କରି ଯୁକ୍ତି ସିଦ୍ଧ କରିଥାଏ। ପରିବାର ପାଇଁ ବ୍ୟକ୍ତିଗତ ଅବଦାନ ଏବଂ ପୁରୁଷ ଓ ମହିଳା ମାନଙ୍କର ସ୍ୱାର୍ଥରେ ଭିନ୍ନତା ରହିଛି ବୋଲି ଧରି ନିଆଯାଇଥାଏ। ଅର୍ଥନୈତିକ, ସାଂସ୍କୃତିକ ଓ ଆଦର୍ଶଗତ କାରଣ ଯୋଗୁଁ ପରିବାର ମଧ୍ୟରେ ସମ୍ବଳ ବଣ୍ଟନରେ ଅସମାନତା ରହିଥାଏ।

ସାଧାରଣ ଭାବେ ଧରି ନିଆଯାଇ ଥାଏ ଯେ, ପରାର୍ଥ ପରାୟଣତା ବା ଅନ୍ୟର ସ୍ୱାର୍ଥ ସାଧନ ପାରିବାରିକ ସଂପର୍କକୁ ପରିଚାଳିତ କରିଥାଏ। ପରିବାରର ମଙ୍ଗଳ ଭଳି ସାଧାରଣ ଲକ୍ଷ୍ୟକୁ ହାସଲ କରିବା ପାଇଁ ପରିବାରର ପ୍ରତ୍ୟେକଟି ସଦସ୍ୟ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇଥାଆନ୍ତି। ବିବାହକୁ ସାଧାରଣତଃ ପ୍ରେମ ଓ ତ୍ୟାଗର ପ୍ରତୀକ ବୋଲି ଧରି ନିଆଯାଇଥାଏ। ଗୋଟିଏ ବିଶ୍ୱାସ ରହିଛି ଯେ, ବିବାହ ଓ ପରିବାରର ଅର୍ଥ ହେଉଛି ପୁରୁଷ ଓ ନାରୀ ମଧ୍ୟରେ ସହଭାଗୀତା। ଏହି ସହଭାଗୀତା ସାଧାରଣ ଲକ୍ଷ୍ୟ ହାସଲ ଉପରେ ପର୍ଯ୍ୟବେସିତ। ଯେଉଁଠାରେ ଅଧିକାର, କର୍ତ୍ତବ୍ୟ ଓ ଆନୁଗତ୍ୟ ମଧ୍ୟରେ ନିବିଡ଼ ସମ୍ପର୍କ ଥାଏ, ସେଠାରେ ସମ୍ବଳ ଉପରେ ମିଳିତ ନିୟନ୍ତ୍ରଣ ଓ ପରିଚାଳନା ଥାଏ। ତଦ୍ଦ୍ୱାରା ପ୍ରତ୍ୟେକ ନିଜର ଆବଶ୍ୟକତା ଅନୁସାରେ ମିଳିତ ମାଲିକାନା ସତ୍ତ୍ୱରେ ଥିବା ସମ୍ବଳ ଉପରେ ଅଧିକାର

ସାବ୍ୟସ୍ତ କରି ଥାଆନ୍ତି। ପ୍ରଥମତଃ, ପରିବାରଟି ନିହାତି ଭାବେ ପାରସ୍ପରିକ ସ୍ୱାର୍ଥ ବିଜଡ଼ିତ ହେବାର ଆବଶ୍ୟକତା ନାହିଁ। ଏପରିକି ପାରସ୍ପରିକ ସମ୍ପର୍କ ପରିବାର ବଣ୍ଟନର ଗୁରୁତ୍ୱପୂର୍ଣ୍ଣ ନୀତି ହେବା ଅତ୍ୟାବଶ୍ୟକ ନୁହେଁ। ଏହାର ଅର୍ଥ ନୁହେଁ ଯେ ସମ୍ବଳ ଉପରେ ପ୍ରତ୍ୟେକଙ୍କର ସମାନ ଅଧିକାର ରହିଛି। ଲୋକମାନଙ୍କର ସମ୍ବଳ ମୁଖ୍ୟତଃ ଦୁର୍ଲଭ ସମ୍ବଳ ଉପରେ ଅଧିକାର ନିର୍ଦ୍ଧାରଣ କରିବାରେ ଲିଙ୍ଗ ହେଉଛି ଏକ ଗୁରୁତ୍ୱ ପୂର୍ଣ୍ଣ ଉପାଦାନ। ଉଦାହରଣ ସ୍ୱରୂପ, ଗରିବ ପରିବାରରେ ମହିଳାମାନେ ନିୟମିତ ଭାବରେ ଖାଇବା ପାଇଁ କମ୍ ଖାଦ୍ୟ ପାଆନ୍ତି। ସେମାନଙ୍କ ମଧ୍ୟରେ କଷ୍ଟସହିଷ୍ଣୁ ହେବାର ଧାରଣା ସୃଷ୍ଟି ହୋଇଥାଏ। ଏହାଦ୍ୱାରା ପୁରୁଷମାନେ ଅଧିକ ଯତ୍ନ ଓ ସମ୍ବଳ ପାଇଥାଆନ୍ତି। ନିଃସ୍ୱାର୍ଥ ପରୋପକାରିତା ଏକ ନାରୀ ସୁଲଭ ଗୁଣ ବୋଲି କୁହାଯାଇଥାଏ। ଅଧିକାଂଶ ଘରେ ମହିଳାମାନେ ନିୟମିତ ଭାବେ ଅନ୍ୟ ସଦସ୍ୟ ମାନଙ୍କୁ ଖାଦ୍ୟ, ଅବସର, ସ୍ୱାସ୍ଥ୍ୟ ଓ ଚିତ୍ତବିନୋଦନକୁ ସମର୍ପି ଦେଇଥାଆନ୍ତି। ପୁରୁଷ ମାନଙ୍କର ଏଥିରେ ବଡ଼ ଅଂଶ ରହିଥାଏ। ସେହିଭଳି ବେଳେ ବେଳେ ମହିଳା ମାନଙ୍କର ଘରର ସମ୍ପତ୍ତି ଓ ଘରକରଣା ଜିନିଷ ଉପରେ ସିଧା ସଳଖ ଅଧିକାର ନ ଥାଏ। କେବଳ ପୁରୁଷ ମାନଙ୍କର ସ୍ତ୍ରୀ ବା ମାଆ ହିସାବରେ ସେଗୁଡ଼ିକ ଉପରେ କେତେକ କ୍ଷେତ୍ରରେ ନିୟନ୍ତ୍ରଣ ରହିଥାଏ। ଅନ୍ୟପକ୍ଷରେ ପୁରୁଷମାନଙ୍କର ସମ୍ପତ୍ତି ଉପରେ ସିଧା ସଳଖ ଅଧିକାର ରହିଥାଏ। ସେମାନଙ୍କର ନିଷ୍ପତ୍ତି ନେବା କ୍ଷେତ୍ରରେ ସିଧା ସଳଖ ସାଂସ୍କୃତିକ ଅନୁମୋଦନ ରହିଥାଏ।

ପରିବାର ମଧ୍ୟରେ କାର୍ଯ୍ୟ ଓ ଦାୟିତ୍ୱ ବଣ୍ଟନ, ପୁରୁଷ ଓ ମହିଳା ମାନଙ୍କ ମଧ୍ୟରେ ସମାନ ସୁବିଧା ସୁଯୋଗ ସୀମିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ବ୍ୟବସ୍ଥା ମହିଳା ମାନଙ୍କର ଆୟ ବୃଦ୍ଧି କରିବାର ଦକ୍ଷତାକୁ ସଂକୁଚିତ କରେ। ଏହାଦ୍ୱାରା ସେମାନେ ପଶ୍ଚାତଗାମୀ ହୋଇ ପରାଧୀନ ସ୍ଥିତିକୁ ଚଲି ଆସନ୍ତି। ଏହାଯୋଗୁଁ ସେମାନେ ନିୟମିତ ହିଂସା ଓ ପାରିବାରିକ ଅସମାନତାର ଶିକାର ହୁଅନ୍ତି।

ଆହୁରି ମଧ୍ୟ ଦେଖା ଯାଇଛି ଯେ ପରିବାର ମଧ୍ୟରେ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଢଙ୍ଗରେ ପରିଚାଳନା ଓ ବଣ୍ଟନ କାର୍ଯ୍ୟ ସଂପାଦିତ ହୋଇଥାଏ। ଏହା ଦୁଇ ଲିଙ୍ଗ ମଧ୍ୟରେ ଲିଙ୍ଗଭିତ୍ତିକ ଦାୟିତ୍ୱ ଉପରେ ନିର୍ଭର କରେ। ସମଗ୍ର ବିଶ୍ୱରେ କରାଯାଇଥିବା ଗବେଷଣାରୁ ଦେଖା ଯାଇଛି ଯେ, ମହିଳା ମାନଙ୍କର ଆୟ ମୁଖ୍ୟତଃ ଦୈନନ୍ଦିନ ଖାଦ୍ୟ, ଲୁଗାପଟା ଓ ଘରକରଣା ଜିନିଷ ପାଇଁ ବିନିଯୋଗ କରାଯାଇଥାଏ। ଏଥିଯୋଗୁଁ ପାରିବାରିକ ବ୍ୟବସ୍ଥାରେ ତୁଳନାତ୍ମକ ଭାବେ ପୁରୁଷ ମାନଙ୍କ ଅପେକ୍ଷା ମହିଳା ମାନଙ୍କର ଆୟର ବଡ଼ ଅଂଶଧନ ରହିଥାଏ। ଧ୍ୟାନ ଦେବାର କଥା ଯେ, ପୁରୁଷ ପରିବାରର ମୁଖ୍ୟ ହେଲେ ସେ ଉପଯୁକ୍ତ ତତ୍ତ୍ୱବଧାରକ ହେବାର ଯେଉଁ ଧାରଣା ରହିଛି, ଏହା ଆଉ ଅଧିକ ଦିନ ତିଷ୍ଠି ରହି ପାରିବ ନାହିଁ। ମୁଖିଆ ନିଜେ ସମସ୍ତ ଘରୋଇ ଆବଶ୍ୟକତା ପୂରଣ କରିପାରିବେ ନାହିଁ। ତାଙ୍କୁ

ପରିବାରର ସମସ୍ତଙ୍କର ହିତାକାଂକ୍ଷୀ ପ୍ରତିନିଧି ବୋଲି ବିବେଚନା କରାଯାଇପାରିବ ନାହିଁ। ଏହା ସତ ଯେ ଅଧିକାଂଶ କ୍ଷେତ୍ରରେ ସାଂସ୍କୃତିକ ନିୟମ, ଦର୍ଶନ ଓ ପ୍ରଚଳିତ ବିଧି ପରିବାର ସଦସ୍ୟଙ୍କ ମଧ୍ୟରେ କାର୍ଯ୍ୟବଣ୍ଟନକୁ ସ୍ୱାଭାବିକ ଓ ଆଇନ୍ ସିଦ୍ଧ କରିଥାଏ। ତଥାପି ଅସମାନତା ଚଲୁ ରହେ। କାରଣ ପୁରୁଷ ଓ ମହିଳା ମାନେ ପରିବାର ପ୍ରତି ସେମାନଙ୍କ ଅବଦାନ ଦୃଷ୍ଟି କୋଣରୁ ଏହି ପକ୍ଷପାତିତାକୁ ଗ୍ରହଣ କରି ନିଅନ୍ତି। ପୁରୁଷ ମାନଙ୍କର ପ୍ରତ୍ୟକ୍ଷ ରୋଜଗାରକୁ ବେଳେ ବେଳେ ପରିବାର ପାଇଁ ବଡ଼ ଅବଦାନ ବୋଲି ଧରି ନିଆଯାଇଥାଏ। ଏଥିଯୋଗୁଁ ପରିବାରର ସମ୍ବଳ ଉପରେ ପୁରୁଷ ମାନଙ୍କର ଅଧିକ ନିୟନ୍ତ୍ରଣ ଥାଏ। କିନ୍ତୁ ଅନ୍ୟ ପକ୍ଷରେ ମହିଳା ମାନଙ୍କର ସମୟ ଓ ଶକ୍ତି ପରିବାରର ସାମଗ୍ରିକ ମଙ୍ଗଳ ପାଇଁ ବିନିଯୁକ୍ତ ହୋଇଥାଏ। ତେଣୁ ଯୋଜନା ବିଦ୍ଧ ବିକାଶ ନିମନ୍ତେ ବ୍ୟକ୍ତିଗତ ସ୍ୱାର୍ଥ ଓ ମଙ୍ଗଳର ସଠିକ୍ ମୂଲ୍ୟାୟନ ହେବା ଆବଶ୍ୟକ। ପରିବାର ମଧ୍ୟରେ ଥିବା ଅସମାନତାକୁ ଦୂର କରିବା ପାଇଁ ଲିଙ୍ଗଗତ ସହମତିର ଆବଶ୍ୟକତା ରହିଛି।

୨.୨.୨. ଲିଙ୍ଗର ଭୂମିକା ଓ ବିକାଶ ଉପରେ ଏହାର ପ୍ରଭାବ :

ଏକଦା ମହିଳା ମାନଙ୍କୁ ପରାଧିନ ବା ଗୃହିଣୀ ବୋଲି ବିବେଚନା କରାଯାଉଥିଲା। କିନ୍ତୁ ବର୍ତ୍ତମାନ ସେମାନେ ତିନୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସଂପାଦନ କରିଆସୁଛନ୍ତି। ଏହି ତିନୋଟି ଭୂମିକାକୁ ବିକାଶ କ୍ଷେତ୍ରରେ 'ତ୍ରୟୀ' ଭୂମିକା ବୋଲି କୁହାଯାଏ। ପ୍ରଥମତଃ, ମହିଳା ମାନେ ପ୍ରଜନନ କାର୍ଯ୍ୟ ସଂପାଦନ କରିଥାନ୍ତି। ଏହା ସାଧାରଣତଃ ଉଭୟ ସନ୍ତାନଜନ୍ମ ଓ ସେମାନଙ୍କ ଲାଳନପାଳନକୁ ବୁଝାଇଥାଏ। ଦ୍ୱିତୀୟତଃ, ତୃତୀୟ ବିଶ୍ୱରେ ସ୍ୱଳ୍ପ ଆୟକାରୀ ପରିବାରରେ ମହିଳାମାନେ ଉତ୍ପାଦିକା କାର୍ଯ୍ୟରେ ନିୟୋଜିତ ହୋଇ ଥାଆନ୍ତି। ଏହି କାର୍ଯ୍ୟ ଯୋଗୁଁ ସେମାନେ ମଜୁରୀ ପାଇଥାଆନ୍ତି ବା କିଛି ଅର୍ଥ ରୋଜଗାର କରି ଥାଆନ୍ତି। ଗ୍ରାମାଞ୍ଚଳରେ ଏହା କୃଷି କାର୍ଯ୍ୟ ହୋଇପାରେ। ସହରାଞ୍ଚଳରେ ବହୁ ସଂଖ୍ୟକ ମହିଳା ତାଙ୍କଘର ଚରିପାଖରେ ଥିବା ଅଣସଂଗଠିତ କ୍ଷେତ୍ରରେ କାମ କରନ୍ତି। ତୃତୀୟତଃ, ପ୍ରଜନନ କାର୍ଯ୍ୟର ଏକ ଅଂଶ ବିଶେଷ ସ୍ୱରୂପ ମହିଳାମାନେ କିଛି ସମାଜ ଓ ଗୋଷ୍ଠୀ ପରିଚାଳନା କାର୍ଯ୍ୟ ସମ୍ପାଦନ କରି ଥାଆନ୍ତି। ଏହି କାର୍ଯ୍ୟ ସେମାନଙ୍କ ପଡ଼ୋଶୀ କିମ୍ବା ସମାଜର ହିତ ସାଧନ କରିଥାଏ। ଏହି ତିନି ପ୍ରକାର କାର୍ଯ୍ୟ ସତ୍ତ୍ୱେ ମହିଳା ମାନଙ୍କର କାର୍ଯ୍ୟ ଆଖିକୁ ଦେଖାଯାଏ ନାହିଁ। ଏହାକୁ କେତେକ ସେମାନଙ୍କର ସ୍ୱାଭାବିକ କାର୍ଯ୍ୟ ବୋଲି ଧରି ନିଅନ୍ତି। ସନ୍ତାନ ଜନ୍ମ ଓ ସେମାନଙ୍କର ଲାଳନ ପାଳନକୁ କେତେକ ଗୌଣ ବୋଲି ଭାବନ୍ତି। ଅପର ପକ୍ଷରେ ପୁରୁଷ ମାନେ ବେକାର ଥାଆନ୍ତୁ ବା ଭୁଲ୍ ମାର୍ଗରେ ରୋଜଗାର କରନ୍ତୁ, ସେମାନଙ୍କୁ ଉତ୍ପାଦକ ଶ୍ରମିକ ହିସାବରେ ଦେଖାଯାଇଥାଏ। ଉତ୍ପାଦକ ଭୂମିକା କ୍ଷେତ୍ରରେ ଅଧିକାଂଶ ସମାଜରେ ପୁରୁଷ ମାନଙ୍କର କୌଣସି ସ୍ପଷ୍ଟ ଓ ନିର୍ଦ୍ଧାରିତ ଭୂମିକା ନାହିଁ। ସେମାନେ

ସମାଜ ସହିତ ସାଂଶ୍ଳିଷ୍ଟ ହୁଅନ୍ତି। ପୁରୁଷ ମାନେ ମୁଖ୍ୟତଃ ଉପଭୋଗ ଭିତ୍ତିକ ସ୍ୱେଚ୍ଛାସେବୀ କାର୍ଯ୍ୟରେ ନିୟୋଜିତ ହୁଅନ୍ତି ନାହିଁ। କିନ୍ତୁ ସେମାନେ ସମାଜର ନେତୃତ୍ୱ ନିର୍ବାହ କରନ୍ତି। ସେଥିପାଇଁ ସେମାନେ କିଛି ଅର୍ଥ ବା ସାମାଜିକ ସମ୍ମାନ ଲାଭ କରି ଥାଆନ୍ତି।

ନାରୀବାଦୀ ମାନେ ଏହି ଲିଙ୍ଗଭିତ୍ତିକ କାର୍ଯ୍ୟ ବା ଶ୍ରମ-ବିଭାଜନର କାରଣ ନିରୂପଣ କରିଛନ୍ତି। ପ୍ରଥମତଃ, ଏହା ମହିଳା ମାନଙ୍କୁ ଅଧସ୍ତନତା ଓ ଦ୍ୱିତୀୟଟି ହେଉଛି ହେତୁବାଦୀ ଉଦ୍ଦେଶ୍ୟ। ଉତ୍ପାଦିକା ଓ ପ୍ରଜନନ ନାମରେ କାର୍ଯ୍ୟର ଦ୍ୱୈତ ବିଭାଜନ ବିରୁଦ୍ଧରେ ସେମାନେ ସ୍ୱର ଉତ୍ତୋଳନ କରିଛନ୍ତି। କାରଣ ପ୍ରଜନନ କାର୍ଯ୍ୟର ଉତ୍ପାଦିକା ଉପାଦାନ ସଂପୂର୍ଣ୍ଣ ଭାବରେ ଅଦୃଶ୍ୟ ହୋଇଯାଏ। ଏଠାରେ ଉଲ୍ଲେଖ କରାଯାଇଛି ଯେ, ମହିଳା ମାନଙ୍କର ପ୍ରଜନନ କାର୍ଯ୍ୟ ଉଭୟ ସମଶକ୍ତି ଓ ଉତ୍ପାଦନ ସହ ଏହାକୁ ପରିଚାଳନା କରିଥାଏ। ଏହାଦ୍ୱାରା ମୌଳିକ ଉତ୍ପାଦିକା କାର୍ଯ୍ୟ ସମ୍ଭବ ହୋଇଥାଏ। ପୁଞ୍ଜିବାଦ ଭିତ୍ତିକ ବିକାଶ ପୁରୁଷ ଓ ମହିଳା ମାନଙ୍କର ଭୂମିକାର ଐତିହାସିକ କୃତ୍ରିମ ବିଭାଜନ ପାଇଁ ଦାୟୀ। ଏହା ପରବର୍ତ୍ତୀ ସମୟରେ ଏକ ତତ୍ତ୍ୱ ବା ଦର୍ଶନରେ ପରିଣତ ହେଲା।

କେତେକ ନାରୀବାଦୀଙ୍କ ମତରେ "ମହିଳାମାନଙ୍କ ଗୃହୀକରଣ" (Domestication of Women) ଶିଳ୍ପ ବିପ୍ଳବ ସମୟରେ ଆରମ୍ଭ ହୋଇଥିଲା। ଏହି ଶିଳ୍ପ ବିପ୍ଳବ ଆଧୁନିକ ଟଙ୍କା ଭିତ୍ତିକ ଅର୍ଥନୀତି ବ୍ୟବସ୍ଥା ସୃଷ୍ଟି କରିଥିଲା। ଏହା ମହିଳା ମାନଙ୍କୁ ସେମାନଙ୍କ ପାରମ୍ପରିକ କାର୍ଯ୍ୟରୁ ଅନ୍ତର କଲା। ଫଳତଃ ମହିଳାମାନେ କୃଷକ ବା କାରିଗର ବା ବ୍ୟବସାୟୀ ହିସାବରେ ପୂର୍ବର ସ୍ୱାତନ୍ତ୍ର୍ୟ ହରାଇଲେ। ଗୃହିଣୀ ହିସାବରେ ସେମାନଙ୍କର ଯେଉଁ ଭୂମିକା ଥିଲା ତାହା ସେମାନଙ୍କର ପ୍ରାଥମିକ ଦାୟିତ୍ୱରେ ପରିଣତ ହେଲା। ଏହି କାର୍ଯ୍ୟକୁ କୌଣସି ଗୁରୁତ୍ୱ ଦିଆଗଲା ନାହିଁ କି କୌଣସି ଅର୍ଥ ପ୍ରଦାନ କରାଗଲା ନାହିଁ। ଅନ୍ୟପକ୍ଷରେ ପ୍ରଜନନ କାର୍ଯ୍ୟକୁ ସ୍ୱୀକୃତି ଦିଆଗଲା ନାହିଁ। ଉତ୍ପାଦିକା କାର୍ଯ୍ୟରୁ ବାସ୍ତବତାକୁ ଯଦି ଦେଖିବା, ତେବେ 'ଗୃହିଣୀ କରଣ ତତ୍ତ୍ୱ' ପୁରୁଷ ଓ ମହିଳା ମାନଙ୍କ କାର୍ଯ୍ୟର ଅସ୍ତିତ୍ୱକୁ ନଷ୍ଟ କରିଦେଲା। ମହିଳାମାନେ ଅର୍ଥନୀତିର ସବୁଠାରୁ ନିମ୍ନ ସ୍ତରରେ ଥିବା କାର୍ଯ୍ୟ କରିବାକୁ ପାଇଥାଆନ୍ତି। ଏଗୁଡ଼ିକ ସବୁ ନିମ୍ନ କୁଶଳୀ କାର୍ଯ୍ୟ ଓ ଏଥିପାଇଁ ସେମାନଙ୍କୁ ସ୍ୱଳ୍ପ ଅର୍ଥ ମିଳିଥାଏ। ଏହାହିଁ ପୁରୁଷ ମାନେ ଚାହାଁନ୍ତି। ମହିଳା ମାନେ ଏତେ ଦୁର୍ବଳା ଯେ ସେମାନେ ଶୋଷଣ ଓ ନିର୍ଯ୍ୟାତନାର ଶିକାର ହୋଇ ଥାଆନ୍ତି। ତ୍ରୟୀ ଭୂମିକା ପାଇଁ ସେମାନଙ୍କ ଉପରେ କାର୍ଯ୍ୟର ଅଧିକ ଚାପ ପଡ଼ିଥାଏ। ଘରେ ଓ ସମାଜରେ ମହିଳା ମାନଙ୍କର ଅବୈତନିକ କାର୍ଯ୍ୟ ଓ ସ୍ୱଳ୍ପ ଆୟକାରୀ କାର୍ଯ୍ୟକୁ ଉତ୍ପାଦିକା କାର୍ଯ୍ୟ ରୂପେ ସ୍ୱୀକୃତି ମିଳିଥାଏ। ତଥାପି ମହିଳାମାନଙ୍କ ମର୍ଯ୍ୟାଦାରେ ପ୍ରତିବନ୍ଧକ ସୃଷ୍ଟି ହୋଇ ନାହିଁ। କାରଣ ଲିଙ୍ଗଭିତ୍ତିକ କାର୍ଯ୍ୟକୁ

ସେମାନେ ନିଜେ ସ୍ୱୀକୃତି ଦେବା ସହ ଏହାକୁ ଗ୍ରହଣ କରିଥାଆନ୍ତି। ଏଥିପାଇଁ ସେମାନଙ୍କର କୌଣସି ବ୍ୟକ୍ତିଗତ ପସନ୍ଦ ରୁଚି ନଥାଏ।

୨.୨.୩. ବାସ୍ତବ ଓ ନିର୍ଦ୍ଦିଷ୍ଟ ଲିଙ୍ଗଭିତ୍ତିକ ଚାହିଦା :

ବିକାଶ ସଂପର୍କରେ ଆଲୋଚନା କାଳରେ ମାନବୀୟ ଚାହିଦା ଓ ଚାହିଦା ପୂରଣ ପ୍ରସଙ୍ଗଟି ସୃଷ୍ଟି ହୋଇଛି। ହସ୍ତକ୍ଷେପ ଯୋଗୁଁ ବିକାଶ ହୋଇଥାଏ କି ନାହିଁ, ଏହାକୁ ପରୀକ୍ଷା କରିବା ପାଇଁ ଏହି ପ୍ରସଙ୍ଗଟି ସୃଷ୍ଟି ହୋଇଛି। ଆଲୋଚନା ବେଳେ ବାସ୍ତବ ଓ ସୁଚିନ୍ତିତ ଲିଙ୍ଗଭିତ୍ତିକ ଚାହିଦା ଭଳି ଦ୍ୱୈତ ପ୍ରସଙ୍ଗକୁ ଦୃଷ୍ଟି ନିକ୍ଷେପ କରିବା ଅତି ଗୁରୁତ୍ୱ ପୂର୍ଣ୍ଣ। ସମାଜରେ ପୁରୁଷ ଓ ମହିଳା ମାନଙ୍କର ଭିନ୍ନ ଭିନ୍ନ ଭୂମିକା ରହିଛି। ମାକ୍ସିନ୍ ମୋଲେନିଅକ୍ସ (Maxine Moleneux) ପାର୍ଥକ୍ୟକୁ ଏକ ପ୍ରସଙ୍ଗ କରିଥିଲେ ଯାହାକୁ ପରବର୍ତ୍ତୀ ସମୟରେ କ୍ୟାରୋଲିନ୍ ମୋଜର (Caroline Moser) ବ୍ୟାଖ୍ୟା କରିଥିଲେ। ବିକାଶ ଯୋଜନାକାରୀ ମାନେ ଅଧିକ ଲିଙ୍ଗ ସଚେତନ ହେବା ସପକ୍ଷରେ ସେ ଯୁକ୍ତି କରିଥିଲେ। ମୋଲେନିଅକ୍ସ (Moleneux) ଓ Moser (ମୋଜର)ଙ୍କ ମତରେ ମହିଳା ମାନଙ୍କର ସ୍ୱାର୍ଥ ଓ ଲିଙ୍ଗଗତ ସ୍ୱାର୍ଥ ପରସ୍ପର ଠାରୁ ଅଲଗା। ଏଇ ଦୁଇଟି ପ୍ରସଙ୍ଗ ସମାନ ନୁହେଁ। ମହିଳାଙ୍କ ସ୍ୱାର୍ଥ ହେଉଛି ସେଇ ସ୍ୱାର୍ଥ ଯାହାକୁ ସମଗ୍ର ବିଶ୍ୱର ମହିଳା ମାନେ ଜୈବିକ କାରଣରୁ ଓ ମହିଳା ହିସାବରେ ଉପଭୋଗ କରି ଥାଆନ୍ତି। ବାସ୍ତବ ଜୀବନରେ ମହିଳାମାନେ ଏଭଳି ଏକ ସମାଜରେ ବାସ କରନ୍ତି, ଯେଉଁଠାରେ ଲିଙ୍ଗ ଦୃଷ୍ଟି କୋଣରୁ ସେମାନଙ୍କର ସ୍ଥାନ ନିରୂପଣ କରାଯାଇ ନଥାଏ, ପରନ୍ତୁ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଯଥା ଶ୍ରେଣୀ, ଧାର୍ମିକ ଗୋଷ୍ଠୀ ଓ ଲିଙ୍ଗ ଦୃଷ୍ଟି କୋଣରୁ ସେମାନଙ୍କର ସ୍ଥାନ ନିରୂପଣ କରାଯାଇଥାଏ।

ମହିଳା ମାନଙ୍କର ସ୍ୱାର୍ଥ ଓ ଚାହିଦାକୁ ମହିଳାଙ୍କ ପାଇଁ ସମାନଭିତ୍ତିକ ଢାଞ୍ଚାରେ ଉପସ୍ଥାପନା କରିବା ସଂପୂର୍ଣ୍ଣ ରୂପେ ଭୁଲ୍ ହେବ। ଯୋଜନା ପ୍ରଣୟନ ସମୟରେ ବିକାଶ ଯୋଜନାକାରୀ ମାନେ ମହିଳା ମାନଙ୍କ ସ୍ୱାର୍ଥ ଓ ଚାହିଦା ସେମାନଙ୍କର ସାମାଜିକ ସ୍ଥିତି ଅନୁସାରେ ପରିବର୍ତ୍ତିତ ହେବା କଥା ସଂପର୍କରେ ଅବଗତ ହେବା ଜରୁରୀ ଅଟେ। ସେମାନଙ୍କର ଏହି ସ୍ଥିତି ନିର୍ଦ୍ଦିଷ୍ଟ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ସହ ଶ୍ରେଣୀ, ଧାର୍ମିକ ଗୋଷ୍ଠୀ ଓ ଧର୍ମ ଅନୁସାରେ ନିର୍ଦ୍ଧାରିତ ହୋଇଥାଏ। ମହିଳାମାନେ ସାଧାରଣ ସ୍ୱାର୍ଥକୁ ଲିଙ୍ଗଭିତ୍ତିକ ସ୍ୱାର୍ଥ ଭାବରେ ଉପଭୋଗ କରି ଥାଆନ୍ତି। ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଯୋଜନାନୁସାରେ ସମୟ କ୍ରମେ ସ୍ୱାର୍ଥ ଓ ଚାହିଦାର ପରିବର୍ତ୍ତନ ହୋଇଥାଏ। ବିକାଶ ପାଇଁ ଯୋଜନା ଓ ଏହାର ପରିବର୍ତ୍ତନ ଲକ୍ଷ୍ୟ ଏକାଧିକ ସ୍ତର ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। କାରଣ ଯୋଜନାର ପ୍ରୟୋଗ ସୀମିତ ଲକ୍ଷ୍ୟ ହାସଲ

କରିପାରିବ। ଏହା ଦ୍ୱାରା କ'ଣ ଲକ୍ଷ୍ୟ ରଖାଯାଇଛି ଓ କ'ଣ ହାସଲ ହୋଇଛି; ଏହା ଉପରେ ସଂଶୟ ହ୍ରାସ ପାଇବ। ସୁଚିନ୍ତିତ ଓ ବାସ୍ତବ ଚାହିଦା ମଧ୍ୟରେ ପାର୍ଥକ୍ୟ ଅତ୍ୟନ୍ତ ଉପାଦେୟ।

ଏହା ପ୍ରମାଣିତ ହୋଇଛି ଯେ, ସୁଚିନ୍ତିତ ଲିଙ୍ଗ ଭିତ୍ତିକ ଚାହିଦା ଉପରେ ଆଲୋଚନା ସାମାଜିକ ସମ୍ପର୍କରେ ପରିବର୍ତ୍ତନ ପାଇଁ ବାଟ ସୁଗମ କରିଥାଏ। ଏହା ଦ୍ୱାରା ମହିଳାମାନେ ଅଧିକ ସମାନତା ଓ କ୍ଷମତା ଉପଭୋଗ କରି ଥାଆନ୍ତି। ଏହି ପରିବର୍ତ୍ତନ ଭିନ୍ନ ବ୍ୟବସ୍ଥା ବିଷୟରେ ସଚେତନତା ସୃଷ୍ଟି ସହ ସାଂପ୍ରତିକ ବ୍ୟବସ୍ଥା ବିରୁଦ୍ଧରେ ସଂଗ୍ରାମ ପାଇଁ ସଂକଳ୍ପ ଉପରେ ନିର୍ଭର କରିଥାଏ। ସ୍ତବ ଲିଙ୍ଗଗତ ଚାହିଦା ଘରୋଇ କ୍ଷେତ୍ରରେ ମହିଳା ମାନଙ୍କ ଅବସ୍ଥାରେ ପରିବର୍ତ୍ତନ ଆଣିବା ଅଥବା ରୋଜଗାର କ୍ଷମ କାର୍ଯ୍ୟ ସୃଷ୍ଟି ପାଇଁ ଉଦ୍ଦିଷ୍ଟ। ଅଧିକାଂଶ ବିକାଶ ମୂଳକ ହସ୍ତକ୍ଷେପ ମହିଳା ମାନଙ୍କ ବାସ୍ତବ ଲିଙ୍ଗଗତ ଚାହିଦା ପୂରଣ ନିମନ୍ତେ ଲକ୍ଷ୍ୟ ରଖିଥାଏ। ଏହା ଲିଙ୍ଗଗତ କାର୍ଯ୍ୟ ବା ଶ୍ରମ ବିଭାଜନକୁ ଅଥବା ମହିଳା ମାନଙ୍କୁ ଅଧସ୍ତନ କରୁଥିବା ସମାଜର ସାମାଜିକ ନୈତିକ ଓ ଅର୍ଥନୈତିକ ବ୍ୟବସ୍ଥାକୁ ବିରୋଧ କରେ ନାହିଁ। ଅତଏବ, ସୁଚିନ୍ତିତ ଚାହିଦା ଭିତ୍ତିକ ବିକାଶ ହସ୍ତକ୍ଷେପକୁ ନାରୀଭିତ୍ତିକ ବୋଲି ଅଭିହିତ କରିବା ଠିକ୍ ହେବ ନାହିଁ। ନିଜର ବାସ୍ତବ ଚାହିଦାକୁ ହାସଲ କରିବା ପାଇଁ ମହିଳା ମାନଙ୍କ ସମର୍ଥ୍ୟ ବୃଦ୍ଧି କରିବା ନିମନ୍ତେ ହସ୍ତକ୍ଷେପ ଜରୁରୀ। ଅବଶ୍ୟ ଏହା ସ୍ୱଳ୍ପ ନାରୀ ଭିତ୍ତିକ (Less Feminist)। କାରଣ ଏହି ଦୁଇଟି ପ୍ରସଙ୍ଗ ପରସ୍ପର ସଂଶ୍ଳିଷ୍ଟ ଏବଂ ପରିଣାମ ସ୍ୱରୂପ ବେଳେ ବେଳେ ଏ ଦୁଇଟି ଅବିଚ୍ଛେଦ୍ୟ।

୨.୩. ମହିଳା ଓ ବିକାଶର ବିଭିନ୍ନ ଦିଗ :

ମହିଳାମାନଙ୍କର ବିକାଶର ଅନେକ ଗୁଡ଼ିଏ ଦିଗ ଅଛି। ଏଗୁଡ଼ିକ ମଧ୍ୟରୁ ଆମେ ଏଠାରେ ଅଳ୍ପ କିଛିର ପରୀକ୍ଷା କରିବା।

୨.୩.୧. ସାଂଗଠନିକ ଦିଗ :

ବିକାଶ ନୀତିରେ ଥିବା "ବିକାଶ କ୍ଷେତ୍ରରେ ମହିଳା" ତତ୍ତ୍ୱକୁ ବିକାଶର ସାଂଗଠନିକ ଦିଗ ସ୍ୱୀକୃତି ଦେଇ ନଥାଏ। କାରଣ ଏହି ନୀତି ଗୁଡ଼ିକ ସମାଜର ବିବାଦ ସୃଷ୍ଟି ହେବାର ପୁର୍ବାନୁମାନ କରିଥାଏ। ସମାଜରେ ସବୁବେଳେ ସମ୍ବଳ ଓ କ୍ଷମତା ପାଇଁ ପ୍ରତିଯୋଗିତା ଚାଲିଛି ଯାହା ପରବର୍ତ୍ତୀ ସମୟରେ ବିଭିନ୍ନ ଶ୍ରେଣୀ ଓ ଗୋଷ୍ଠୀ ସଂଘର୍ଷର ରୂପ ନିଏ। ଏହି ସଂଘର୍ଷ ଏପରି ରୂପ ନେଇଥାଏ ଯେ ତହିଁରୁ ପ୍ରଭୁତ୍ୱ ଓ ଦମନର ସାଂଗଠନିକ ଭିତ୍ତିଭୂମି ସୃଷ୍ଟି ହୁଏ। ପାରସ୍ପରିକ ବୁଝାମଣା ଓ ସଂସ୍କାର ମାଧ୍ୟମରେ ସାଂପ୍ରତିକ ବ୍ୟବସ୍ଥାରେ ପରିବର୍ତ୍ତନ ଆସି ନଥାଏ। ଦ୍ରୁତ ଓ ବୈପ୍ଳବିକ ରୂପାନ୍ତରଣ ଫଳରେ ହିଁ ପରିବର୍ତ୍ତନ ଆସିଥାଏ। ଫଳତଃ ସମାଜରେ ସମ୍ବଳ ଓ କ୍ଷମତାର ସଠିକ୍ ପୁନଃ ବଣ୍ଟନ ହୋଇଥାଏ। ଏହି କ୍ଷେତ୍ରରେ ମାର୍କସବାଦ ଗୁରୁତ୍ୱପୂର୍ଣ୍ଣ ବିରୋଧାତ୍ମକ ମନ୍ତବ୍ୟର ଭଣ୍ଡାର ସୃଷ୍ଟି କରେ। 'ବିକାଶ କ୍ଷେତ୍ରରେ ମହିଳା' ତତ୍ତ୍ୱ

ଭଳି ମାର୍କସବାଦ ଅନୁସାରେ ବିକାଶ କହିଲେ ଆର୍ଥିକ ଆଧୁନିକୀକରଣ ବା ପୁଞ୍ଜିବାଦୀ ବିକାଶକୁ ବୁଝାଇଥାଏ। ଏହା ତୃତୀୟ ବିଶ୍ୱରେ ମହିଳା ମାନଙ୍କୁ ସର୍ବନିମ୍ନ ସ୍ତରକୁ ଟାଣି ଆଣିଥାଏ। "ବିକାଶ କ୍ଷେତ୍ରରେ ମହିଳା" ତତ୍ତ୍ୱରେ ଲିଙ୍ଗଗତ ଅସମାନତା ଖୁବ୍ ଗଭୀର ଓ ଦ୍ୱନ୍ଦ୍ୱାତ୍ମକ ସ୍ତରରେ ରହି ଥିବାର ଦେଖାଯାଏ। ଏହା ସମଗ୍ର ବିଶ୍ୱରେ ଅସମାନ ପୁଞ୍ଜିବାଦର ବିକାଶକୁ ପ୍ରୋତ୍ସାହିତ କରିଥାଏ। ତେଣୁ ବାସ୍ତବ କ୍ଷେତ୍ରରେ ମାର୍କସବାଦ ତାର ପ୍ରତିଶୃତି ଅନୁସାରେ ପୁଞ୍ଜିବାଦ ବିକାଶର ବାସ୍ତବତାକୁ ଉନ୍ମୋଚନ କରିବାରେ ବିଫଳ ହୁଏ। ପୁଞ୍ଜିବାଦ ବିକାଶ ପ୍ରକ୍ରିୟାରେ ଉତ୍ପାଦନ କ୍ଷେତ୍ରରେ ଶ୍ରେଣୀ ବଦ୍ଧ ସାଂଗଠନିକ ବ୍ୟବସ୍ଥା ଦେଖିବାକୁ ମିଳେ। ଏଥିରେ ସଂଖ୍ୟା ଗରିଷ୍ଠ ଲୋକଙ୍କୁ ଉତ୍ପାଦନର ମାଧ୍ୟମରୁ ବଂଚିତ ରଖା ଯାଇଥାଏ ଓ ପ୍ରଭାବଶାଳୀ ସଂଖ୍ୟା ଲଘୁଙ୍କ ହାତରେ ସମସ୍ତ ସମ୍ବଳ ରହିଥାଏ। ସଂଖ୍ୟା ଗରିଷ୍ଠ ପୁରୁଷ ମାନେ ହେଉଛନ୍ତି ଅଧସ୍ତନ ଓ ଏହି ପୁରୁଷମାନଙ୍କ କର୍ତ୍ତୃତ୍ୱାଧିନ ମହିଳା ମାନଙ୍କ ଅବସ୍ଥା ବର୍ଣ୍ଣନା କରିବା ଅନାବଶ୍ୟକ। ତେଣୁ ମୋଟା ମୋଟି ଭାବରେ ପୁଞ୍ଜିବାଦୀ ଉତ୍ପାଦନ ବ୍ୟବସ୍ଥାରେ ମହିଳା ମାନଙ୍କର ଅବସ୍ଥା ଅତ୍ୟନ୍ତ ଦୟନୀୟ। ମହିଳା ମାନଙ୍କୁ ନିର୍ଯ୍ୟାତିତ କରି ରଖିବା ଦ୍ୱାରା ସଂଖ୍ୟାଲଘୁ ପୁଞ୍ଜିପତିମାନେ ତାର ଫାଇଦା ବା ସୁଫଳ ନିଅନ୍ତି। ଏହି ବ୍ୟବସ୍ଥାରେ ବ୍ୟକ୍ତିର ସ୍ଥିତିକୁ ଶ୍ରେଣୀର ସ୍ୱାର୍ଥ ଦୃଷ୍ଟି କୋଣରୁ ବିବେଚନା କରାଯାଇଥାଏ। ପୁରୁଷମାନଙ୍କର ଆଧିପତ୍ୟକୁ ମହିଳାଙ୍କ ବିରୋଧ ଏକ ଅନାବଶ୍ୟକ ବା ମିଥ୍ୟା ସଚେତନତା ବୋଲି ଧରି ନିଆ ଯାଉଥିଲା। ତେଣୁ ପୁଞ୍ଜିବାଦୀ ବ୍ୟବସ୍ଥାରେ ସଂଖ୍ୟାଲଘୁ ଶାସକ ଶ୍ରେଣୀ ଉପେକ୍ଷିତ ସଂଖ୍ୟାଗରିଷ୍ଠଙ୍କ ମଧ୍ୟରେ ଲିଙ୍ଗକୁ ନେଇ ବିବିଧତା ସୃଷ୍ଟି କରିବାକୁ ଚେଷ୍ଟା କରୁଥିଲେ।

କିନ୍ତୁ କେତେକ ନାରୀବାଦୀ ମାର୍କସଙ୍କ ସହିତ ଏକ ମତ ହୋଇପାରନ୍ତି ନାହିଁ। ସେମାନଙ୍କ ମତରେ ସମାଜରେ ନାରୀ ମାନଙ୍କ ଅଧସ୍ତନତା ନୂତନ ଭାବେ ସୃଷ୍ଟି ହୋଇଥିବା ପ୍ରତିବନ୍ଧକର ଏକ ଅଂଶ ବିଶେଷ। ସେମାନଙ୍କ ମତରେ ବିଶ୍ୱ ସ୍ତରରେ ପୁଞ୍ଜିବାଦୀ ବିକାଶରେ ଯେଉଁ ଅସମତା ରହିଥିଲା, ଏହା ହେଉଛି ତାର ପ୍ରତିଫଳନ। ନାରୀବାଦୀ ମାନଙ୍କର ଗୋଟିଏ ଗୋଷ୍ଠୀ "ନିର୍ଭରଶୀଳ ତତ୍ତ୍ୱକୁ" ସମର୍ଥନ କରନ୍ତି। ସେମାନଙ୍କ ମତରେ ତୃତୀୟ ବିଶ୍ୱର ରାଷ୍ଟ୍ର ମାନଙ୍କରେ ମହିଳାମାନଙ୍କର ବିକାଶ ଯଥେଷ୍ଟ ଭାବରେ ପ୍ରଭାବିତ ହୋଇଥାଏ। କିନ୍ତୁ ବିକଶିତ ରାଷ୍ଟ୍ର ଗୁଡ଼ିକରେ ମହିଳାମାନେ ଆଗରୁ ଉପଲବ୍ଧ ହେଉ ନଥିବା ସୁବିଧା ସୁଯୋଗକୁ ଏବେ ଉପଭୋଗ କଲେଣି।

ସାଫିଓଟି (Saffiotti) ଙ୍କ ମତରେ ପ୍ରାକ୍ ପୁଞ୍ଜିବାଦୀ ବ୍ୟବସ୍ଥାରେ ମହିଳା ମାନଙ୍କର ଶ୍ରମ, ସମୟ ଓ ଶକ୍ତିକୁ ଉପଯୋଗ କରି ପୁଞ୍ଜି ବା ଉତ୍ପାଦନ ବୃଦ୍ଧି କରାଯାଇ ପାରୁଥିଲା। କାରଣ ପରିବାର ଏଭଳି ସଂଗଠିତ ହୋଇଥିଲା ଯେ ମହିଳା ମାନଙ୍କର କାର୍ଯ୍ୟ ଓ ପରିଶ୍ରମ ସଂପୂର୍ଣ୍ଣ ରୂପେ ସ୍ୱେଚ୍ଛାକୃତ ଥିଲା। ବାସ୍ତବରେ ଯେତେବେଳେ ପୁରୁଷ ପ୍ରାଧାନ୍ୟ ଚିନ୍ତାଧାରା ମାନସିକତା ସମାଜ ମଧ୍ୟକୁ ପ୍ରବେଶ କଲା।

ସେତେବେଳେ ମହିଳାମାନେ ଘରର ଚହରିକାନ୍ଥ ମଧ୍ୟରେ ସୀମାବଦ୍ଧ ହୋଇ ରହିଲେ। ଶାରୀରିକ କାରଣ ଓ ସାମାଜିକ ଭୂମିକା ପାଇଁ ମହିଳା ମାନେ ଘର ଭିତରେ ସୀମିତ ହୋଇ ରହିବା ଯୁକ୍ତିସିଦ୍ଧ ହେଲା। କେତେକ ନାରୀବାଦୀ ଆନ୍ତର୍ଜାତୀୟ, ଜାତୀୟ ଓ ପରିବାର ସ୍ତରରେ ଥିବା ବିଭିନ୍ନ ପ୍ରକାର ଅସମାନତା ଉପରେ ଗବେଷଣା କରିଥିଲେ। ମାର୍କସ୍‌ଙ୍କ ମତବାଦ ଭଳି ସେମାନେ କହିଲେ ଯେ ପୁରୁଷ ଓ ମହିଳା ମାନଙ୍କର ସାଧାରଣ ଶ୍ରେଣୀଗତ ସ୍ୱାର୍ଥ ରହିଛି। ତେଣୁ ପରିବାର ମଧ୍ୟରେ ପୁରୁଷମାନଙ୍କ ଦ୍ୱାରା ମହିଳାମାନେ ଶୋଷିତ ହେବାକୁ ସେମାନେ ନାପସନ୍ଦ କଲେ। ଶୋଷଣୋନ୍ମୁଖୀ ପୁଞ୍ଜିବାଦୀ ବ୍ୟବସ୍ଥାରେ ପୁରୁଷ ମାନେ ଅସହାୟ ହେବା ସହ ସେମାନଙ୍କ ମଧ୍ୟରେ ବିରକ୍ତି ଭାବ ସୃଷ୍ଟି ହୁଏ। ଏହାର ଫଳ ସ୍ୱରୂପ ସମାଜରେ ମହିଳା ମାନଙ୍କ ଉପରେ ଲିଙ୍ଗଗତ ଆକ୍ରମଣ ସହ ସେମାନଙ୍କର ଅଧସ୍ତନତା ଦେଖିବାକୁ ମିଳେ।

ଜର୍ମାନୀର ନାରୀବାଦୀ ମେରିଆ ମାଇସ୍ (Maria Mies) ଙ୍କ ମତରେ ପୁଞ୍ଜିବାଦୀ ବିକାଶ ପ୍ରକ୍ରିୟାରେ ଶ୍ରେଣୀ ଉପରେ ଗୁରୁତ୍ୱ ଦିଆଯାଏ। କିନ୍ତୁ ପ୍ରକୃତରେ ଲିଙ୍ଗ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ତାଙ୍କ ମତରେ ପୁରୁଷମାନେ ପୃଥିବୀର ସବୁଠାରେ ଖୁବ୍ ହିଂସ୍ର ଓ ପୁରୁଷ କୈନ୍ଦ୍ରିକ ବ୍ୟବସ୍ଥାର ସବୁ ସ୍ତରରେ ସେମାନେ ରହିବାକୁ ଚହାଁନ୍ତି। ଏବେ ପୁରୁଷ ମାନେ ଧ୍ୱଂସ କରିବାର କୌଶଳକୁ ନିୟନ୍ତ୍ରଣ କରୁଛନ୍ତି। ତାଙ୍କ ମତରେ ଏହା ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ।

୨.୩.୨. ଲିଙ୍ଗ ସଂପର୍କର ଢାଞ୍ଚା :

ପୁଞ୍ଜିବାଦୀ ବିକାଶରେ ମହିଳା ମାନଙ୍କ ଉପରେ ଯେଉଁ ପ୍ରଭାବ ପଡ଼େ ତାକୁ ସାଧାରଣ ଶ୍ରେଣୀଭୁକ୍ତ ବା ସାର୍ବଜନୀନ କରିବାକୁ ଲିଙ୍ଗର ସାଙ୍ଗଠନିକ ଦିଗ ଚେଷ୍ଟା କରେ। ଲିଙ୍ଗ ସମ୍ପର୍କ କହିଲେ ସାଧାରଣତଃ ପୁରୁଷ ଓ ମହିଳାଙ୍କ ମଧ୍ୟରେ ଥିବା ସଂପର୍କକୁ ବୁଝାଏ ନାହିଁ। ଏହା ସମସ୍ତ ପ୍ରକାର ସାମାଜିକ ସଂପର୍କକୁ ବୁଝାଏ ଯେଉଁଥିରେ ପୁରୁଷ ହିଁ ପୁରୁଷ ଓ ମହିଳା ହିଁ ମହିଳା। ଜୀବବିଜ୍ଞାନର ସଂଜ୍ଞା ଅନୁସାରେ ଲିଙ୍ଗବାଦ ସମଗ୍ର ପୃଥିବୀରେ ପୁରୁଷ ଓ ମହିଳା ମାନଙ୍କର ଲିଙ୍ଗ ଭିତ୍ତିକ ବ୍ୟବହାର ଓ ଆଚରଣ ବିଷୟରେ ଆଲୋଚନା କରିଥାଏ। ତେଣୁ ଲିଙ୍ଗ ସଂପର୍କର ଢାଞ୍ଚାରେ ପୁରୁଷ ଓ ମହିଳା ମାନଙ୍କର ଶାରୀରିକ ସଂପର୍କକୁ ସାମିଲ କରାଯାଇ ନଥାଏ।

ଲିଙ୍ଗ ସଂପର୍କର ଢାଞ୍ଚା ଅନ୍ୟାନ୍ୟ ସାମାଜିକ ସଂପର୍କ ଯଥା ଶ୍ରେଣୀ, ବର୍ଣ୍ଣ, ଧାର୍ମିକ ଗୋଷ୍ଠୀ ଓ ଧର୍ମ ଇତ୍ୟାଦି ସଂପର୍କରେ ଆଲୋଚନା କରିଥାଏ। ଏଗୁଡ଼ିକ ଲିଙ୍ଗଗତ ଅସମାନତା ପାଇଁ ଦାୟୀ। ବ୍ୟକ୍ତିର ପରିଚୟ, ସାମାଜିକ ସ୍ଥିତି ଓ କ୍ଷମତା ନିର୍ଦ୍ଧାରଣରେ ଏଗୁଡ଼ିକର କୌଣସି ପ୍ରାଧାନ୍ୟ ନଥାଏ। ବେଳେ ବେଳେ କେତେକ କଠୋର ନିୟମ ଓ ପଦକ୍ଷେପ ଗୋଟିଏ ଲିଙ୍ଗ ଅପେକ୍ଷା ଅନ୍ୟ ଲିଙ୍ଗର ଅଧିକ ଉନ୍ନତି

ସାଧନ କରିଥାଏ ଏବଂ ଏଥିପାଇଁ ଜୈବିକ ତତ୍ତ୍ୱ ସହାୟକ ହୋଇଥାଏ। ପ୍ରତ୍ୟେକ ସମାଜରେ କେତେକ ଲିଙ୍ଗ ବୈଷମ୍ୟ ନୀତି ପ୍ରଚଳିତ ଅଛି। ସେଗୁଡ଼ିକ ହେଉଛି- ଲିଙ୍ଗଗତ ଶ୍ରମ ବିଭାଜନ, ତ୍ୟାଗ ମନୋଭାବାପନ୍ନ ପୁରୁଷ ପ୍ରାଧାନ୍ୟ ଇତ୍ୟାଦି। ଏଗୁଡ଼ିକ ବେଳେବେଳେ ସ୍ୱାଭାବିକ ବୋଲି ଭାବିବା ବେଳକୁ ସଂଶୟ ସୃଷ୍ଟି ହୁଏ। ଯେତେବେଳେ ହୃଦ୍‌ବୋଧ ହୁଏ ଯେ, ଏଗୁଡ଼ିକ ସ୍ୱାଭାବିକ ନୁହେଁ କିମ୍ବା ଜୈବିକ ନୁହେଁ କିମ୍ବା ସାମାଜିକ ବ୍ୟବସ୍ଥାରେ ଲିଙ୍ଗ ସଂପର୍କର ପ୍ରତିଫଳନ ନୁହେଁ, ସେତେବେଳେ ହିଁ ଏହି ସଂଶୟ ସୃଷ୍ଟି ହୁଏ।

ଲିଙ୍ଗ ସଂପର୍କ ସବୁ ସମୟରେ ଥିଲା ଓ ଏବେବି ଅଛି। ଏକଥା ବିକାଶ ଯୋଜନାକାରୀ ମାନେ ହୃଦ୍‌ବୋଧ କରିବା ଆବଶ୍ୟକ। ପରିବାର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯେଉଁଠାରେ ଏହାର ପ୍ରଭାବ ଦେଖିବାକୁ ମିଳେ। କାରଣ ସବୁ ସାମାଜିକ ଅନୁଷ୍ଠାନରେ ପୁରୁଷ ଓ ମହିଳା ମାନଙ୍କର ଯୋଗଦାନ ଏହିଠାରେ ହିଁ ନିର୍ଦ୍ଧାରିତ ହୋଇଥାଏ। ଏହା ପରିବାର ଉତ୍ପାଦିକା କାର୍ଯ୍ୟକୁ ପ୍ରଜନନ କାର୍ଯ୍ୟ ସହିତ ଘରୋଇ କ୍ଷେତ୍ରକୁ ସାଧାରଣ କ୍ଷେତ୍ର ସହିତ, ଅଣୁ ବା ଅତିକ୍ଷୁଦ୍ର ଅର୍ଥନୈତିକ ଏକକକୁ ଅର୍ଥନୀତି ସହିତ ଯୋଡ଼ିଥାଏ।

୨.୩.୩. ବିକାଶ ପାଇଁ ମହିଳା ସଶକ୍ତି କରଣ :

ମହିଳାଙ୍କ ସଶକ୍ତିକରଣ ପ୍ରସଙ୍ଗଟି ମହିଳାଙ୍କ ବିକାଶ ସହିତ ନିବିଡ଼ ଭାବରେ ଯୋଡ଼ି ହୋଇ ରହିଛି। କିନ୍ତୁ ସଶକ୍ତିକରଣର ଅର୍ଥ କ'ଣ ? ଓ ବିକାଶ କିପରି ସଶକ୍ତି କରଣ କରିପାରିବ ? ସଶକ୍ତିକରଣ ଶବ୍ଦଟି ଗୋଟିଏ ବିବାଦୀୟ ଶବ୍ଦ। ଆର୍ଥିକ କାର୍ଯ୍ୟକଳାପରେ ମହିଳା ମାନଙ୍କର ଅତ୍ୟଧିକ ଅଂଶ ଗ୍ରହଣକୁ ସଶକ୍ତିକରଣ କୁହାଯାଇପାରିବ ନାହିଁ। କାରଣ ଆର୍ଥିକ କାର୍ଯ୍ୟକଳାପ ସବୁବେଳେ ମହିଳାମାନଙ୍କ ଅବସ୍ଥାରେ ଉନ୍ନତି ଆଣି ନଥାଏ। ଏହା ବେଳେ ବେଳେ ସେମାନଙ୍କ ପାଇଁ ଅତିରିକ୍ତ କାର୍ଯ୍ୟବୋଝ ସୃଷ୍ଟି କରିଥାଏ। 'ସଶକ୍ତକରଣ' ଶବ୍ଦଟି କ୍ଷମତା ଭଳି ବିବାଦୀୟ ପ୍ରସଙ୍ଗ ସହିତ ଜଡ଼ିତ। ଏହାକୁ ବିଭିନ୍ନ ଲୋକ ବିଭିନ୍ନ ଭାବେ ଗ୍ରହଣ କରନ୍ତି। ଜୋ ରୋଲାଣ୍ଡସ୍ (Jo Rowlands) ତାଙ୍କର "ସଶକ୍ତିକରଣ କ'ଣ" ଶୀର୍ଷକ ପ୍ରବନ୍ଧରେ ଅନ୍ୟ ଉପରେ କ୍ଷମତା (power over) ଓ ହାସଲ କରିବାର କ୍ଷମତା (power to) ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଧାରଣ କରିଥିଲେ। ପ୍ରଥମଟିର ଅର୍ଥ ହେଉଛି, ଲୋକ ମାନଙ୍କର ନିୟନ୍ତ୍ରଣ ଗତ କ୍ଷମତା ବା ଶକ୍ତି। ତେଣୁ ଏହା ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରିବାର ଏକ ମାଧ୍ୟମ। କିନ୍ତୁ ଦ୍ୱିତୀୟଟିର ଅର୍ଥ ହେଉଛି ସୃଷ୍ଟି ବା ଉତ୍ପାଦନ କରିବାର କ୍ଷମତା। ଏହା ଅଗ୍ରସର ହେବାର ଏକ ସାମର୍ଥ୍ୟ। ଏହା ହେଉଛି ବିନା ପ୍ରତିବନ୍ଧକରେ ବା ପ୍ରତିରୋଧରେ ଆଗକୁ ଚଲିବାର ଦକ୍ଷତା। ଏହା ଏଭଳି ଏକ କ୍ଷମତା ଯାହାଦ୍ୱାରା ଜଣେ ଅନ୍ୟଜଣଙ୍କ ଉପରେ ନିଜର କର୍ତ୍ତୃତ୍ୱ ବା ଆଧିପତ୍ୟ ବିସ୍ତାର କରି ନଥାଏ ବା

ଅନ୍ୟ ମାନଙ୍କୁ ନିଜର ଅଧସ୍ତନ କରି ନଥାଏ। ଅପର ପକ୍ଷରେ ଏହା ଏକ ଶକ୍ତି ଯାହା ଅନ୍ୟ ଉପରେ କ୍ଷମତା ଜାହିର କରିବାକୁ ଚେଷ୍ଟା କରେ ବା ଅନ୍ୟ ଅର୍ଥରେ କହିବାକୁ ଗଲେ ମୁକାବିଲା କରିଥାଏ।

ମହିଳାମାନେ ନିଷ୍ପତ୍ତି ନିର୍ଦ୍ଧାରଣ ପ୍ରକ୍ରିୟାରୁ ବାଦ୍ ପଡ଼ିଥାନ୍ତି ବା ପ୍ରକ୍ରିୟାର ବାହାରେ ରହିଥାନ୍ତି। ସେମାନେ ନିଷ୍ପତ୍ତି ନିର୍ଦ୍ଧାରଣରେ ଅଂଶ ଗ୍ରହଣ କରି ନଥାନ୍ତି। ତେଣୁ ସାଧାରଣ ଭାବେ ସଶକ୍ତିକରଣ କହିଲେ ମହିଳା ମାନଙ୍କୁ ନିଷ୍ପତ୍ତି ନିର୍ଦ୍ଧାରଣ ପ୍ରକ୍ରିୟା ଅନ୍ତର୍ଭୁକ୍ତ କରିବା। ସେମାନଙ୍କୁ ଏଥିରେ ସାମିଲ କରିବା। ଏହାଦ୍ୱାରା ରାଜନୈତିକ ସଂଗଠନ ଓ ନିଷ୍ପତ୍ତି ନିର୍ଦ୍ଧାରଣ, ବଜାର ଓ ଆୟ ଇତ୍ୟାଦିରେ ମହିଳା ମାନଙ୍କର ଯୋଗଦାନର ସୁଯୋଗ ଉପଲବ୍ଧ ହୋଇ ପାରିବ। ଏଥିରେ ସେମାନେ ପରିବାର, ସମାଜ ଓ ରାଷ୍ଟ୍ରର ବିନା ପ୍ରତିବନ୍ଧକରେ ସମସ୍ତ ସୁବିଧା ସୁଯୋଗ ବୃଦ୍ଧି କରିବାରେ ସକ୍ଷମ ହୋଇ ପାରିବେ। ତେଣୁ ନାରୀବାଦର ସଂଜ୍ଞାନୁସାରେ ସଶକ୍ତିକରଣ ଏକ ବ୍ୟାପକ ଶବ୍ଦ। କାରଣ ଏହା ମହିଳା ମାନଙ୍କୁ ତାଙ୍କ ନିଜ ସ୍ୱାର୍ଥ ସହ ଅନ୍ୟ ମାନଙ୍କର ସ୍ୱାର୍ଥ ବିଷୟରେ ସଚେତନ ହେବାକୁ ଆହ୍ୱାନ କରେ। ନିଜର ଓ ଅନ୍ୟର ସ୍ୱାର୍ଥକୁ ବୁଝିପାରିଲେ। ପ୍ରଭାବ ବିସ୍ତାର କରିବାର ଦକ୍ଷତାକୁ ମୂଲ୍ୟାଙ୍କନ କରିହେବ। ନାରୀବାଦ ଦୃଷ୍ଟି କୋଣରୁ ଅନ୍ୟମାନଙ୍କ ଉପରେ କ୍ଷମତା ଜାହିର କରିବା ସହ ସହନଶୀଳତା, ସାଲିସ ଓ ପରିବର୍ତ୍ତନ କରିବାର ଦକ୍ଷତାକୁ ହୃଦ୍‌ବୋଧ କରିବାକୁ ସଶକ୍ତିକରଣ କୁହାଯାଏ। ମହିଳା ମାନଙ୍କୁ ଏହି ଶକ୍ତି ନିଆଯାଇ ନଥାଏ କି ସେମାନେ ଏହାକୁ କୌଣସି ସୂତ୍ରରୁ ଗ୍ରହଣ କରିନଥାନ୍ତି। ଏହାହିଁ ସେମାନଙ୍କ ମଧ୍ୟରୁ ସୃଷ୍ଟି ହୋଇଥାଏ। ତେଣୁ ସଶକ୍ତିକରଣ ଏକ ପ୍ରକ୍ରିୟା। ବିକାଶ ହିଁ ସଶକ୍ତିକରଣ। ଏଥିରେ ସଂଦେହର କୌଣସି ଅବକାଶ ନାହିଁ। ଦେଖା ଯାଇଛି ଯେ, ରାଷ୍ଟ୍ରର କେତେକ ନୀତିରେ ବିକାଶର ଅନ୍ତିମ ଲକ୍ଷ୍ୟ ହେଉଛି ମହିଳା ସଶକ୍ତିକରଣ। ଏହା ମହିଳା ମାନଙ୍କର ଆତ୍ମ ବିଶ୍ୱାସ ବୃଦ୍ଧିକୁ ସୂଚୀତ କରେ ଏବଂ ଏହି ଆତ୍ମବିଶ୍ୱାସକୁ ବୃଦ୍ଧି କରିବା ପାଇଁ ମହିଳାମାନେ ଦାୟିତ୍ୱ ନିଅନ୍ତି। ସେମାନେ ସେମାନଙ୍କ ମଧ୍ୟରେ ଥିବା ମାନବୀୟ ଦକ୍ଷତା ଓ ଅନ୍ତର୍ନିହିତ ଶକ୍ତିକୁ ବୃଦ୍ଧି କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରନ୍ତି।

ତୃତୀୟ ଏକକ: ଲିଙ୍ଗ ଓ ବିକାଶ

ବିଷୟ ଗଠନ

୩.୦. ପଠନର ଉଦ୍ଦେଶ୍ୟ

୩.୧. ଲିଙ୍ଗ ଓ ବିକାଶ : ପରିଚିତି

୩.୨. ବିକାଶ କ୍ଷେତ୍ରରେ ନାରୀ ଏବଂ ଲିଙ୍ଗ ଓ ବିକାଶ ମଧ୍ୟରେ ପାର୍ଥକ୍ୟ

୩.୩. ଲିଙ୍ଗ ଓ ସମ୍ବିଧାନ: ଭାରତରେ ମହିଳା

୩.୪. ଭାରତରେ ବିକାଶୋନ୍ମୁଖୀ ଯୋଜନା

୩.୪.୧. ଜରୁରୀକାଳୀନ ପରିସ୍ଥିତିରେ ମହିଳାଙ୍କ ବିକାଶ ପାଇଁ ଯୋଜନା (୧୯୭୭-୮୦)

୩.୪.୨. ମହିଳା ବିକାଶରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା

୩.୪.୩. ସପ୍ତମ ପଞ୍ଚବାର୍ଷିକ ଯୋଜନା (୧୯୮୫-୧୯୯୦)

୩.୪.୪. ଅଷ୍ଟମ ପଞ୍ଚବାର୍ଷିକ ଯୋଜନା (୧୯୯୨-୧୯୯୭)

୩.୪.୫. ନବମ ପଞ୍ଚବାର୍ଷିକ ଯୋଜନା (୧୯୯୭-୨୦୦୨)

୩.୪.୬. ଦଶମ ପଞ୍ଚବାର୍ଷିକ ଯୋଜନା (୨୦୦୨-୨୦୦୭)

୩.୪.୭. ଏକାଦଶ ପଞ୍ଚବାର୍ଷିକ ଯୋଜନା (୨୦୦୭-୨୦୧୨)

୩.୪.୮. ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା (୨୦୧୨-୨୦୧୭)

୩.୫. ମହିଳାମାନଙ୍କ ପାଇଁ ନୀତି ଓ ଯୋଜନା

୩.୬. ଲିଙ୍ଗ ବିକାଶର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର

୩.୬.୧. କାର୍ଯ୍ୟ

୩.୬.୨. ଦାରିଦ୍ର୍ୟ

୩.୬.୩. ପାରିବାରିକ ଜୀବନ

୩.୬.୪. ସ୍ୱାସ୍ଥ୍ୟ ଓ ପୋଷଣ

୩.୬.୫. ଶିକ୍ଷା

୩.୬.୬. ପରିବେଶ:

୩.୬.୭. ସର୍ବସାଧାରଣ ଓ ନୀତି ନିର୍ଦ୍ଧାରଣ କ୍ଷେତ୍ର

୩.୭. ଲିଙ୍ଗ ବିକାଶୋନ୍ମୁଖୀ ନୀତିର ପ୍ରତିବନ୍ଧକ

୩.୮. ଲିଙ୍ଗ ମୁଖ୍ୟ ସ୍ରୋତୀକରଣ

୩.୯. ଲିଙ୍ଗ ଅଟକଳ

୩.୯.୧. ଲିଙ୍ଗ ଅଟକଳ ପ୍ରସ୍ତୁତି ପ୍ରକ୍ରିୟା

୩.୯.୨. ଲିଙ୍ଗ ଅଟକଳର ଆବଶ୍ୟକତା

୩.୯.୩. ଲିଙ୍ଗ ଅଟକଳରେ ମୁଖ୍ୟ କାର୍ଯ୍ୟକର୍ତ୍ତା

୩.୧୦. ଏକତ୍ରୀକରଣ

୩.୧୧. ପ୍ରମୁଖ ଶବ୍ଦ

୩.୧୨. ସହାୟକ ଗ୍ରନ୍ଥସୂଚୀ

୩.୧୩. ଆତ୍ମ ପରୀକ୍ଷଣ- ସମ୍ଭାବ୍ୟ ଉତ୍ତରମାଳା

୩.୦ ପଠନର ଉଦ୍ଦେଶ୍ୟ :

- ଗ୍ରାମାଞ୍ଚଳ ସମାଜରେ ମହିଳାମାନଙ୍କର ଭୂମିକା ବର୍ଣ୍ଣନା କରିବା
- ବିକାଶ ପ୍ରକ୍ରିୟାରେ ମହିଳା ପ୍ରସଙ୍ଗକୁ ପରିଚିତ କରାଇବା
- ମହିଳା ମାନଙ୍କ ଉନ୍ନତିର ପ୍ରଭାବ ବୁଝିପାରିବା
- ବିକାଶ ପ୍ରକ୍ରିୟାରେ ଲିଙ୍ଗ ପ୍ରସଙ୍ଗ ବର୍ଣ୍ଣନା କରିବା।

୩.୧.ଲିଙ୍ଗ ଓ ବିକାଶର : ପରିଚିତି

ଆମେ ଲିଙ୍ଗ ଶବ୍ଦର ଅର୍ଥ ବୁଝିସାରିଲା ପରେ ଏବେ ଦେଖିବା ବିକାଶ ପ୍ରସଙ୍ଗ ମଧ୍ୟକୁ ନାରୀ ସମସ୍ୟା କିଭଳି ପ୍ରବେଶ କଲା। ପୁରୁଷ ଓ ମହିଳାମାନେ କିପରି ବିକାଶ ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି ଓ ତା'ର ସୁଫଳ ପାଆନ୍ତି ଏବଂ ଏହାକୁ ନିର୍ଦ୍ଧାରଣ କରୁଥିବା ସାମାଜିକ, ଅର୍ଥଭିତ୍ତିକ, ରାଜନୈତିକ ଓ ସାଂସ୍କୃତିକ ଶକ୍ତିକୁ ବୁଝିବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ। ଅନ୍ୟ ସମସ୍ତ ସାମାଜିକ ସମ୍ପର୍କ ଭଳି ଯୁଗ ଯୁଗ ଧରି ଲିଙ୍ଗଗତ ସମ୍ପର୍କ ସମାଜ ଓ ଅର୍ଥନୈତିକ ପରିବର୍ତ୍ତନକୁ ପ୍ରଭାବିତ କରିଥାଏ। (ପିଅର ସନ୍-୧୯୨୨- Pear Son-1922) ସାରା ଦେଶ ତଥା ଅଞ୍ଚଳରେ ମହିଳାଙ୍କ ଜୀବନଧାରା ଚିହ୍ନଟ କ୍ଷେତ୍ରରେ ସାମାଜିକୀକରଣ ଓ ଉତ୍ପାଦନର ସାମାଜିକ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ିଥାଏ।

ନାରୀବାଦ ଓ ବିକାଶ ପ୍ରକ୍ରିୟାରେ ନାରୀ ମଧ୍ୟରେ ଏକ ଗଠନମୂଳକ ଯୋଗାଯୋଗ ହୋଇଥିଲା। ଏହା ମିଳିତ ଜାତିସଂଘର "ମହିଳାଙ୍କ ଦଶନ୍ଧି" ୧୯୭୬-୮୫ ପରିପ୍ରେକ୍ଷୀରେ ସଂଗଠିତ ହୋଇଥିଲା।

୧୯୭୫ ମସିହାରେ ମେକ୍ସିକୋ ସିଟିରେ ଅନୁଷ୍ଠିତ ହୋଇଥିବା ଆନ୍ତର୍ଜାତୀୟ ମହିଳା ବର୍ଷ ସମ୍ମିଳନୀରେ ସମାନତା, ବିକାଶ ଓ ଶାନ୍ତି ଭଳି ପ୍ରସଙ୍ଗ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ତାହା ହେଉଛି ମହିଳାମାନଙ୍କ ସମସ୍ୟା ଉପରେ ନିରବଚ୍ଛିନ୍ନ ବିତର୍କ। ପରବର୍ତ୍ତୀ ସମୟରେ ହୃଦ୍‌ବୋଧ କରାଗଲା ଯେ ମହିଳାମାନଙ୍କ ସମସ୍ୟାକୁ ଏକ ପୃଥକ ବିଭାଗ ଭାବରେ ରଖାଯିବା ଉଚିତ୍ ନୁହେଁ।

ଅଧିକ ବିବରଣୀ ବାକ୍ସରେ ପ୍ରଦାନ ଦିଆଗଲା।

ମିଳିତ ଜାତିସଂଘର ମହିଳାଙ୍କ ଦଶନ୍ଧି (୧୯୭୬-୮୫)ର ପ୍ରମୁଖ ପ୍ରସଙ୍ଗ: ମହିଳାମାନେ ବିକାଶ ନିମନ୍ତେ ନୂତନ ଆଶା ବା ସ୍ୱପ୍ନର ପ୍ରସ୍ତାବମାନ ଦେଉଥିଲେ। ଏଗୁଡ଼ିକ ୧୯୭୦ ଓ ୧୯୮୦ ଦଶନ୍ଧିରେ ଏକାଧିକ ଆନ୍ତର୍ଜାତିକ ବୈଠକରେ ସର୍ବସାଧାରଣରେ ଘୋଷଣା କରାଗଲା। ଏହାଦ୍ୱାରା ଆନ୍ତର୍ଜାତିକ ଦୃଷ୍ଟିରୁ ନାରୀବାଦର ବିକାଶ ଦୃଷ୍ଟିଭଙ୍ଗୀକୁ ସର୍ବସାଧାରଣ ଘୋଷଣା ନାମରେ ପରିଣତ କରାଗଲା। ନିମ୍ନରେ କେତେକ ଆନ୍ତର୍ଜାତିକ ସମ୍ମିଳନୀ ଓ ସେଗୁଡ଼ିକର ସଂକଳ୍ପ ଓ ଯୋଜନା ଦିଆଗଲା।

<u>ମହିଳା ଓ ବିକାଶ ପାଇଁ ଏସିଆ ଓ ପ୍ରଶାନ୍ତ ମହାସାଗରୀୟ କେନ୍ଦ୍ର (APCWD) ୧୯୭୯</u>

ଏହି ସମ୍ମିଳନୀ ମିଳିତ ଜାତିସଂଘ ଆନୁକୂଲ୍ୟରେ ବ୍ୟାଙ୍ଗକଠାରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀ ନାରୀବାଦ ଉପରେ ପ୍ରଥମ ଆନ୍ତର୍ଜାତିକ ସ୍ତରୀୟ ସଂଜ୍ଞା ନିମନ୍ତେ ଏକ ପ୍ରସ୍ତାବ ଆଗତ କରିଥିଲେ। ଏହା ନାରୀବାଦକୁ ଦୁଇଟି ଦୀର୍ଘ ମିଆଦି ଲକ୍ଷ୍ୟ ଥିବା ଏକ ଚେତନା ବୋଲି ଅଭିହିତ କରିଥିଲା। (କ) ଘର ଭିତରେ ଓ ବାହାରେ ନିଜ ଜୀବନ ଉପରେ ନିୟନ୍ତ୍ରଣ ରକ୍ଷା କରିବା ପାଇଁ ମହିଳାମାନଙ୍କର କ୍ଷମତା ହାସଲ। (ଖ) ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଉପଯୁକ୍ତ ନ୍ୟାୟ ଓ ଆର୍ଥିକ ବ୍ୟବସ୍ଥା ସୃଷ୍ଟିକରି ସକଳପ୍ରକାର ଅସମାନତା ଓ ନିର୍ଯ୍ୟାତନା ଦୂର କରିବା।

ବିକାଶ ସଂପର୍କରେ ନାରୀବାଦୀ ଦୃଷ୍ଟି ଭଙ୍ଗୀର ଗୋଟିଏ ଦୃଢ଼ ଲକ୍ଷ୍ୟ ଥିଲା 'ନାରୀ ସଶକ୍ତିକରଣ'।

ଭବିଷ୍ୟତ ନାରୀବାଦୀ ଦୃଷ୍ଟିଭଙ୍ଗୀ ପାଇଁ ବିକାଶଉନ୍ମୁଖୀ କୌଶଳ ଉପରେ କର୍ମଶାଳା-୧୯୮୦

ଏହି କର୍ମଶାଳା ନ୍ୟୁୟର୍କର ଷ୍ଟୋନିସେଣ୍ଟଠାରେ ଅନୁଷ୍ଠିତ ହୋଇଥିଲା। ଏହା ବିକାଶକୁ ଏକ ରାଜନୀତିକ ପ୍ରକ୍ରିୟା ବୋଲି ଅଭିହିତ କରିଥିଲା ଏବଂ ବିକାଶର ସୀମିତ ସଂଜ୍ଞାକୁ ନେଇ ଅସନ୍ତୋଷ ମଧ୍ୟ ପ୍ରକାଶ କରିଥିଲା। କାରଣ ବିକାଶ ହାରାହାରି ରାଷ୍ଟ୍ରୀୟ ଉତ୍ପାଦ (GDP) ଭଳି ଆର୍ଥିକ ଦିଗ ମଧ୍ୟରେ ସୀମିତ ଥାଏ। ଏହି କର୍ମଶାଳା ସମ୍ମିଳିତ ତତ୍ତ୍ୱ ଓ ମହିଳା ସଶକ୍ତିକରଣ ନିମନ୍ତେ ଆହ୍ୱାନ ଦେଇଥିଲା।

ମହିଳାଙ୍କ ବିକାଶ ସଂପର୍କରେ ଢାକାର ଘୋଷଣାନାମା-୧୯୮୨

ଏହି ସମ୍ମିଳନୀ ସେନ୍‌ଗାଲଠାରେ ଅନୁଷ୍ଠିତ ହୋଇଥିଲା। ଏହି ଘୋଷଣାନାମା ଅନ୍ୟ ଏକ ବିକାଶ ପ୍ରକ୍ରିୟାର ମୌଳିକ ଓ ଗୁରୁତ୍ୱପୂର୍ଣ୍ଣ ନୀତି ଗୁଡ଼ିକର ଗଠନମୂଳକ ପରିବର୍ତ୍ତନରେ ବିଶ୍ୱାସ କରୁଥିଲା। ଏହି ଗଠନମୂଳକ ପରିବର୍ତ୍ତନ ଏକ ଧାରଣା, ଯାହା ଜାତୀୟ, ଆନ୍ତର୍ଜାତୀୟ ଓ ଘରୋଇ କ୍ଷେତ୍ରରେ ମହିଳାମାନଙ୍କୁ ଆର୍ଥିକ, ରାଜନୈତିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ନ୍ୟୂନ ସ୍ଥାନ ବା ଅଧଃସ୍ତନତାକୁ

ପ୍ରତିରୋଧ କରୁଥିଲା।

<u>ମିଳିତ ଜାତିସଂଘର ଦଶନ୍ଧିର ଅନ୍ତିମ ବିଶ୍ୱ ସମ୍ମିଳନୀ-୧୯୮୫</u>

ମହିଳାଙ୍କ ବିକାଶ ଦୃଷ୍ଟିରୁ ଗୋଟିଏ ୩ୟ ବିଶ୍ୱ ମହିଳା ସଂଗଠନ ଗଠନ କରାଯାଇଥିଲା। ବିକାଶ ସମ୍ପର୍କୀୟ ସମସ୍ୟାଗୁଡ଼ିକୁ ନିରୂପଣ କରିବା ପାଇଁ ଏହି ମହିଳା ସଂଗଠନକୁ (ନୂତନ ଯୁଗ ପାଇଁ ମହିଳା ବିକାଶର ବିକଳ୍ପ) ନାରୀ ଆନ୍ଦୋଳନ ଓ ସମସ୍ୟାର ସାଂସ୍କୃତିକ ବିବିଧତା ପାଇଁ ଆହ୍ୱାନ କରିଥିଲା। କିନ୍ତୁ ମହିଳାଙ୍କର ନ୍ୟୁନତାକୁ ବୁଝିବାକୁ ଚେଷ୍ଟା କରିବା ପାଇଁ ଏକ ସାଂଗଠନିକ ଏକତାର ମତପୋଷଣ କରିଥିଲା। ଏହା ସାଂଗଠନିକ ପରିବର୍ତ୍ତନରେ ମହିଳାମାନଙ୍କର ସକ୍ରିୟ ଅଂଶ ଗ୍ରହଣକୁ ଗୁରୁତ୍ୱ ପ୍ରଦାନ କରିଥିଲା। ଏହା ମଧ୍ୟ ମହିଳାମାନଙ୍କର ଆତ୍ମନିର୍ଭରଶୀଳତା ଅଙ୍ଗୀକାରବଦ୍ଧତାକୁ ଗୁରୁତ୍ୱ ଦେଇଥିଲା। କାରଣ ଏହା ପାଶ୍ଚାତ୍ୟ ଢାଞ୍ଚା ବଦଳରେ ସ୍ୱଦେଶୀ ସଂସ୍କୃତି ଉପରେ ପର୍ଯ୍ୟବସିତ ହୋଇଥାଏ।

ବିକାଶ ପ୍ରକ୍ରିୟାରେ ମହିଳାମାନଙ୍କର ସମନ୍ୱିତ ଭୂମିକାକୁ ଅନୁଭବ କରିବା ଏକ ଧାରାବାହିକ ପ୍ରକ୍ରିୟା। ଏହି ଧାରାବାହିକ ଅନୁଭବ "ବିକାଶ କ୍ଷେତ୍ରରେ ମହିଳା" ଭଳି ପ୍ରସଙ୍ଗକୁ ସୃଷ୍ଟି କରିଛି। ବିକାଶରେ ମହିଳା ପ୍ରସଙ୍ଗ ମହିଳାମାନଙ୍କର ଯୋଗାଦାନକୁ ପ୍ରୋତ୍ସାହିତ କରିଛି। ସାମଜରେ ମହିଳାମାନଙ୍କର ସ୍ଥିତି ଉପରେ ବିକାଶ ପ୍ରକ୍ରିୟାର କିଭଳି ପ୍ରଭାବ ପଡୁଛି ତାହା ଉପରେ ଗୁରୁତ୍ୱ ଦେଇଥାଏ। ବିକାଶ ପ୍ରକ୍ରିୟାରେ ମହିଳାଙ୍କ ସ୍ଥାନ ସଂପର୍କରେ କରାଯାଉଥିବା ଗବେଷଣା ବିକାଶ ଓ ବିକାଶର ଅର୍ଥନୀତି ଉପରେ ଗୁରୁତ୍ୱ ଦେଇଥାଏ। ଅର୍ଥାତ୍ ଏହା କେବଳ ଆର୍ଥିକ ଅଭିବୃଦ୍ଧି ବଦଳରେ ଆର୍ଥିକ ଲାଭର ବଣ୍ଟନ ଉପରେ ଗୁରୁତ୍ୱ ଆରୋପ କରିଥାଏ। ଏହି ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି- କିଏ କ'ଣ ପାଏ? ମାନବ ବିକାଶ ସମ୍ପର୍କୀୟ ସୂଚନାରୁ ଜଣାଯାଏ ଯେ ବିକାଶ ପ୍ରକ୍ରିୟାରେ ମହିଳାମାନଙ୍କର ବୈଷମ୍ୟପୂର୍ଣ୍ଣ ଭାଗିଦାରୀତା ରହିଥାଏ। କେତେକ କ୍ଷେତ୍ରରେ ସେମାନେ ବିକାଶର ଉପକାରିତାର ବିପରୀତ ଫଳ ପାଇଥାନ୍ତି। ଯେତେବେଳେ ସମ୍ବଳର ଅଭିବୃଦ୍ଧି ହୋଇଥାଏ ସେତେବେଳେ ସର୍ବପ୍ରଥମେ ମହିଳାମାନେ ସବୁଠାରୁ ନିମ୍ନସ୍ଥାନକୁ ଆସିଥାନ୍ତି। ସେମାନେ ସର୍ବପ୍ରଥମେ ଓ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି। ଅତଏବ ବିକାଶରେ ମହିଳା ପ୍ରସଙ୍ଗର ଏକ ବଡ଼ ଦୁର୍ବଳତା ହେଉଛି ଯେ ଏହା ମହିଳାମାନଙ୍କୁ ସବୁଠାରୁ ଅଧିକ ଲାଭବାନ ବୋଲି ବିବେଚନା କରିଥାଏ। ଏଭଳି ଏକ ଧାରଣା ନିମ୍ନ ସ୍ତରରୁ ସୃଷ୍ଟି ହୋଇଥାଏ ଯେ ମହିଳାମାନଙ୍କୁ ବିକାଶ ପ୍ରକ୍ରିୟାରୁ ବାଦ ଦିଆଯାଏ, କିନ୍ତୁ ମହିଳାମାନଙ୍କ ଅସଲ କଥା ହେଉଛି, ବିକାଶ ପ୍ରକ୍ରିୟାର ଶକ୍ତିର ଦିଗ। ଲିଙ୍ଗଗତ ସମ୍ପର୍କ ଅସମାନତା ଏବଂ ଧାରାବାହିକ ଭାବରେ ମହିଳାମାନଙ୍କର ନ୍ୟୁନତା ମହିଳାମାନଙ୍କର ଅବଦାନକୁ ସ୍ୱୀକୃତି ପ୍ରଦାନ କରି ନଥାଏ। ଏହା

ମଧ୍ୟ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ସେମାନଙ୍କୁ କୌଣସି ପାରିଶ୍ରମିକ ପ୍ରଦାନ କରାଯାଇ ନଥାଏ।

ବିକାଶ ତତ୍ତ୍ୱରେ ମହିଳାମାନଙ୍କର ଏକ ସମସ୍ୟା ରହିଛି। ଏହି ତତ୍ତ୍ୱ ବିକାଶର ମୁଖ୍ୟ ସ୍ରୋତରେ ମହିଳାମାନଙ୍କୁ ଗୋଟିଏ ଅଂଶ ଭାବରେ ବିବେଚନା କରିବାର ଲକ୍ଷ୍ୟ ରଖିଥାଏ। କିନ୍ତୁ ଏତିକି ବେଳକୁ ଏହା ଭୁଲି ଯାଆନ୍ତି ଯେ ମହିଳାମାନେ ବିକାଶ ପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହିସାବରେ ଆଗରୁ ରହିଆସିଛନ୍ତି। ମହିଳାମାନେ ସବୁବେଳେ ଏହି ବିକାଶ ପ୍ରକ୍ରିୟାରେ ରହିଥା'ନ୍ତି। ମହିଳାମାନଙ୍କ କଠିନ ପରିଶ୍ରମ ସଂପର୍କରେ ଏକ ସହମତି ରହିଛି ଯେ ଏହି କଠିନ ପରିଶ୍ରମକୁ ଭରଣା କରାଯିବାର କୌଣସି ଆବଶ୍ୟକତା ନାହିଁ ଏବଂ ସମ୍ବଳ ବଣ୍ଟନରେ ମଧ୍ୟ କୌଣସି ମୂଲ୍ୟ ନାହିଁ। ତେଣୁ ବାସ୍ତବ ଚିତ୍ରଟି ହେଉଛି ଯେ ମହିଳାମାନଙ୍କର ଘରୋଇ ପରିଶ୍ରମ ଖୁବ୍ ଯନ୍ତ୍ରଣାଦାୟକ ଓ ଏହା ପୁରୁଷ ଶ୍ରମଶକ୍ତି ଏବଂ ପୁରୁଷର ଶ୍ରମଶକ୍ତି ବୃଦ୍ଧି ଓ ସମାଜକୁ କ୍ରିୟାଶୀଳକରିବା ପାଇଁ ଆବଶ୍ୟକ ସହାୟତା ପ୍ରଦାନ କରିଥାଏ। ମହିଳାମାନେ ସମାଜରେ ଉତ୍ପାଦନ ଓ ପ୍ରଜନନ ଭଳି ମିଳିତ ଭୂମିକା ନିର୍ବାହ କରିଥା'ନ୍ତି। ମହିଳାମାନଙ୍କର ଉତ୍ପାଦକ ଭୂମିକା ମଧ୍ୟରେ ରହିଛି ପରିବାର ତଥା ସମାଜର ରୋଜଗାର ଓ ଆର୍ଥନୀତିକ ଅଭିବୃଦ୍ଧି କରିବା। ସେଗୁଡ଼ିକ ହେଉଛି ଫସଲ ଓ ପଶୁପକ୍ଷୀ ଉତ୍ପାଦନ, ହସ୍ତଶିଳ୍ପ, ବିପଣନ ଓ ମଜୁରୀଭିତ୍ତିକ ନିଯୁକ୍ତି। ପ୍ରଜନନ କାର୍ଯ୍ୟ କହିଲେ ସାଧାରଣତଃ ପରିବାର ଓ ସମାଜ ପାଇଁ ସନ୍ତାନ ଜନ୍ମ ଓ ଲାଳନପାଳନ, ଜାଳେଣି ଓ ଜଳସଂଗ୍ରହ, ଖାଦ୍ୟ ପ୍ରସ୍ତୁତି, ସନ୍ତାନଙ୍କ ଯତ୍ନ, ଶିକ୍ଷା ଓ ସ୍ୱାସ୍ଥ୍ୟର ଯତ୍ନ ଓ ଗୃହ ପରିଚାଳନା ଇତ୍ୟାଦିକୁ ବୁଝାଇଥାଏ। ଏହି କାର୍ଯ୍ୟକଳାପ ଗୁଡ଼ିକୁ ଅଣଅର୍ଥନୈତିକ ବୋଲି ବିବେଚନା କରାଯାଏ। ଏଥିରେ କୌଣସି ଆର୍ଥିକ ଲାଭ ମିଳି ନଥାଏ। ଏହି କାର୍ଯ୍ୟକଳାପ ଗୁଡ଼ିକୁ ଜାତୀୟ ଆୟର ହିସାବରୁ ବାଦ ଦିଆଯାଇଥାଏ। ଲିଙ୍ଗଗତ ଶ୍ରମ ବିଭାଜନରୁ ଏହି ସାମାଜିକ ପ୍ରଜନନର ବାସ୍ତବତା ସୃଷ୍ଟି ହୋଇଛି। ଏହି ପ୍ରକ୍ରିୟା ଲିଙ୍ଗଗତ ବିଭାଜନ ଓ ପୁରୁଷ ପ୍ରାଧାନ୍ୟ ସହିତ ସଂଶ୍ଳିଷ୍ଟ।

ବିକାଶ ପ୍ରକ୍ରିୟାରେ ନାରୀ କହିଲେ ଜନସାଧାରଣଙ୍କ ସାମ୍ପ୍ରତିକ ଅବସ୍ଥାକୁ ବୁଝାଇଥାଏ। ମହିଳା ପ୍ରସଙ୍ଗଟି ଏକ ପୃଥକ ପ୍ରସଙ୍ଗ ବୋଲି ଏହା ଇଂଗିତ କରେ। ବିକାଶ ପ୍ରକ୍ରିୟାରେ ମହିଳା ଲିଙ୍ଗ ଓ ବିକାଶ ତତ୍ତ୍ୱର ପରିପୂରକ ହୋଇଅଛି। ଏହି ପ୍ରକ୍ରିୟା ୧୯୮୦ ଦଶନ୍ଧିରେ ଶେଷ ଭାଗରୁ ଚଳୁ ହୋଇ ଆସୁଛି। ଲିଙ୍ଗଗତ ସମ୍ପର୍କ ଓ ସ୍ଥିତିକୁ ବୃଦ୍ଧି କରିବା ପାଇଁ ବିକାଶ ତତ୍ତ୍ୱରେ ଲିଙ୍ଗ ଓ ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ ଉପାୟ। ପୂର୍ବ ପ୍ରଚଳିତ ମହିଳା ଓ ବିକାଶ ପ୍ରକ୍ରିୟାରେ ମହିଳା ଓ ଲିଙ୍ଗ ଏବଂ ବିକାଶ ପ୍ରସଙ୍ଗ ଗୁଡ଼ିକ ନାରୀ ବଦଳରେ ଲିଙ୍ଗକୁ ବ୍ୟବହାର କରିଥା'ନ୍ତି। ଏହି ତତ୍ତ୍ୱରେ ସମାଜରେ ନାରୀଶକ୍ତି ଓ ସ୍ଥାନ ଲିଙ୍ଗର ସାମାଜିକ ଦିଗ ସହିତ ଯୋଡ଼ି ହୋଇଥାଏ। ଏହା ଏକ ବୃହତ୍ ଧାରଣା ଯାହା ସମାଜର ସାମାଜିକ,

ଅର୍ଥନୈତିକ ଓ ରାଜନୈତିକ ସାଂଗଠନିକ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିବା ପାଇଁ ସୁଯୋଗ ଦେଇଥାଏ। ଅତଏବ ମହିଳାମାନଙ୍କ ସ୍ଥିତିରେ ଆଖିଦୃଶିଆ ପରିବର୍ତ୍ତନ ଆଣିବା ପାଇଁ ଏହା ଉଦ୍ଦିଷ୍ଟ। ଏହା ନାରୀମାନଙ୍କୁ ବିକାଶର ନିଷ୍ଫ୍ରିୟତା ବଦଳରେ ସାମାଜିକ ପରିବର୍ତ୍ତନର ଏକ ବୃହତ ମାଧ୍ୟମ ବା ପ୍ରତିନିଧି ହିସାବରେ ବିବେଚନା କରିଥାଏ। ଲିଙ୍ଗ ଓ ବିକାଶ ତତ୍ତ୍ୱ ମୁଖ୍ୟତଃ ଲିଙ୍ଗଗତ ସାର୍ବଜନୀନକରଣ ଉପରେ ଗୁରୁତ୍ୱପ୍ରଦାନ କରିଥାଏ। ନାରୀମାନଙ୍କର ଉତ୍‌ଥାନ କ୍ଷେତ୍ରରେ ରାଷ୍ଟ୍ରର ଛୋଟ ବଡ଼ ହସ୍ତକ୍ଷେପ ନିମନ୍ତେ ଏହା ପ୍ରସ୍ତାବ ପ୍ରଦାନ କରିଥାଏ।

ଲିଙ୍ଗ ଓ ବିକାଶ ତତ୍ତ୍ୱ ସମାଜରେ ମହିଳାମାନେ ସମ୍ମୁଖୀନ ହେଉଥିବା ବିକାଶର ବୈଷମ୍ୟ ସଂପର୍କ ଉପରେ ଦୃଷ୍ଟି ରଖିଥାଏ। ଏହା ମଧ୍ୟ ସମାଜରେ ପ୍ରଚଳିତ ସମ୍ମାନ, କ୍ଷମତା ଓ ଆର୍ଥିକ ସମ୍ବଳର ବିଭେଦମୂଳକ ବଣ୍ଟନ ପ୍ରକ୍ରିୟା ଉପରେ ଦୃଷ୍ଟି ଦେଇଥାଏ। ଲିଙ୍ଗ ଓ ବିକାଶ ତତ୍ତ୍ୱର ଅନ୍ତିମ ଲକ୍ଷ୍ୟ ହେଉଛି ଉଭୟ ପୁରୁଷ ଓ ନାରୀ ଉଭୟଙ୍କ ପାଇଁ ଏକ ସୁଷମ ଓ ସହଜ ବିକାଶ ପ୍ରକ୍ରିୟା ସୃଷ୍ଟି କରିବା। ଏହାଦ୍ୱାରା ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଉଭୟ ସମାନ ଭାବରେ ଅଂଶ ଗ୍ରହଣ କରିପାରିବେ। ୧୯୮୦ ଦଶନ୍ଧିର ମଧ୍ୟଭାଗର ଏକ ଧାରଣା ରହିଛି ଯେ ସମାଜରେ ଥିବା ଅସମତାର ଆଶଙ୍କାକୁ ଦୂର କରିବା ପାଇଁ ଏକ ଉପଯୁକ୍ତ ବିକାଶ ପ୍ରକ୍ରିୟା ଆବଶ୍ୟକ। ଏହି ଉପଯୁକ୍ତ ବିକାଶ ପ୍ରକ୍ରିୟାରେ ଉଭୟ ପୁରୁଷ ଓ ନାରୀମାନଙ୍କର ଯଥେଷ୍ଟ ଦାୟିତ୍ୱବୋଧ ରହିଛି ବୋଲି ଦାବି କରେ। କାରଣ ସମାଜରେ ସେମାନଙ୍କର ପାରସ୍ପରିକ ସଂପର୍କ ରହିଛି। ଏହା ହିଁ ହେଉଛି ଲିଙ୍ଗ ଓ ବିକାଶ ତତ୍ତ୍ୱର ମୂଳଦୁଆ। ଲିଙ୍ଗ ଓ ବିକାଶ ତତ୍ତ୍ୱର ସମାଜରେ ମହିଳାମାନଙ୍କର ସ୍ଥିତିର ଉନ୍ନତିକୁ ସମର୍ଥନ କରେ। କାରଣ ବିକାଶ ଆଉ ମହିଳାମାନଙ୍କ ପ୍ରସଙ୍ଗ ହୋଇ ରହିନାହିଁ। କିନ୍ତୁ ଏହା ଏକ ଲକ୍ଷ୍ୟ ହିସାବରେ ଉଭୟ ପୁରୁଷ ଓ ନାରୀମାନଙ୍କର ସମ୍ମାନ ଓ ସକ୍ରିୟ ଯୋଗଦାନ ଆବଶ୍ୟକତା ରଖିଛି।

ବିକାଶ କାର୍ଯ୍ୟକ୍ରମ ପୁରୁଷ ଓ ନାରୀମାନଙ୍କୁ ଭିନ୍ନ ଭିନ୍ନ ଭାବରେ ପ୍ରଭାବିତ କରିଥାଏ। କାରଣ ସେମାନଙ୍କର ଭୂମିକା ଦାୟିତ୍ୱବୋଧତା, ସମ୍ବଳ ପ୍ରାପ୍ତି ଓ ଅଗ୍ରାଧିକାର କ୍ଷେତ୍ରରେ ଭିନ୍ନତା ପରିଲକ୍ଷିତ ହୁଏ। ଲିଙ୍ଗ ବିଶ୍ଳେଷଣ ଏ ସବୁ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦେବା ଦରକାର। ଏହା ଉଭୟ ପୁରୁଷ ଓ ନାରୀମାନଙ୍କର ସମାନ ଉପକାର ହେଲାଭଳି ବିକାଶ କାର୍ଯ୍ୟକ୍ରମରେ ଉପାୟ ନିର୍ଦ୍ଧାରଣ କରିବା ଦରକାର। ଲିଙ୍ଗ ଓ ବିକାଶ ତତ୍ତ୍ୱ ବିକାଶ ତିନିଟି ଗୁରୁତ୍ୱପୂର୍ଣ୍ଣ ସ୍ତର ଦେଇ ଗତି କରୁଥିବାର ଦେଖାଯାଏ। ସେଗୁଡ଼ିକ ହେଲା - ପ୍ରକଳ୍ପ ସ୍ତର, ନୀତି ସ୍ତର ଓ କାର୍ଯ୍ୟକ୍ରମ ସ୍ତର। ଏହା ପ୍ରତ୍ୟେକ ସ୍ତରରେ ମହିଳାମାନଙ୍କର ଅଂଶ ଗ୍ରହଣ ପାଇଁ ସୁପାରିଶ କରିଥାଏ। ବିକାଶ ଉଦ୍ୟମକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଏହି ତିନୋଟିଯାକ ସ୍ତରରେ ନାରୀର ସ୍ୱର ଓ ରୁଚି ପ୍ରତିଫଳିତ ଓ ପ୍ରତିଧ୍ୱନିତ ହେବାର ଆବଶ୍ୟକତା ରହିଛି। ଲିଙ୍ଗଗତ

ସଂପର୍କ ବିଶ୍ଳେଷଣ ଉପରେ ପର୍ଯ୍ୟବେଶିତ ବିକାଶ ପ୍ରକଳ୍ପ ଓ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରିବା ପାଇଁ ଲିଙ୍ଗ ଓ ବିକାଶ ତତ୍ତ୍ୱ ଏକ ମାଧ୍ୟମ। ସର୍ବାଧିକ ଦକ୍ଷତା ଓ ସର୍ବାଧିକ ଉତ୍ପାଦନ ସୃଷ୍ଟି କରିବା କ୍ଷେତ୍ରରେ ଉଭୟ ପୁରୁଷ ଓ ନାରୀ କିଭଳି ଏକାଠି କାମ କରିପାରିବେ ତାକୁ ଉନ୍ମୋଚନ କରିବା ପାଇଁ ଏହା ଲିଙ୍ଗ ବିଶ୍ଳେଷଣ ତତ୍ତ୍ୱକୁ ପ୍ରୟୋଗ କରିଥାଏ।

କାରୋଲିନ୍ ମୋଜର (Carolin Moser) ଙ୍କ ଗବେଷଣାରୁ ଏହି ଲିଙ୍ଗ ଓ ବିକାଶ ତତ୍ତ୍ୱର ଉତ୍ପତ୍ତି ହୋଇଥିଲା। ସେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିକାଶ ଯୋଜନା ବିଭାଗରେ କାମକଲା ବେଳେ ଏହି ଲିଙ୍ଗ ଭିତ୍ତିକ ଯୋଜନା ବିଶ୍ଳେଷଣର ଆରମ୍ଭ କରିଥିଲେ। କାରିନ୍ ଲେଭି (carin Levy) ଙ୍କ ସହିତ କାମ କରୁଥିବା ସମୟରେ ସେ ଏହାକୁ ଏକ ଲିଙ୍ଗ ନୀତି ଓ ଯୋଜନାର କୌଶଳରେ ପରିବର୍ତ୍ତନ କରିଥିଲେ। ମୋଜରଙ୍କ ନୀତି ସମାଜରେ ପ୍ରଚଳିତ ଅଧିକାର ଓ ନିୟନ୍ତ୍ରଣ ବ୍ୟବସ୍ଥାକୁ ବିଶ୍ଳେଷଣ କରିଥାଏ ଓ ଲିଙ୍ଗଗତ ସଂପର୍କର ରୂପରେଖ ନିର୍ଦ୍ଧାରଣ କରିଥାଏ। ଲିଙ୍ଗଗତ ଭୂମିକା ଚିହ୍ନଟ, ଲିଙ୍ଗଗତ ଉହିଦାର ମୂଲ୍ୟାୟନ, ସମ୍ବଳ ଉପରେ ନିୟନ୍ତ୍ରଣର ବିଭକ୍ତି କରଣ ଓ ନୀତି ନିର୍ଦ୍ଧାରଣ ଇତ୍ୟାଦି ମୋଜରଙ୍କ ତତ୍ତ୍ୱର ଅନ୍ତର୍ଭୁକ୍ତ। ନାରୀମାନେ ତାଙ୍କ ତ୍ରୟୀ ଭୂମିକା ଯଥା- ପ୍ରଜନନ, ଉତ୍ପାଦନ ଓ ଗୋଷ୍ଠୀ ପରିଚାଳନ ମଧ୍ୟରେ ସନ୍ତୁଳନ ରକ୍ଷା କରନ୍ତି। ୧୯୯୪ରେ ବିଶ୍ୱବ୍ୟାଙ୍କ ଲିଙ୍ଗ ଓ ବିକାଶ ସଂପର୍କରେ ଏକ ଚିଠା ଘୋଷଣା କରିଥିଲା। ଏହି ଚିଠାରେ ଏହା ଲିଙ୍ଗମାନଙ୍କ ମଧ୍ୟରେ ଥିବା ତାରତମ୍ୟକୁ ଦୂର କରିବା ପାଇଁ ଆନୁଷ୍ଠାନିକ ପ୍ରତିବନ୍ଧକଗୁଡ଼ିକୁ ଏହି ନୀତି ମାଧ୍ୟମରେ ଦୂର କରାଯାଇ ପାରିବ ବୋଲି ଲକ୍ଷ୍ୟ ରଖିଛି। କାରଣ ଲିଙ୍ଗଗତ ଅସମାନତା, ବିକାଶ କାର୍ଯ୍ୟକ୍ରମର ସଫଳତାକୁ ପ୍ରଭାବିତ କରିଥାଏ।

ଲିଙ୍ଗ ଓ ବିକାଶ ତତ୍ତ୍ୱ ପୁରୁଷ ଓ ମହିଳାମାନଙ୍କ ବନ୍ଧନ ଓ ପରିବର୍ତ୍ତନ ପାଇଁ ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଶକ୍ତିକୁ ସମାନ ଗୁରୁତ୍ୱ ନଦେଇ ସେମାନଙ୍କ ମଧ୍ୟରେ ଥିବା ସାମାଜିକ ଭିନ୍ନତା ଉପରେ ଅଧିକ ଗୁରୁତ୍ୱ ଦେଇଥାଏ। ଏଥିପାଇଁ ଏହି ତତ୍ତ୍ୱକୁ ସମାଲୋଚନା କରାଯାଏ। ଆହୁରି ମଧ୍ୟ ଅଭିଯୋଗ କରାଯାଏ ଯେ ଏହା ସାମାଜିକ ସଂପର୍କକୁ ଗଭୀର ଭାବରେ ବିଶ୍ଳେଷଣ କରେ ନାହିଁ। ଲିଙ୍ଗଗତ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବା ପାଇଁ କିପରି ସାଂସ୍କୃତିକ ପରିବର୍ତ୍ତନକୁ ଉପଯୋଗ କରାଯାଇପାରିବ ତାହା ଉପରେ ମଧ୍ୟ ବିଶ୍ଳେଷଣ କରେ ନାହିଁ। ପରିଶେଷରେ ଲିଙ୍ଗ ଓ ବିକାଶ ପ୍ରସଙ୍ଗ ତତ୍ତ୍ୱ ରାଷ୍ଟ୍ରର ଶାସନ ଦଳକୁ ପରିବର୍ତ୍ତନ ପାଇଁ ରୂପରେଖ ନିର୍ଦ୍ଦେଶ ପ୍ରଦାନ ନିମନ୍ତେ ଅଧିକ ଗୁରୁତ୍ୱ ପ୍ରଦାନ କରିଥାଏ।

୩.୨. ବିକାଶରେ ମହିଳା ଏବଂ ଲିଙ୍ଗ ଓ ବିକାଶ ମଧ୍ୟରେ ପାର୍ଥକ୍ୟ:

ଯଦିଓ ଦୁଇଟିଯାକ ତତ୍ତ୍ୱ ଲିଙ୍ଗଗତ ସଂପର୍କର ଅଭିବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ, ସେମାନଙ୍କ ମଧ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ପରିଲକ୍ଷିତ ହୁଏ। ଏଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା।

- ବିକାଶରେ ମହିଳା କହିଲେ ମହିଳାଙ୍କ ବିକାଶକୁ ବୁଝାଏ। କିନ୍ତୁ ଲିଙ୍ଗ ଓ ବିକାଶ କହିଲେ ଲିଙ୍ଗଗତ ବିକାଶକୁ ବୁଝାଏ।
- ବିକାଶରେ ମହିଳା ତତ୍ତ୍ୱଟି ୧୯୭୦ ଦଶନ୍ଧିରେ ବିକାଶ ଲାଭ କରିଥିଲା କିନ୍ତୁ ଲିଙ୍ଗ ଓ ବିକାଶ ତତ୍ତ୍ୱଟି ୧୯୮୦ ଦଶନ୍ଧିରେ ବିକାଶ ଲାଭ କରିଥିଲା।
- ବିକାଶରେ ମହିଳା ତତ୍ତ୍ୱଟି ଉଦାରବାଦୀ ନାରୀବାଦରୁ ସୃଷ୍ଟି ହୋଇଥିଲା। କିନ୍ତୁ ଲିଙ୍ଗ ଓ ବିକାଶ ତତ୍ତ୍ୱ ସମାଜବାଦୀ ନାରୀବାଦରୁ ସୃଷ୍ଟି ହୋଇଥିଲା।
- ବିକାଶରେ ମହିଳାତତ୍ତ୍ୱଟି ଇଷ୍ଟର ବୋଷ (Easther Bose) ଙ୍କ ପ୍ରଭାବଶାଳୀ ଲେଖନୀରୁ ଆରମ୍ଭ ହୋଇଥିଲା। କିନ୍ତୁ ଲିଙ୍ଗ ଓ ବିକାଶ ତତ୍ତ୍ୱ କାରୋଲିନ୍ ମୋଜର (Carolin Moser) ଙ୍କ ପ୍ରଭାବଶାଳୀ ଲେଖାରୁ ଆରମ୍ଭ ହୋଇଥିଲା।
- ହାଭାର୍ଡ଼ ବିଶ୍ୱବିଦ୍ୟାଳୟ ବିଶ୍ଳେଷଣାତ୍ମକ ଧାରା ବିକାଶରେ ମହିଳା ତତ୍ତ୍ୱକୁ ଏକ ସୁନ୍ଦର ରୂପ ଦେବାକୁ ଉଦ୍ୟମ କରିଥିଲା। କିନ୍ତୁ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିକାଶ ଯୋଜନା ବିଭାଗ ଲିଙ୍ଗ ଓ ବିକାଶ ତତ୍ତ୍ୱକୁ ଅଧିକ ଶକ୍ତିଶାଳୀ କରିଥିଲା।
- ବିକାଶ ମହିଳା ତତ୍ତ୍ୱ ମହିଳାଙ୍କୁ ମୁଖ୍ୟ ପ୍ରସଙ୍ଗ କରିଥାଏ। କିନ୍ତୁ ଲିଙ୍ଗ ଓ ବିକାଶ ତତ୍ତ୍ୱ ଲିଙ୍ଗକୁ ମୁଖ୍ୟ ପ୍ରସଙ୍ଗ କରିଥାଏ।
- ଅସମାନ ଲିଙ୍ଗଗତ ସଂପର୍କକୁ ପରିବର୍ତ୍ତନ ନ କରି ସାଂପ୍ରତିକ ବିକାଶ କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ସଂଶ୍ଳିଷ୍ଟ କରିବା ପାଇଁ ବିକାଶରେ ମହିଳାତତ୍ତ୍ୱ ପ୍ରୟାସ କରିଥାଏ। କିନ୍ତୁ ବିକାଶର ସୁଫଳ ପାଇବାରେ ନାରୀମାନେ ଯେପରି ନିଷ୍କ୍ରିୟ ନ ହୁଅନ୍ତି ସେଥିପାଇଁ ଲିଙ୍ଗ ଓ ବିକାଶ ତତ୍ତ୍ୱ ପ୍ରୟାସ କରିଥାଏ।
- ବିକାଶରେ ମହିଳାତତ୍ତ୍ୱ ସମାନତା କୌଶଳ, ଦାରିଦ୍ର୍ୟ ନିରାକରଣ ନୀତି ଓ ଦକ୍ଷତା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। କିନ୍ତୁ ଲିଙ୍ଗ ଓ ବିକାଶତତ୍ତ୍ୱ ଲିଙ୍ଗଗତ ମୁଖ୍ୟସ୍ରୋତୀକରଣ କୌଶଳ ଉପରେ ଗୁରୁତ୍ୱ ଦେଇଥାଏ।
- ୧୯୭୬ ରୁ ୧୯୮୫ ମସିହା ମଧ୍ୟରେ ମିଳିତ ଜାତିସଂଘରେ ପାଳିତ ମହିଳାଙ୍କ ପାଇଁ ଦଶନ୍ଧି କାର୍ଯ୍ୟକ୍ରମରେ ବିକାଶରେ ମହିଳା ତତ୍ତ୍ୱ ବା ପ୍ରସଙ୍ଗ ବହୁ ଲୋକପ୍ରିୟ ହୋଇଥିଲା। ଏହା ରାଷ୍ଟ୍ରମାନଙ୍କ ବିକାଶ ଯୋଜନାର ଅଗ୍ରାଧିକାର କ୍ଷେତ୍ର ହୋଇପାରିଥିଲା। କିନ୍ତୁ ୧୯୮୦ ଦଶନ୍ଧିର

ମଧ୍ୟ ଭାଗରେ ଯେତେବେଳେ ବିଭିନ୍ନ ଦେଶରେ ସାଂଗଠନିକ କାର୍ଯ୍ୟକ୍ରମଗୁଡ଼ିକ ଆରମ୍ଭ ହେଲା ସେତେବେଳେ ଲିଙ୍ଗ ଓ ବିକାଶ ତତ୍ତ୍ୱ ଲୋକପ୍ରିୟ ହେଲା।

୩.୩. ଲିଙ୍ଗ ଓ ସମ୍ବିଧାନ : ଭାରତରେ ନାରୀ

ଉଚ୍ଚନୀଚ ଭେଦଭାବ ଓ ଅଭିବୃଦ୍ଧି ଭିତ୍ତିକ ବିକାଶ ବିରୁଦ୍ଧରେ ହେଉଥିବା ସମାଲୋଚନା ବଢ଼ିବାରେ ଲାଗିଛି। କାରଣ ଏଗୁଡ଼ିକ ମହିଳାଙ୍କ ବିକାଶର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି କେହି ବିଚାର କରନ୍ତି ନାହିଁ। ସେମାନେ ଥିଲାବାଲା ଓ ନଥିଲା ବାଲା ମଧ୍ୟରେ ବୃଦ୍ଧି ପାଉଥିବା ଅସମାନତା ସୃଷ୍ଟିରେ ସହାୟକ ହୋଇ ଥାଆନ୍ତି। ମହିଳାମାନେ ହେଉଛନ୍ତି ନଥିଲା ବାଲା। ଏବେ ଆମେ ଦେଖିବା ଭାରତ ନାରୀ ଓ ବିକାଶ ପ୍ରସଙ୍ଗକୁ କିଭଳି ଗ୍ରହଣ କରିଛି। ଆମେ କେଉଁଠାରେ ଅଛନ୍ତି ତାହା ଜାଣିବାକୁ ହେଲେ, ଏହାର ମୂଳଉତ୍ସ କେଉଁଠି ରହିଛି ତାହା ଜାଣିବାକୁ ହେବ। କାରଣ ଆମକୁ ପ୍ରଥମେ ସାମ୍ବିଧାନିକ ବ୍ୟବସ୍ଥା ଓ ପ୍ରତିଶ୍ରୁତିକୁ ପରୀକ୍ଷା କରିବାକୁ ପଡ଼ିବ। ପରବର୍ତ୍ତୀ ବିଭାଗରେ ଆମକୁ ମହିଳାଙ୍କ ପରିପ୍ରେକ୍ଷୀରେ ଥିବା ଯୋଜନା ଓ ନୀତିଗୁଡ଼ିକୁ ପରୀକ୍ଷା କରିବାକୁ ହେବ। ଭାରତରେ ପ୍ରଚଳିତ ଲିଙ୍ଗଗତ ଭୂମିକା ସଂପର୍କରେ ସାମ୍ପ୍ରତିକ ନୀତିଗୁଡ଼ିକ ଭାରତୀୟ ସମ୍ବିଧାନରେ ସନ୍ନିବେଶିତ ହୋଇଛି। ଭାରତର ଉଦ୍ଦେଶ୍ୟକୁ ଘୋଷଣା କରୁଥିବା ମୌଳିକ ଦଲିଲ୍‌ର ପ୍ରାରମ୍ଭରେ ଏଗୁଡ଼ିକ ଲିପିବଦ୍ଧ ହୋଇଛୁ। ଭାରତୀୟ ସମ୍ବିଧାନର ତୃତୀୟ ଭାଗ (ମୌଳିକ ଅଧିକାର)ରେ ମହିଳାମାନଙ୍କ ସମାନତା ପାଇଁ ମୌଳିକ ନିର୍ଦ୍ଦେଶ ଦିଆଯାଇଛି। ଧାରା ୧୫ର ଉପଧାରାରେ ସମାନତାର ଅଧିକାର କଥା କୁହାଯାଇଛି। ଏହା ଅନୁସାରେ ଧର୍ମ, ବର୍ଣ୍ଣ ଜାତି ଓ ଜନ୍ମସ୍ଥାନ ବା ଏମାନଙ୍କ ମଧ୍ୟରୁ କୌଣସି ଗୋଟିଏ କ୍ଷେତ୍ରରେ ରାଷ୍ଟ୍ର କୌଣସି ନାଗରିକକୁ ପକ୍ଷପାତିତା ବା ପାତର ଅନ୍ତର କରି ପାରିବ ନାହିଁ। ଆହୁରି ମଧ୍ୟ ଭାରତୀୟ ସମ୍ବିଧାନ ସେହି ଧାରାର ଉପଧାରା ୩ରେ ଉଲ୍ଲେଖ କରିଛି ଯେ "ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ଏହି ଧାରାରେ ରାଷ୍ଟ୍ରକୁ କୌଣସି ବାରଣ କରାଯାଇନାହିଁ।

ଏଣୁ ସମ୍ବିଧାନ ନାଗରିକ ହିସାବରେ ମହିଳାମାନଙ୍କୁ ସମାନ ମର୍ଯ୍ୟାଦା ବା ସ୍ଥାନ ପ୍ରଦାନ କରିଥାଏ। କେତେକ ସ୍ୱତନ୍ତ୍ର ଅସାମର୍ଥ୍ୟତାକୁ ବିଚାରକୁ ନେବା ପାଇଁ କୁହାଯାଇଛି। ଆସ୍ଥାସୂଚକ ପଦକ୍ଷେପ ମାଧ୍ୟମରେ ଏଥିରେ ପରିବର୍ତ୍ତନ ଆଣିବା ପାଇଁ ରାଷ୍ଟ୍ର ଆଗେଇ ଆସିବା ଦରକାର। ସମ୍ବିଧାନର ୪ର୍ଥ ଭାଗ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି (Directive principles of state policy) ସହ ଜଡ଼ିତ। ଏଥିରେ କେତେକ ନୀତିର ଅବତାରଣା କରାଯାଇଛି ଯେଉଁଗୁଡ଼ିକ ମହିଳାମାନଙ୍କ ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ର କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଧାରା ୩୯, ୪୨ ଓ ୪୪ରେ କେତେକ ନୀତିର ଅବତାରଣା କରାଯାଇଛି। ଯେଉଁଗୁଡ଼ିକ ଆଇନ୍ ଅଦାଲତରେ ବିଚାର ହୋଇପାରିବ ନାହିଁ। କିନ୍ତୁ ମହିଳାମାନଙ୍କୁ

ସମାନ ନାଗରିକ ଭାବେ ବିବେଚନା କରିବା ପାଇଁ ରାଷ୍ଟ୍ରକୁ ପରାମର୍ଶ ଦେଇଛି। ଅତଏବ ସମ୍ବିଧାନର ଆଉ କେତେକ ଭାଗରେ ମଧ୍ୟ ମହିଳାମାନଙ୍କ ପ୍ରସଙ୍ଗରେ କୁହାଯାଇଛି। ସେଗୁଡ଼ିକ ମଧ୍ୟରେ ରହିଛି ଧାରା ୨୫ ରୁ ୨୮ ମଧ୍ୟରେ ଥିବା ଧାର୍ମିକ ସ୍ୱାଧୀନତାର ଅଧିକାର। ସାଧାରଣ ଆଇନ୍ ଆକାରରେ ଏହା ରାଷ୍ଟ୍ରର ଆଇନ୍ ପ୍ରଣୟନ ସଂସ୍ଥା ଦ୍ୱାରା ତର୍ଜ୍ଜମା କରାଯାଇ ଥାଏ। ସାଧାରଣତଃ ମହିଳାମାନଙ୍କୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସମାନତାରୁ ବଞ୍ଚିତ କରାଯାଇଥାଏ। ସେମାନେ ବ୍ୟକ୍ତିଗତ, ଆର୍ଥିକ, ଲିଙ୍ଗଗତ, ସାମାଜିକ, ଶିକ୍ଷାଗତ, ସାଂସ୍କୃତିକ ଏପରିକି ଶରୀରଗତ ସମାନତା ଅଧିକାରରୁ ବଞ୍ଚିତ ହୋଇଥାନ୍ତି। ଏତଦ୍ ବ୍ୟତୀତ ସେମାନେ କେତେକ ବିଶ୍ୱାସ, ମୂଲ୍ୟବୋଧ ଓ ବ୍ୟକ୍ତିଗତ ଆଚରଣ ସଂହିତା ଇତ୍ୟାଦିରୁ ମଧ୍ୟ ବଞ୍ଚିତ ହୋଇଥାନ୍ତି।

ଅଧିକନ୍ତୁ ଅର୍ଥନୈତିକ ପ୍ରସଙ୍ଗରେ ମଧ୍ୟ ସମ୍ବିଧାନରେ ଅନୁରୂପ ବ୍ୟବସ୍ଥା ରହିଛି। ମୌଳିକ ଅଧିକାରର ଧାରା ୨୩ ଓ ୨୪ ଶୋଷଣ ବିରୋଧି ଅଧିକାର ସହିତ ଜଡ଼ିତ। ପ୍ରତ୍ୟେକ ପରିବାରରେ ପ୍ରତିଦିନ ମହିଳାମାନଙ୍କର ଅସୀମ ଓ ନିରବଚ୍ଛିନ୍ନ ଉଦ୍‌ବୃତ ଶ୍ରମକୁ ଏହା ବିଚାରକୁ ନିଏ ନାହିଁ। ଏହା କହିବା ବାହୁଲ୍ୟ ଯେ ତୁଳନାତ୍ମକ ଭାବେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କୁ ସେମାନଙ୍କ କାମ ପାଇଁ ପାରିଶ୍ରମିକ କମ୍ ଦିଆଯାଇଥାଏ। ଧର୍ମଗତ ସ୍ୱାଧୀନତାର ଅଧିକାର ଓ ଶୋଷଣ ବିରୋଧି ଅଧିକାର ମୌଳିକ ଭାବରେ ମହିଳାମାନଙ୍କ ପ୍ରତି ପାତର ଅନ୍ତର କରିଥାନ୍ତି। ଏମାନେ ଘର ଭିତରେ ମହିଳାମାନଙ୍କ ଶ୍ରମର ଶୋଷଣକୁ ଗ୍ରହଣ କରନ୍ତି ନାହିଁ। ଅତଏବ, ଏହା ରାଷ୍ଟ୍ରର ଲିଙ୍ଗଗତ ପାତର ଅନ୍ତରରେ ପରିଣତ ହୋଇଛି। ବ୍ୟକ୍ତିଗତ ଧାର୍ମିକ ନିୟମକୁ ରାଷ୍ଟ୍ରିୟ ଅନୁମତି ମିଳିବା ଦ୍ୱାରା ଏହା ବିଶ୍ୱକୁ ମହିଳାମାନଙ୍କ ପାଇଁ ଧାର୍ମିକ କ୍ଷେତ୍ରରେ ବିଭିନ୍ନ ପ୍ରକାର ବିଭେଦ ମୂଳକ ନୀତି ଅନୁସରଣ କରିବା ପାଇଁ ସୁଯୋଗ ଦେଇଥାଏ। ବ୍ୟକ୍ତି କୈନ୍ଦ୍ରିକ ଆଇନ୍ ଘରୋଇ ବେସରକାରୀ ଆଇନ୍‌ରେ ପରିଣତ ହୋଇଥାଏ।

ସମ୍ବିଧାନ ମୁଖ୍ୟତଃ ଏହାକୁ ସର୍ବସାଧାରଣ ସ୍ତରର ବ୍ୟକ୍ତିକୈନ୍ଦ୍ରିକ ଆଇନ୍ ବୋଲି ବିବେଚନା କରିଥାଏ। ଏହାଦ୍ୱାରା ସମାଜରେ ମହିଳାମାନଙ୍କ ମର୍ଯ୍ୟାଦା ଅଧିକାର ଓ ଆନୁଗତ୍ୟ ଇତ୍ୟାଦି ବୃଦ୍ଧିଜନିତ ଫଳ ମିଳିଥାଏ। ବ୍ୟକ୍ତିକୈନ୍ଦ୍ରିକ ଆଇନ୍ ମାଧ୍ୟମରେ ବ୍ୟକ୍ତିଗତ ସ୍ତରରେ ମହିଳାମାନଙ୍କ ନିର୍ବାସନ ସମଗ୍ର ଲିଙ୍ଗଗତ ନ୍ୟାୟ ପ୍ରସଙ୍ଗକୁ ପରିବର୍ତ୍ତନ କରିଛି। ଏହା ମଧ୍ୟ ବିକାଶକୁ ବ୍ୟକ୍ତିକରଣ କରିବା ସହ ସୀମିତ ନିଦାନ ବ୍ୟବସ୍ଥାକୁ ଦକ୍ଷତା ହାସଲ କରିଥିବା ସ୍ୱତନ୍ତ୍ର ସଂସ୍ଥା ସହଯୋଗ କରିଛୁ। ଯେଉଁ ସାମାଜିକ ନୀତି ମହିଳାମାନଙ୍କ ପାଇଁ ପାତର ଅନ୍ତର ନୀତି ଗ୍ରହଣ କରେ ଓ ସେମାନଙ୍କ ପାଇଁ କିଛି କାର୍ଯ୍ୟ କରିବାକୁ ସୁପାରିଶ କରେ ତାକୁ ଦୂର କରିବା ପାଇଁ ରାଷ୍ଟ୍ରୀୟ ହସ୍ତକ୍ଷେପ ଏକାନ୍ତ ଜରୁରୀ। ମହିଳାମାନଙ୍କର ସଚେତନତା କ'ଣ ହେବା ଦରକାର ତାହାର ବୁଝାମଣା ନାରୀବାଦର ରାଷ୍ଟ୍ରୀୟ ସଂଜ୍ଞା ସହିତ ବିଭିନ୍ନ

ଆହ୍ୱାନର ସମ୍ମୁଖୀନ ହୋଇଥାଏ। ନାରୀବାଦର ଏହି ସଂଜ୍ଞା ଆଦୌ ନଗଣ୍ୟ ନୁହେଁ। କିନ୍ତୁ ଜନମଙ୍ଗଳ ବାଦର ଉଦ୍ଦେଶ୍ୟ ସାଧନରେ ଏହା କେନ୍ଦ୍ରବିନ୍ଦୁ ହିସାବରେ କାମ କରିଥାଏ।

୩.୪. ଭାରତରେ ବିକାଶୋନ୍ମୁଖୀ ଯୋଜନା :

୧୯୫୦ ଦଶନ୍ଧିରୁ ଭାରତର ପ୍ରାରମ୍ଭିକ ବିକାଶ ଯୋଜନା ସମାଜ ମଙ୍ଗଳ ସେବାକୁ ଏକ ମାତ୍ର କାର୍ଯ୍ୟ ବୋଲି ନିର୍ଦ୍ଧାରଣ କରିଥିଲା। କାରଣ ଏହା ଅନ୍ୟାନ୍ୟ ଗୋଷ୍ଠୀ ସହିତ ମିଶି ମହିଳାମାନଙ୍କ ସମସ୍ୟା ଗୁଡ଼ିକୁ ସମାଧାନ କରୁଥିଲା। ମହିଳାମାନେ ଗୋଟିଏ ସ୍ୱତନ୍ତ୍ର ବର୍ଗ। ଏହିଭଳି ଏକ ଚିନ୍ତାଧାରାର ଫଳ ସ୍ୱରୂପ ଏଭଳି ଏକ ତତ୍ତ୍ୱ ଜନ୍ମ ନେଇଥିଲା। ଏହି ବର୍ଗ ପାଇଁ ପୃଥକ୍ କାର୍ଯ୍ୟକ୍ରମ, ସେବା ଓ ସୁରକ୍ଷା ଇତ୍ୟାଦି ହାତକୁ ନିଆଯାଇଥିଲା। ସମାଜ କଲ୍ୟାଣ ବିଭିନ୍ନ ଦୁର୍ବଳ ଓ ଅବହେଳିତ ଗୋଷ୍ଠୀକୁ ବିଭିନ୍ନ ବର୍ଗରେ ବିଭକ୍ତ କରିବାର ଲକ୍ଷ୍ୟ ରଖିଥିଲା। ୧୯୫୩ ମସିହାରେ କେନ୍ଦ୍ରୀୟ ସମାଜ କଲ୍ୟାଣ ପରିଷଦ ଗଠିତ ହୋଇଥିଲା। ଏହା ସରକାରୀ କଳର ଅଭାବତା ଭଳି କଷ୍ଟସାଧ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲା। ତେଣୁ ଏହା ସମାଜ କଲ୍ୟାଣ ସଂଶ୍ଳିଷ୍ଟ କାର୍ଯ୍ୟକୁ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ଆଗେଇ ନେବା ପାଇଁ ବଦ୍ଧ ପରିକର ହେଲା। ଏହା ମଧ୍ୟ ଏହି କାର୍ଯ୍ୟକ୍ରମଗୁଡ଼ିକୁ ସରକାରଙ୍କ ସହିତ ଭାଗିଦାରୀରେ ଆଗେଇ ନେବା ପାଇଁ ମହିଳା ସଂଗଠନ ଗୁଡ଼ିକୁ ଉତ୍ସାହିତ କଲା। ଏହି କୌଶଳର ଏକ ଅଂଶ ବିଶେଷ ସ୍ୱରୂପ ମୁଖ୍ୟତଃ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ମହିଳା ସଂଗଠନ ଗୁଡ଼ିକୁ ଉନ୍ନତ କରାଗଲା। ଉଭୟ କେନ୍ଦ୍ର ସମାଜ କଲ୍ୟାଣ ପରିଷଦ ଓ ଗୋଷ୍ଠୀଉନ୍ନୟନ କାର୍ଯ୍ୟକ୍ରମ ଅତ୍ୟାବଶ୍ୟକୀୟ ସେବା ଯଥା ଶିକ୍ଷା ସ୍ୱାସ୍ଥ୍ୟ ମୁଖ୍ୟତଃ ମାଆ ଓ ଶିଶୁର ସ୍ୱାସ୍ଥ୍ୟ ଇତ୍ୟାଦିରେ ମହିଳା ମଣ୍ଡଳ ଗୁଡ଼ିକୁ ବାର୍ତ୍ତାବହ ଭାବେ ଉତ୍ସାହିତ କଲେ। ଏହି କାର୍ଯ୍ୟ ପ୍ରଥମ ଓ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ମଧ୍ୟରେ ସଂଗଠିତ ହୋଇଥିଲା। ବୀଣା ମଜୁମ୍‌ଦାର (Vina Mazumdar) ଙ୍କ ମତରେ ଏହି ଅନୁଷ୍ଠାନ ଗଠନ ଓ ମହିଳା ସମ୍ବଳ ବିକାଶର ମିଶ୍ରଣ ମହିଳାମାନଙ୍କୁ ରାଜନୈତିକ ଓ ବିକାଶ ପ୍ରକ୍ରିୟାରେ ସହାୟକ ହେବ ବୋଲି ଆଶା କରାଯାଉଥିଲା। ଯଦିଓ ଏହି କୌଶଳ ଗୁଡ଼ିକର ପରିଭାଷା ଉନ୍ନୟନର ସାଂପ୍ରତିକ ଅର୍ଥକୁ ପ୍ରତିଫଳିତ କରୁଥିଲା, ପରିବର୍ତ୍ତନ ପ୍ରକ୍ରିୟାରେ ମହିଳା ସଂଗଠନ ଗୁଡ଼ିକର ଅଂଶ ଗ୍ରହଣର ସକ୍ରିୟତାକୁ ଧକ୍କା ଲାଗିଥିଲା। ଯାହାହେଉ ଅମଲାତାନ୍ତ୍ରିକ ନିୟନ୍ତ୍ରଣ ବୃଦ୍ଧି, ଉଚ୍ଚ ନୀଚ ଭେଦଭାବ ଓ କାର୍ଯ୍ୟକ୍ରମର ରୂପାୟନ, ନିମ୍ନସ୍ତରର ଆନୁଷ୍ଠାନିକ ଓ ସାଂଗଠନିକ ଅଭିବୃଦ୍ଧି ପାଇଁ ଆବଶ୍ୟକୀୟ "ସମ୍ବଳ ହ୍ରାସ" କଲ୍ୟାଣ କାର୍ଯ୍ୟକ୍ରମକୁ ପ୍ରଭାବିତ କଲା। ଏହାଦ୍ୱାରା ଲିଙ୍ଗଗତ ସମାନତା ହାସଲ କରିବା ନିମନ୍ତେ ଖୁବ୍ ସ୍ୱଳ୍ପ ଗୁରୁତ୍ୱ ଦିଆଗଲା।

ତୃତୀୟ, ଚତୁର୍ଥ ଓ ପଞ୍ଚମ ପଞ୍ଚବାର୍ଷିକ ଯୋଜନା ସମୟରେ ସଂଘ ଗଠନ ଓ ମାନବ ସମ୍ବଳ ବିକାଶକୁ ସହାୟତା ପ୍ରଦାନ କରିଥିବା କୌଶଳରେ ହ୍ରାସ ଘଟିଲା। ନାରୀଶିକ୍ଷା ଉପରେ ଗଠିତ ଜାତୀୟ

କମିଟି (୧୯୫୮-୫୯)ନାରୀ ଶିକ୍ଷା ଉପରେ କେତେକ ଗୁରୁତ୍ୱ ଦିଆ ଯାଉଥିବାର ଅନୁଭବ କଲା। ତୃତୀୟ ଯୋଜନା ସମୟରୁ ଜନସଂଖ୍ୟା ନିୟନ୍ତ୍ରଣ ପ୍ରସଙ୍ଗ ଅନୁସାରେ ପ୍ରାଥମିକତାରେ ଅହେତୁକ ବୃଦ୍ଧି ଘଟିଥିଲା। ଚତୁର୍ଥ ଯୋଜନା ପରଠାରୁ ଯୋଜନା ଆୟୋଗର ନିର୍ଦ୍ଦେଶନାମାଗୁଡ଼ିକ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ମାତ୍ର ଓ ଶିଶୁ ସ୍ୱାସ୍ଥ୍ୟ ଯୋଜନା ସହିତ ମିଶ୍ରଣ କରିବାରେ ବିଫଳ ହେଲା। ଏହା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଯୋଜନା ଶିଶୁମାନଙ୍କର ଅତିରିକ୍ତ ପୁଷ୍ଟିକରଣ ଓ ସେବା ତଥା ଗର୍ଭବତୀ ମହିଳାମାନଙ୍କୁ ଦାରିଦ୍ର୍ୟରୁ ଦୂରେଇ ରଖିବା ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ଏହି ଯୋଜନା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଯୋଜନା ସହିତ ମିଶ୍ରିତ ହୋଇପାରିଲା ନାହିଁ। ବିକାଶ ଯୋଜନାର ପ୍ରାରମ୍ଭିକ ବର୍ଷମାନଙ୍କରେ ବିକାଶ କାର୍ଯ୍ୟକ୍ରମ (୧୯୫୨) ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଏହା ଗୋଷ୍ଠୀଗତ ଉଦ୍ୟମରେ ଗ୍ରାମାଞ୍ଚଳର ବିକାଶକୁ ବିକେନ୍ଦ୍ରୀକରଣ କରିବାର ଲକ୍ଷ୍ୟ ରଖିଥିଲା। ଏବେ ଆସନ୍ତୁ ପରବର୍ତ୍ତୀ ବିଭାଗ ଗୁଡ଼ିକରେ ବିଭିନ୍ନ ଯୋଜନାର କୌଶଳ ଓ ନୀତିକୁ ଅନୁଧ୍ୟାନ କରିବା ଏବଂ ଦେଖିବା ମହିଳାମାନେ କିପରି ଓ କେଉଁ ସ୍ଥାନମାନଙ୍କରେ ବିକାଶ ପ୍ରକ୍ରିୟାରେ ସାମିଲ୍ ହୋଇଥିଲେ।

ଭାରତରେ ମହିଳାମାନଙ୍କ ସ୍ଥିତି ସଂପର୍କିତ କମିଟିର ଦୋଷଦୁର୍ବଳତା ବିଷୟ ଓ ସଂସଦୀୟ ନିର୍ଦ୍ଦେଶନାମା:

୧୯୭୧ ମସିହାରେ ଭାରତ ସରକାରଙ୍କ ଶିକ୍ଷା ଓ ସମାଜ କଲ୍ୟାଣ ମନ୍ତ୍ରଣାଳୟ ଭାରତରେ ମହିଳାମାନଙ୍କ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଏକ କମିଟି ଗଠନ କରିଥିଲେ। ଏହାକୁ ଭାରତରେ ମହିଳାମାନଙ୍କର ସ୍ଥିତି ସମ୍ପର୍କିତ କମିଟି ବୋଲି କୁହାଗଲା। ୧୯୭୫ ମସିହାରେ ଆନ୍ତର୍ଜାତୀୟ ମହିଳା ବର୍ଷ ଉପଲକ୍ଷେ ମିଳିତ ଜାତି ସଂଘକୁ ମହିଳାମାନଙ୍କ ସ୍ଥିତି ସଂପର୍କରେ ଏକ ରିପୋର୍ଟ ଦେବା ନିମନ୍ତେ ଅନୁରୋଧ କ୍ରମେ ମନ୍ତ୍ରଣାଳୟ ଏହା କରିଥିଲା। ଏହି କମିଟିର ଦୁଇଟି କାର୍ଯ୍ୟ ଥିଲା। ପ୍ରଥମତଃ ମହିଳାମାନଙ୍କ ସାମାଜିକ ସ୍ଥିତି ଉପରେ ପ୍ରଭାବ ପକାଉଥିବା ସାମ୍ବିଧାନିକ ନ୍ୟାୟିକ ଓ ପ୍ରଶାସନିକ ବ୍ୟବସ୍ଥା ସେମାନଙ୍କ ଶିକ୍ଷା ଓ ନିଯୁକ୍ତି ଉପରେ ପରୀକ୍ଷା ନିରୀକ୍ଷା କରିବା। ଦ୍ୱିତୀୟତଃ ଏହି ସବୁ ବ୍ୟବସ୍ଥା ଭାବରେ ସମୀକ୍ଷା କରିବା।

ଅର୍ଥନୀତି ଓ ସମାଜରେ ମହିଳାମାନଙ୍କର ଗୁରୁତ୍ୱ ଖୁବ୍ ଦ୍ରୁତ ଭାବରେ ହ୍ରାସ ପାଇଛି ବୋଲି ଏକ ନିର୍ଯ୍ୟାସରେ ଏହା ପହଞ୍ଚିଲା। ଏହି କମିଟିର ରିପୋର୍ଟରେ ଜନସଂଖ୍ୟା ପରିପ୍ରେକ୍ଷୀରେ ଲିଙ୍ଗାନୁପାତରେ ହ୍ରାସ ହେଉଥିବାର ଅନୁଧ୍ୟାନ କରିଥିଲା। ଏତଦ୍‌ବ୍ୟତୀତ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଜୀବନ ଓ ମୃତ୍ୟୁହାରରେ ଭିନ୍ନତା, ମହିଳାମାନଙ୍କର ସାକ୍ଷରତା, ଶିକ୍ଷା ଓ ଜୀବିକା ନିର୍ବାହର ଅଧିକାରରେ କେତେକ ପ୍ରତିବନ୍ଧକ ରହିଥିବାର ଦେଖିଥିଲା। ଭାରତ ରାଷ୍ଟ୍ର ଲିଙ୍ଗଗତ ସମାନତା ଆଣିବା ପାଇଁ ସାମ୍ବିଧାନିକ ଦାୟିତ୍ୱ

ନିର୍ବାହ କରିବାରେ ବିଫଳ ହୋଇଥିବା କଥା ଏହି କମିଟି ମତ ପୋଷଣ କରିଥିଲା। କୃଷି, ଶିଳ୍ପ, ମତ୍ସ୍ୟସଂପଦ, ପଶୁ ସଂପଦ ଇତ୍ୟାଦି ତଥା ଭାରତୀୟ ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରରେ ଯେଉଁ ବିକାଶ ପ୍ରକ୍ରିୟା ଚାଲୁ ରହିଥିଲା, ଜୀବନ ଜୀବିକା କାରଣ ଯୋଗୁଁ ସେଥିରେ ସଂଶ୍ଳିଷ୍ଟ ଥିବା ଲକ୍ଷ ଲକ୍ଷ ମହିଳାଙ୍କର ସେ ବିଷୟ ଉପରେ କୌଣସି ଜ୍ଞାନ ନଥିଲା। ଅର୍ଥନୀତିରେ ପ୍ରମୁଖ ଭାଗ ମହିଳାମାନଙ୍କର ଅବକ୍ଷୟ ବା ଗୁରୁତ୍ୱ ହ୍ରାସ ହେବାର ପ୍ରକ୍ରିୟା ସହିତ ରାଷ୍ଟ୍ର ସମର୍ଥନରେ ସେମାନଙ୍କୁ ଅବହେଳା ଓ ସମାଜରେ ସେମାନଙ୍କର ଅବମୂଲ୍ୟାୟନ ନିଶ୍ଚିତ ଭାବରେ ଲିଙ୍ଗଗତ ପକ୍ଷପାତିତାକୁ ପ୍ରଦର୍ଶନ କରୁଥିଲା। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅର୍ଥ ବିନିଯୋଗ ବୃଦ୍ଧି ସାଧାରଣ ନିଯୁକ୍ତି ସୁଯୋଗ ପ୍ରଚଳନ ଦ୍ୱାରା ସମୁଦାୟ ମହିଳା ଜନସଂଖ୍ୟାର ଏକ କ୍ଷୁଦ୍ର ଶ୍ରେଣୀ ବା ବର୍ଗ ଉପକୃତ ହୋଇଥିଲା। ମହିଳାମାନଙ୍କର ଏହି ସ୍ୱଚ୍ଛଳଗୋଷ୍ଠୀ ପୁଣି ଥରେ ସାମାଜିକ ବ୍ୟବସ୍ଥା ଯଥା- ଯୌତୁକ, ବ୍ୟକ୍ତିଗତ ଆଇନ୍‌ର ପ୍ରଭାବରେ ସୃଷ୍ଟି ହୋଇଥିବା ଅସମାନତା, ପ୍ରଚଳିତ ଆଇନ୍‌ର ସ୍ଥାଣୁତା ଇତ୍ୟାଦିର ଶିକାର ହେଲେ। ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ପ୍ରଚଳିତ ଆଇନ୍ କାର୍ଯ୍ୟକାରୀ ନହେବା (ଯଥା - ଶ୍ରମଆଇନ୍ ଓ ଅପରାଧ ଆଇନ୍) ଓ ମହିଳାମାନଙ୍କ ସାମଗ୍ରିକ ବିକାଶ ସଂକ୍ରାନ୍ତୀୟ ଚାହିଦା, ସମସ୍ୟା ଓ ସମ୍ଭାବନାକୁ ଯୋଜନା ପ୍ରକ୍ରିୟାରେ ସାମିଲ ନ କରିବା ଦ୍ୱାରା ମହିଳାମାନେ ଭୀଷଣ ଭାବେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଲେ।

ଏପରିକି ଭାରତୀୟ ମହିଳାମାନେ ସମ୍ମୁଖୀନ ହେଉଥିବା ସମସ୍ତ ପ୍ରକାର ଅକ୍ଷମତାର ଉଚ୍ଛେଦ ପାଇଁ "ସମାନତା ଆଡ଼କୁ" ଶୀର୍ଷକ ସଂସଦୀୟ ବିତର୍କରେ ଇଚ୍ଛା ପ୍ରକାଶ କରାଯାଇ ଥିଲା। ଜାତୀୟ ଜରୁରୀକାଳୀନ ପରିସ୍ଥିତି (୧୯୭୪-୭୭) ଘୋଷଣା ହେବାର ଅଳ୍ପକିଛି ସପ୍ତାହ ମଧ୍ୟରେ ଭାରତରେ ମହିଳାମାନଙ୍କ ସ୍ଥିତି ସଂପର୍କରେ ଅନୁଧ୍ୟାନ କରୁଥିବା କମିଟିର ସୁପାରିଶକୁ ସଂସଦରେ ଉପସ୍ଥାପନ କରାଯାଇଥିଲା। କିନ୍ତୁ ଏହାର ସୁପାରିଶ ଉପରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିଲା।

୩.୪.୧. ଜରୁରୀକାଳୀନ ପରିସ୍ଥିତିରେ ମହିଳାଙ୍କ ବିକାଶ ପାଇଁ ଯୋଜନା (୧୯୭୭-୮୦)

୧୯୭୭ ରୁ ୧୯୮୦ ମସିହା ମଧ୍ୟରେ ସରକାରଙ୍କ ଦ୍ୱାରା ଅନେକ ନୀତିର ପର୍ଯ୍ୟାଲୋଚନା କରାଯାଇଥିବା ଦେଖାଯାଇଥିଲା। ସେଗୁଡ଼ିକ ମଧ୍ୟରେ ଥିଲା - ମହିଳାମାନଙ୍କ ନିଯୁକ୍ତି ଉପରେ ଶ୍ରମିକ ଗୋଷ୍ଠୀରେ ରିପୋର୍ଟ (୧୯୭୭-୭୮) ଗ୍ରାମୀଣ ମହିଳାମାନଙ୍କର ଗ୍ରାମସ୍ତରୀୟ ସଂଗଠନ ଗୁଡ଼ିକର ବିକାଶ ସଂପର୍କରେ ଶ୍ରମିକ ଗୋଷ୍ଠୀର ରିପୋର୍ଟ (୧୯୭୭-୭୮) କୃଷି ଓ ଗ୍ରାମୀଣ ବିକାଶରେ ମହିଳାମାନଙ୍କ ଭୂମିକା ଓ ଅଂଶ ଗ୍ରହଣ ସଂପର୍କରେ ଜାତୀୟ କମିଟିର ରିପୋର୍ଟ (୧୯୭୯-୮୦) ଏହି ପର୍ଯ୍ୟାଲୋଚନା କାର୍ଯ୍ୟ ଭାରତରେ ମହିଳାମାନଙ୍କ ବିକାଶର ମୌଳିକ ସମସ୍ୟା ଓ ଏହାର ସମାଧାନକୁ ପ୍ରସଙ୍ଗ କରିବା ନିମନ୍ତେ ଏକ ବିରାଟ ଭିତ୍ତିଭୂମି ତିଆରି କରିବା ପାଇଁ ପ୍ରୟାସ କରିଥିଲା। ମହିଳା ବିକାଶ

ପାଇଁ ଭାରତୀୟ କାର୍ଯ୍ୟସୂଚୀ ମିଳିତ ଜାତିସଂଘର ମଧ୍ୟ ଦଶନ୍ଧି କାର୍ଯ୍ୟସୂଚୀରେ ସ୍ଥାନ ପାଇଲା। ୧୯୭୯ରେ ବାଗଦାଦ୍ ଠାରେ ମହିଳା ଓ ବିକାଶ ଉପରେ ଯେଉଁ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର ସ୍ୱତନ୍ତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଏଥିରେ ମଧ୍ୟସ୍ଥତା କରିଥିଲା ଭାରତ। ମହିଳାମାନଙ୍କ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଗଠିତ ଆୟୋଗରେ ସଦସ୍ୟତା ହାସଲ ସହ ମଧ୍ୟ ଦଶନ୍ଧିରେ କୋପେନ୍‌ହାଗେନ ସମ୍ମିଳନୀ ପାଇଁ ଗଠିତ ପ୍ରସ୍ତୁତି ଓ କାର୍ଯ୍ୟସୂଚୀ କମିଟିର ସଦସ୍ୟତା ହାସଲ କରିଥିଲା। (୧୯୯୦) ତୃତୀୟ ବିଶ୍ୱ ପରିପ୍ରେକ୍ଷୀରେ ମହିଳା ବିକାଶ ଉପରେ ଭାରତର ଅବଦାନ ବିଷୟ ଏହି ମଧ୍ୟ ଦଶନ୍ଧି ସମ୍ମିଳନୀରେ ଜଣା ପଡ଼ିଥିଲା। ନିଯୁକ୍ତି, ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ଏହି ଦଶନ୍ଧିର କାର୍ଯ୍ୟସୂଚୀରେ ଏକ ଉପପ୍ରସଙ୍ଗ ଭାବରେ ପରବର୍ତ୍ତୀ ସମୟରେ ଗ୍ରହଣ କରାଗଲା।

ଏହି କେତେ ବର୍ଷ ମଧ୍ୟରେ ବୀଣା ମଜୁମ୍‌ଦାରଙ୍କ (Vina Mazumdar) ପ୍ରାସଙ୍ଗିକ ତତ୍ତ୍ୱର ପରୀକ୍ଷା ନିରୀକ୍ଷା ମହିଳା ବିକାଶର ଆବଶ୍ୟକତାକୁ ଚିହ୍ନଟ କରିଛି। ଆର୍ଥିକ, ସାମାଜିକ ଓ ରାଜନୈତିକ ସୀମା ସରହଦ୍‌କୁ ଅତିକ୍ରମ କରି ଏହି ଆବଶ୍ୟକତା ଗୁଡ଼ିକର ଏକାଧିକ ଦିଗ ଓ ସମାଜରେ ମହିଳାମାନଙ୍କର ସ୍ଥିତି ସଂପର୍କରେ ନିଖୁଣ ପରୀକ୍ଷା ନିରୀକ୍ଷା କରିଛନ୍ତି। ମହିଳା ଭିତ୍ତିକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ବା ସଂସ୍ଥା ମଧ୍ୟରେ ଅର୍ଥ ବରାଦକୁ ସୀମିତ ନରଖି, ମହିଳାମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ବା ବିଭାଗରେ ଆଖି ଦୃଶିଆ ଅଂଶ ପାଇଁ ସେ ଆହ୍ୱାନ କରିଥିଲେ। ଗ୍ରାମାଞ୍ଚଳ ନିଯୁକ୍ତି ଓ ବିକାଶର ଉନ୍ନତି ପାଇଁ ମଧ୍ୟ ସେ ଆହ୍ୱାନ କରିଥିଲେ। ମହିଳାମାନଙ୍କର ନିଜସ୍ୱ ସମ୍ମିଳିତ ସଂଗଠନ ଓ ସଂଘ ଯଥା ଆମ୍ ନିଯୁକ୍ତି ମହିଳା ନିୟମ ଇତ୍ୟାଦି ମାଧ୍ୟମରେ ଏହି ଲକ୍ଷ୍ୟ ହାସଲ କରାଯାଇ ପାରିବ।

୧୯୭୯ ମସିହା ଡିସେମ୍ବରରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଘୋଷଣା କରାଯାଇଥିଲା। ଏଥିରେ ମହିଳାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଭାଗର ଅୟମାରମ୍ଭ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ମହିଳାମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମୀଣ ବିକାଶ, କୃଷି ଇତ୍ୟାଦି ସମସ୍ୟା ଗୁଡ଼ିକୁ ସବୁବେଳେ ବିଭିନ୍ନ ବିଭାଗ ଦ୍ୱାରା ସମାଧାନ କରାଯାଉଅଛି। ଏହି ବିଭାଗ ପ୍ରତିଷ୍ଠା ମହିଳାମାନଙ୍କ ପାଇଁ ମହତ ଯୋଜନାର ସର୍ବପ୍ରଥମ ଉଦ୍ୟମ ଥିଲା। ମହିଳାମାନଙ୍କ ସ୍ଥିତିରେ ବଡ଼ଧରଣର ପରିବର୍ତ୍ତନ ନ ଆଣିଲେ ଜନସଂଖ୍ୟା ନିୟନ୍ତ୍ରଣ ଭଳି ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ ବୋଲି ଏହା ମତ ପ୍ରକାଶ କରିଥିଲା। ଏହି ଯୋଜନା ପ୍ରାଶାସନିକ ସଂସ୍କାର ଓ ଲିଙ୍ଗ ଭିତ୍ତିକ ବିକାଶ ସହାୟତା ସଂଗ୍ରହ ପାଇଁ ମତ ପୋଷଣ କରିଥିଲା। ଏହା ଦ୍ୱାରା ମହିଳାମାନେ ବିକାଶରେ ଉପଯୁକ୍ତ ଅଂଶ ପାଇବା ସହ ଉନ୍ନତ ତଥ୍ୟ ପାଇପାରିବେ ବୋଲି ଆଶା କରିଥିଲା। ମହିଳାମାନେ ସେମାନଙ୍କର ଉପଯୁକ୍ତ ଅଂଶ ପାଇବାକୁ ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା

କରିବାକୁ ସରକାରଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ ବ୍ୟବସ୍ଥା ଉପରେ ଗୁରୁତ୍ୱ ସହ ଅଭିବୃଦ୍ଧି ନିମନ୍ତେ ସମାନ ସୁବିଧା ସୁଯୋଗ ଓ ବିତରଣାତ୍ମକ ନ୍ୟାୟ ଉପରେ ଗୁରୁତ୍ୱ ଆରୋପ କରିଥିଲା।

ଯୋଜନା ପ୍ରକ୍ରିୟାରେ ମହିଳାଙ୍କ ଅଂଶଗ୍ରହଣକୁ ତ୍ୱରାନ୍ୱିତ କରିବା ପାଇଁ ଗ୍ରାମାଞ୍ଚଳ ଗରିବ ସଂଗଠନ ଭଳି ଗ୍ରାମାଞ୍ଚଳ ମହିଳା ସଂଘ ଗଠନ ପ୍ରକ୍ରିୟାକୁ ଏହି ନୀତି ସମର୍ଥନ କରୁଥିଲା। ଗ୍ରାମାଞ୍ଚଳ ଗରିବ ସଂଗଠନ ଗୁଡ଼ିକ "ମୂଲଚ୍ଛଲ କ୍ଷମତା ଓ ବିକାଶ ସହାୟତା ଅଧିକାର"କୁ ବଢ଼ାଇବା ପାଇଁ ଉଦ୍ୟମ କରୁଥିଲେ। ଏହାପରେ ୧୯୮୦ରେ ନୂତନ ଯୋଜନା ଆୟୋଗ ଗଠିତ ହେଲା। ଏହା ମହିଳାମାନଙ୍କୁ ସମାଜ ସେବାକୁ ଫେରାଇ ଆଣିବା ସହ ସେମାନଙ୍କ ପାଇଁ କେତେକ ସୁବିଧା ସୁଯୋଗ ବୃଦ୍ଧି କରାଗଲା। ଅତଏବ ଏହି ସମୟରେ ଜାତୀୟ ମହିଳା ସଂଗଠନ ଗୁଡ଼ିକର ହସ୍ତକ୍ଷେପ ଯୋଜନା ପ୍ରକ୍ରିୟା ଉପରେ ଏକ ନିର୍ଦ୍ଦିଷ୍ଟ ପ୍ରଭାବ ପକାଇଲା। ଏହି ଠାରୁ ଶ୍ରମ ଓ ନିଯୁକ୍ତି ସମାଜ କଲ୍ୟାଣ ଓ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ତଥା ବର୍ଦ୍ଧିତ ନାରୀ ଆନ୍ଦୋଳନ ଓ ମହିଳାମାନଙ୍କ ଉପରେ ଗବେଷଣାରତ ଗବେଷକ ମାନଙ୍କର ଏକ ଭାଗିଦାରୀ ଯୁଗ ଆରମ୍ଭ ହେଲା ୧୯୮୦ ମସିହାରେ। ଆଠୋଟି ମହିଳା ସଂଗଠନ ଏକ ମିଳିତ ଦାବୀପତ୍ର ପ୍ରଦାନ କରିବା ପାଇଁ ଏକାଠି ହେଲେ। ମହିଳା ଓ ସେମାନଙ୍କ ବିକାଶ ନାମକ ଏକ ବିଭାଗ ଷଷ୍ଠ ଯୋଜନାରେ ସାମିଲ କରିବା ପାଇଁ ସେମାନେ ଯୋଜନା କମିଶନ ନିକଟରେ ଦାବି ଜଣାଇଲେ। ଭାରତର ଯୋଜନା ଇତିହାସରେ ଏହା ଏକ ଉଲ୍ଲେଖନୀୟ ସଫଳତା ଥିଲା।

୩.୪.୨. ମହିଳା ବିକାଶରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା:

ସମାଜରେ ମହିଳାମାନଙ୍କ ସ୍ଥାନ ଖୁବ୍ ନ୍ୟୂନ କଥାଟିକୁ ମହିଳା ଓ ବିକାଶ ପାଇଁ ଉଦ୍ଦିଷ୍ଟ ଯୋଜନା ପ୍ରକାଶ କଲା। ଏଥିପାଇଁ "ସ୍ୱାଧୀନ ନିଯୁକ୍ତି ଓ ରୋଜଗାର"ର ସ୍ୱଳ୍ପ ସୁବିଧା ସୁଯୋଗ ଓ ଜନସଂଖ୍ୟା ସଂପୃକ୍ତ ଅଧିକ ମୃତ୍ୟୁହାର ସ୍ୱଳ୍ପ ଅର୍ଥନୈତିକ ବ୍ୟାପାରରେ ଅଂଶ ଗ୍ରହଣ, ସାକ୍ଷରତା ଓ ଲିଙ୍ଗାନୁପାତ ଇତ୍ୟାଦି ଦାୟୀ ବୋଲି ମତ ପୋଷଣ କରିଥିଲା। ଏହା ମହିଳାମାନଙ୍କ ପାଇଁ ଏକ ବହୁମୁଖୀ ଦୀର୍ଘ ମିଆଦି ପରସ୍ପର ନିର୍ଭରଶୀଳ କୌଶଳ ପାଇଁ ସୁପାରିଶ କରିଥିଲା। ଏହା ସମଗ୍ର ବିକାଶ ପ୍ରକ୍ରିୟା ଉପରେ ନିର୍ଭରଶୀଳ ହୋଇପାରିବ। ହସ୍ତାନ୍ତର ଯୋଗ୍ୟ ସଂପତ୍ତି ଯଥା କୃଷି ଓ ବାସସ୍ଥାନର ଜମି ସଂକ୍ରାନ୍ତରେ "ସରକାରଙ୍କ ପୁନଃବଣ୍ଟନ ନୀତି" ଏକ ପ୍ରସ୍ତାବ ଆଗତ କରିଥିଲା। ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ମିଳିତ ଭାବରେ ମାଲିକାନା ସ୍ୱତ୍ୱ ଦେବାକୁ ସରକାର ପଦକ୍ଷେପ ନେବାକୁ ସୁପାରିଶ କରିଥିଲା। ଏହା ମଧ୍ୟ ତୃଣମୂଳ ସ୍ତରର ମହିଳା ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକୁ ଶକ୍ତିଶାଳୀ କରିବା ପାଇଁ ସୁପାରିଶ କରିଥିଲା। ଯେଉଁ ସଂଗଠନ ଗୁଡ଼ିକ ମହିଳାମାନଙ୍କ ଜୀବନ ପାଇଁ ବିଭିନ୍ନ ସ୍ତରରେ ସେମାନଙ୍କ ବିକାଶ ପାଇଁ ଯଥେଷ୍ଟ ଉଦ୍ୟମ ସ୍ୱରୂପ ନିଷ୍ପତ୍ତି ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥାନ୍ତି। ସେମାନଙ୍କୁ ଶକ୍ତିଶାଳୀ କରାଯିବା ଉପରେ

ଗୁରୁତ୍ୱ ଦିଅନ୍ତି। ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ସ୍ୱରୂପ ମହିଳାମାନଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା ହୋଇଛି। ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ସଂରକ୍ଷଣ ଆଜି ପର୍ଯ୍ୟନ୍ତ କରାଯାଇଥିବା ସୁବିଧା ସୁଯୋଗ ମଧ୍ୟରେ ଏକ ଆକର୍ଷଣୀୟ ସଂଖ୍ୟା। ଯେଉଁଠାରେ ମହିଳାମାନଙ୍କ ନିଯୁକ୍ତି ଖୁବ୍ କ୍ଷୀଣ ବା ନିମ୍ନମୁଖୀ ସେଠାରେ "ମିଳିତ ପଦକ୍ଷେପ" ପାଇଁ ଷଷ୍ଠ ଯୋଜନା ପ୍ରସ୍ତାବ ଆଗତ କରିଥିଲା।

୩.୪.୩. ସପ୍ତମ ପଞ୍ଚବାର୍ଷିକ ଯୋଜନା (୧୯୮୫-୧୯୯୦)

ସପ୍ତମ ପଞ୍ଚବାର୍ଷିକ ଯୋଜନା ମହିଳା ଓ ଯୁବକମାନଙ୍କ ପାଇଁ ଲାଭଜନକ ନିଯୁକ୍ତି ବ୍ୟବସ୍ଥା ଉପରେ ଗୁରୁତ୍ୱ ଆରୋପ କରିଥିଲା। ମହିଳାମାନଙ୍କର ସାମଗ୍ରିକ ବିକାଶ ପାଇଁ ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ ଶକ୍ତିବୃଦ୍ଧି ଭଳି ଦ୍ୱୈତ ଲକ୍ଷ୍ୟ ହାସଲ ନିମନ୍ତେ ସାମାଜିକ ଓ ଅର୍ଥନୈତିକ କାର୍ଯ୍ୟ କଳାପର ପରିଧି ମଧ୍ୟରେ ମହିଳାମାନଙ୍କୁ ସଂଗଠିତ କରିବାର କୌଶଳ ଉପରେ ଗୁରୁତ୍ୱ ଆରୋପ କରିଥିଲା। ପୂର୍ବ ପ୍ରଚଳିତ ପିତୃକୈନ୍ଦ୍ରିକ ଅଗ୍ରାଧିକାର ବଦଳରେ ପ୍ରଥମ ଥର ପାଇଁ "ନାରୀବାଦୀ ଭାଷା"ର ପ୍ରୟୋଗ ଦେଖିବାକୁ ମିଳିଥିଲା। ପୂର୍ବରୁ ମହିଳାମାନଙ୍କୁ ଏକ ନିର୍ଯ୍ୟାତିତ ଅବସ୍ଥା ଭିତରେ ସୀମିତ କରି ରଖାଯାଉ ଥିଲା। ଏହି ନୂତନ ବ୍ୟବସ୍ଥା ଯୋଜନା ଖସଡ଼ାର ଚତୁର୍ଦ୍ଦଶ ବିଭାଗରେ ଦେଖିବାକୁ ମିଳିଥିଲା। ପ୍ରଧାନ ମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜଘନ୍ୟ ହତ୍ୟାକାଣ୍ଡ ପରେ ଏହି ବ୍ୟବସ୍ଥାରେ ବ୍ୟତିକ୍ରମ ଦେଖାଦେଲା। ଏହାପରେ ସରକାରରେ ପରିବର୍ତ୍ତନ ହେଲା। ଉଭୟ ସରକାର ଭିତରେ ଓ ସରକାର ବାହାରେ ମହିଳାଙ୍କ ସମସ୍ୟା ପରିପ୍ରେକ୍ଷୀରେ ଏକ ମଙ୍ଗଳମୟ ଯୁଗର ଆରମ୍ଭ ହେଲା। ନାଇରୋବି ଠାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସମ୍ମିଳନୀକୁ ଭାରତ ସରକାର ଆୟୋଜନ କରିଥିଲା। ଆନ୍ତର୍ଜାତୀୟ ଶ୍ରମ ସଂଗଠନ ପ୍ରାୟୋଜିତ ଆଫ୍ରିକା-ଏସିଆ ସମ୍ମିଳନୀରେ ଗ୍ରାମୀଣ ମହିଳା ସଂଗଠନ ଓ ବିକାଶ ଉପରେ ଭାରତର ମତ ଉଭୟ ସରକାରୀ ଓ ବେସରକାରୀ ଥିଲା। ଏଥିରେ ଭାରତ ଉତ୍ସାହଜନକ ସମର୍ଥନ ହାସଲ କରିଥିଲା। ଗ୍ରାମୀଣ ବିକାଶ ବିଭାଗ ଗ୍ରାମାଞ୍ଚଳ ପାଇଁ ଉଦ୍ଦିଷ୍ଟ ଦାରିଦ୍ର୍ୟ ନିରାକରଣ ଯୋଜନାରେ ମହିଳାମାନଙ୍କ ପାଇଁ ୩୦ ପ୍ରତିଶତ ସଂରକ୍ଷଣ ଘୋଷଣା କରିଥିଲା। ଗ୍ରାମାଞ୍ଚଳ ବିକାଶ ଅଧିକାରୀମାନଙ୍କ ପ୍ରଶିକ୍ଷଣର ବାଧ୍ୟତାମୂଳକ ଅଂଶବିଶେଷ ସ୍ୱରୂପ ଲିଙ୍ଗ ସଚେତନତା ସୃଷ୍ଟି କରିବା ପାଇଁ ପଦକ୍ଷେପ ନିଆଯାଇ ଥିଲା।

କେନ୍ଦ୍ରର ନୂତନ ସରକାର ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନରେ ମହିଳା ଓ ଶିଶୁ ବିକାଶ ପାଇଁ ଗୋଟିଏ ପୂର୍ଣ୍ଣ ବିଭାଗ ଗଠନ କରିଥିଲେ। ମହିଳାମାନଙ୍କ ମଧ୍ୟରେ ଶିକ୍ଷା, ସଂସ୍କୃତି, କ୍ରୀଡ଼ା ଓ ଯୁବ

ବ୍ୟାପାର ବିକାଶ ଇତ୍ୟାଦି ଏହା ଅଧୀନରେ ରହିଲା। ନାରୀ ଆନ୍ଦୋଳନ ଓ ସରକାର ମଧ୍ୟରେ ଆଭ୍ୟନ୍ତରୀଣ କନ୍ଦଳର ଫଳରେ ଜାତୀୟ ଶିକ୍ଷା ନୀତିରେ "ମହିଳାଙ୍କ ସମାନତା ପାଇଁ ଶିକ୍ଷା" ପ୍ରସଙ୍ଗରେ ଦୁଇଟି ପରିଚ୍ଛେଦ ସଂଶ୍ଳିଷ୍ଟ କରାଗଲା। ମହିଳାଙ୍କର ସମସ୍ତ ପ୍ରକାର ଶିକ୍ଷା ଗ୍ରହଣ କରିବାର ଅଧିକାର ସଂପର୍କରେ ଏକ ବାର୍ତ୍ତା ସର୍ବପ୍ରଥମ ଥର ପାଇଁ ଦୃଶ୍ୟମାନ ହେଲା। ଏପରି ଏକ ବ୍ୟବସ୍ଥା ପ୍ରଚଳନ ହେଲା ଯେଉଁଥିରେ ଲିଙ୍ଗଗତ ସାମାଜିକ ପରିବର୍ତ୍ତନ ମାଧ୍ୟମରେ ଶିକ୍ଷା ବ୍ୟବସ୍ଥା ମହିଳାମାନଙ୍କର ଉଚିତ୍ ସଶକ୍ତିକରଣରେ ଏକ ଗୁରୁ ଦାୟିତ୍ୱ ନିର୍ବାହ କରିବା ଉଚିତ୍।

ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କର ସକ୍ରିୟ ପ୍ରତିନିଧିତ୍ୱ ବ୍ୟବସ୍ଥା ପ୍ରଚଳନ ଏହି ଯୋଜନା ସମୟର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପରିପ୍ରେକ୍ଷୀରେ ଭାରତରେ ମହିଳାମାନଙ୍କ ସ୍ଥିତି ଅନୁଧ୍ୟାନ କମିଟିର (CSWI) ସୁପାରିଶକୁ ସ୍ୱଗିତ ରଖାଗଲା। ୧୯୮୫ ମସିହା ଜାନୁଆରୀ ଠାରୁ ସମାଜ କଲ୍ୟାଣ ବିଭାଗର ସଚିବଙ୍କ ତରଫରୁ ଏହି ସୁପାରିଶ ଉପରେ ବିତର୍କ ଆରମ୍ଭ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଏହାର ଫଳାଫଳକୁ ରୂପ ଦେବାପାଇଁ ଦୁଇ ବର୍ଷ ସମୟ ଲାଗିଥିଲା। ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ମହିଳାମାନଙ୍କ ପାଇଁ ଜାତୀୟ ସ୍ତରୀୟ ଯୋଜନା (NPP) ର ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଦାରିଦ୍ର୍ୟ ସ୍ତରରେ ଥିବା କର୍ମଜୀବୀ ମହିଳାମାନଙ୍କର ସମସ୍ୟା, ଆବଶ୍ୟକତା ଓ ଲକ୍ଷ୍ୟ ଅନୁଧ୍ୟାନ କରିବା ପାଇଁ "ଆମ୍ ନିଯୁକ୍ତ ମହିଳାଙ୍କ ପାଇଁ ଜାତୀୟ ଆୟୋଗ" (NCSEW) ଗଠନ କରାଯାଇ ଥିଲା। ଜାତୀୟ ସ୍ତରୀୟ ଯୋଜନା (NPP) ନିଷ୍ପତ୍ତି ନିର୍ଦ୍ଧାରଣ ସ୍ତରରେ ମହିଳାମାନଙ୍କ ଅଂଶ ଗ୍ରହଣ ବୃଦ୍ଧି ପାଇଁ ସୁପାରିଶ କରିଥିଲା। ଏହି ଅଂଶ ଗ୍ରହଣ ବ୍ୟବସ୍ଥାରେ ସ୍ଥାନୀୟ ସ୍ୱାୟତ୍ତ ଶାସନ, ସରକାରୀ ସଂସ୍ଥା, ରାଜ୍ୟ ବିଧାନସଭା ଓ ସଂସଦ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ପ୍ରତ୍ୟେକ ସ୍ତରରେ ମହିଳାମାନଙ୍କ ପାଇଁ ୩୦ ପ୍ରତିଶତ ସଂରକ୍ଷଣକୁ ସମର୍ଥନ କରିଥିଲା।

ମହିଳା ଆନ୍ଦୋଳନ ଗୁଡ଼ିକ ଜାତୀୟ ଉନ୍ନୟନ ଯୋଜନାକୁ କଡ଼ା ଭାଷାରେ ଉର୍ତ୍ସନା କରିଥିଲେ। ପରିଶେଷରେ ୧୯୯୨ରେ ୭୩ ତମ ଓ ୭୪ ତମ ସମ୍ବିଧାନ ସଂଶୋଧନ ପ୍ରସ୍ତାବ ଆଗତ ହେଲା। ଏହି ସଂଶୋଧନ ପ୍ରସ୍ତାବ ଗୁଡ଼ିକ ବାଧ୍ୟତାମୂଳକ ନିୟମିତ ନର୍ବାଚନ ଲୋକପ୍ରତିନିଧି ସଂସ୍ଥା ଗୁଡ଼ିକୁ ସାମ୍ବିଧାନିକ ପଦ ମର୍ଯ୍ୟାଦା, ଅଧିକ ସମ୍ବଳ ଓ କ୍ଷମତା ଏବଂ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ପାଇଁ ସୁ-ବ୍ୟବସ୍ଥା କରିଥିଲା। ମହିଳାଙ୍କ ପାଇଁ ସଂରକ୍ଷଣ ପରିପ୍ରେକ୍ଷୀରେ ମହିଳା ଆନ୍ଦୋଳନ ସଂଗଠନ ଗୁଡ଼ିକ ମନୋନୟନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେମାନେ ଏହାକୁ ଅଣତାନ୍ତ୍ରିକ ଓ ସମ୍ବିଧାନ ପରିପନ୍ଥୀ ବୋଲି ସମାଲାଚନା କରିଥିଲେ। ସେମାନେ ମଧ୍ୟ ରାଜ୍ୟ ବିଧାନ ସଭା ଓ ସଂସଦରେ ସଂଗ୍ରକ୍ଷଣକୁ ପ୍ରତ୍ୟାଖାନ କରିଥିଲେ। ସେହିଭଳି

ପଞ୍ଚାୟତ ଓ ପୌରପାଳିକା କ୍ଷେତ୍ରରେ ସଂଖ୍ୟାଗରିଷ୍ଠତା ସୃଷ୍ଟି ପାଇଁ ଦାବି କରାଯାଇ ଥିଲା। ଏହାଦ୍ୱାରା ସର୍ବାଧିକ ଅବହେଳିତ ଗୋଷ୍ଠୀରୁ ନୂତନ ନେତୃତ୍ୱ ସୃଷ୍ଟି ସହ ନୂତନ ସମସ୍ୟା ଲୋକ ଲୋଚନକୁ ଆସିପାରିବ।

୩.୪.୪. ଅଷ୍ଟମ ପଞ୍ଚବାର୍ଷିକ ଯୋଜନା (୧୯୯୨-୯୭)

ଜନସଂଖ୍ୟା ନିୟନ୍ତ୍ରଣର ଆବଶ୍ୟକତା ପ୍ରସଙ୍ଗରେ ଯୋଜନା ଚିଠାର ପ୍ରଥମ ଭାଗରେ କେବଳ ମହିଳା ମାନଙ୍କୁ ସ୍ଥାନିତ କରାଯାଇଥିଲା। ଦ୍ୱିତୀୟ ଏକକର ପ୍ରଥମ ଭାଗରେ ସ୍ଥାନିତ ମହିଳା ଭିତ୍ତିକ କାର୍ଯ୍ୟକ୍ରମ ଗୁଡ଼ିକ କେବଳ ମହିଳା ମାନଙ୍କୁ ନେଇ ଗଠିତ। ଏଥିରେ ମହିଳା ମାନଙ୍କ ପାଇଁ ଯେଉଁ ସଂରକ୍ଷଣ ନୀତି ଓ ବ୍ୟୟ ବରାଦ ହୋଇଥିଲା, ଏଥିରେ ମହିଳା ମାନଙ୍କର ଅଂଶଧନ ବିଷୟରେ ଉଲ୍ଲେଖ ନଥିଲା।

ମହିଳା ବିକାଶ ବିଭାଗରେ ନୂତନ ନୀତିରେ ମହିଳା ବିରୋଧୀ ହିଂସା ସଂପର୍କରେ ଗୋଟିଏ ପରିଚ୍ଛଦ ଓ ପାରିପାର୍ଶ୍ୱିକ ବିଶ୍ଳେଷଣ ସଂପର୍କରେ ଦୁଇଟି ପୃଷ୍ଠା ଉଲ୍ଲେଖ ଥିଲା। ଏହି ପାରିପାର୍ଶ୍ୱିକ ବିଶ୍ଳେଷଣ ଉଚ୍ଚ ମୃତ୍ୟୁହାର, ଗୌଣ ଶିକ୍ଷା ଓ ମହିଳା ମାନଙ୍କ ବର୍ଦ୍ଧିତ ବେକାରୀ ଇତ୍ୟାଦି ସମସ୍ୟାକୁ ଗୁରୁତ୍ୱ ଦେଇଥିଲା। ଏତଦ୍ ବ୍ୟତୀତ ମହିଳାମାନଙ୍କ ଶ୍ରମ ମୂଲ୍ୟରେ ପାତର ଅନ୍ତର, କାର୍ଯ୍ୟ କ୍ଷେତ୍ରରେ ମହିଳା ମାନଙ୍କ ଅନିୟମିତତା, ଶ୍ରମ ଆଇନ୍‌ରେ ସୁରକ୍ଷାର ଅଭାବତା, କରଜ, ବୈଷୟିକ ଜ୍ଞାନ ଓ ଅନ୍ୟାନ୍ୟ ବିକାଶ ମୂଳକ ସହାୟତାରୁ ନାରୀମାନେ ବଂଚିତ ହେବା ଇତ୍ୟାଦି ପ୍ରସଙ୍ଗ ଗୁଡ଼ିକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

୧୯୯୦ରେ ମହିଳା ମାନଙ୍କ ପାଇଁ ଏକ ଆୟୋଗ ଆଇନ୍‌ର ଅନୁମୋଦନ ଲାଭ କରିଥିଲା। ଏଥିରେ ଆଇନ୍ ଦ୍ୱାରା ମହିଳା ମାନଙ୍କ ପାଇଁ ଗୋଟିଏ ସ୍ୱୟଂଶାସିତ ଜାତୀୟ ଆୟୋଗ ଗଠନ କରାଗଲା। ଏହା ମହିଳା ମାନଙ୍କର ଆପତ୍ତି ଅଭିଯୋଗ ଗ୍ରହଣ କରିବାର ଏକ ବିଧି ସମ୍ମତ ସଂସ୍ଥା ଭାବରେ କାର୍ଯ୍ୟ କରିବାର ବ୍ୟବସ୍ଥା ଥିଲା। ଏହା ମଧ୍ୟ ଆଇନ୍ ଓ ନୀତିର ପୁନଃ ବିଚାର ଆଇନ୍ ଅମାନ୍ୟ ସଂକାନ୍ତୀୟ କେତେକ ବ୍ୟକ୍ତିଗତ ବ୍ୟାପାରରେ ହସ୍ତକ୍ଷେପ ଓ ମହିଳା ମାନଙ୍କ ଅଧିକାର ଭଙ୍ଗ କ୍ଷେତ୍ରରେ ମଧ୍ୟ ହସ୍ତକ୍ଷେପ କରିବାର ବ୍ୟବସ୍ଥା ଥିଲା। ୧୯୯୧ ମସିହାରେ ଶିଶୁ କନ୍ୟାମାନଙ୍କ ପାଇଁ ଏକ ଜାତୀୟ କାର୍ଯ୍ୟସୂଚୀ ସ୍ଥିର କରାଗଲା। ଏହା ଶିଶୁକନ୍ୟା ମାନଙ୍କର ଜୀବନ ସୁରକ୍ଷା ଓ ବିକାଶ ସମୟ ଭିତ୍ତିକ ସୁପାରିଶ୍ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଏହା ପାତର ଅନ୍ତର ନୀତିର ଉଚ୍ଛେଦ ସାର୍ବଜନୀନତା ଓ ଅଧିକାରର ଅଣ ବିଭାଜନ ପାଇଁ ସୁପାରିଶ କରିଥିଲା। ମହିଳାମାନଙ୍କ ସଶକ୍ତି କରଣ ପାଇଁ ଜାତୀୟ

ନୀତିର ଚିଠା ପ୍ରସ୍ତାବ (୧୯୯୬), ଲିଙ୍ଗଗତ ନ୍ୟାୟର ସୁରକ୍ଷା ଓ ଲିଙ୍ଗ ସମାନତା ତଥା ଲିଙ୍ଗଗତ ବିଚ୍ଛର ଧାରାର ମୁଖ୍ୟ ସ୍ରୋତୀକରଣ ପାଇଁ ସମ୍ମିଳିତ ନିର୍ଦ୍ଦେଶ ପ୍ରଦାନ କରିଥିଲା।

୩.୪.୫. ନବମ ପଞ୍ଚବାର୍ଷିକ ଯୋଜନା (୧୯୯୭-୨୦୦୨):

ନବମ ପଞ୍ଚବାର୍ଷିକ ଯୋଜନା କାଳରେ ମହିଳା ମାନଙ୍କ ପାଇଁ କେତେକ ଗୁରୁତ୍ୱ ପୂର୍ଣ୍ଣ ଲକ୍ଷ୍ୟ ଧାର୍ଯ୍ୟ କରା ଯାଇଥିଲା। ନବମ ଯୋଜନାର ଅନୁରୋଧ ପତ୍ର ମହିଳା ସଶକ୍ତିକରଣ, ଯୋଜନା ଓ ଏହାର ପ୍ରଣୟନର ବିକେନ୍ଦ୍ରୀକରଣ ଓ ଜନସାଧାରଣଙ୍କର ଅଂଶ ଗ୍ରହଣ ଇତ୍ୟାଦି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲା। ଭାରତରେ ଯୋଜନା ଯୁକ୍ତ ବିକାଶ ଇତିହାସରେ ପ୍ରଥମ ଥର ପାଇଁ ନବମ ଯୋଜନା କାଳରେ ମହିଳା ସଶକ୍ତିକରଣକୁ ଏକ ଲକ୍ଷ୍ୟ ଭାବରେ ଗ୍ରହଣ କରାଯାଇଥିଲା। ଏହି ଅନୁରୋଧ ପତ୍ର ମଧ୍ୟ ପ୍ରତ୍ୟେକ କ୍ଷେତ୍ର ପାଇଁ ମହିଳାଙ୍କ ଅଂଶଧନ ଯୋଜନା ନିମନ୍ତେ ଏକ କୌଶଳ ନିର୍ଦ୍ଧାରଣ କରିବା ପାଇଁ ଘୋଷଣା କରିଥିଲା। ଏହା ମହିଳାମାନଙ୍କର ସୁଫଳର ଅନ୍ତଃପ୍ରବାହକୁ ଚିହ୍ନଟ କରି ପାରିବ ଓ ଏହି ବିଭାଗର ଅତୀତ କାର୍ଯ୍ୟକଳାପର ଲିଙ୍ଗଗତ ମୂଲ୍ୟାୟନ କରାଯାଇପାରିବ। ବିକାଶ କ୍ଷେତ୍ରରେ ରାଜ୍ୟ ବିଧାନ ସଭା ଗୁଡ଼ିକର ଭୂମିକା ମଧ୍ୟ ଆଲୋଚିତ ହୋଇଥିଲା। ସରକାରୀ କ୍ଷେତ୍ରରେ ମହିଳା ମାନଙ୍କର ୩୦% ଭାଗ ପ୍ରତିନିଧିତ୍ୱ ପାଇଁ ଏହି ଯୋଜନା ପ୍ରସ୍ତାବ ଦେଇଥିଲା। ଏହା ଦ୍ୱାରା ନିମ୍ନ ସ୍ତରରେ ସାଧାରଣ ଚାକିରୀରେ ମହିଳାମାନଙ୍କ ପାଇଁ ପ୍ରଦେଶର ବୃହତ ସୁଯୋଗ ସୃଷ୍ଟି ହେଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଖିବାକୁ ଗଲେ ମହିଳା ମାନଙ୍କର ପ୍ରଜନନ ଗତ ସ୍ୱାସ୍ଥ୍ୟ ଉପରେ ଯଥୋଚିତ ଗୁରୁତ୍ୱ ଦିଆଯାଇଥିଲା। ଯଦି ଶିକ୍ଷା କ୍ଷେତ୍ରକୁ ଦେଖିବା, ଲିଙ୍ଗ ସମାନତା ବାଦ୍, କଲେଜ ସ୍ତର ପର୍ଯ୍ୟନ୍ତ ବାଳିକ ମାନଙ୍କ ପାଇଁ ମାଗଣା ଶିକ୍ଷା ପାଇଁ ଯୋଜନାରେ ବ୍ୟବସ୍ଥା କରାଯାଇଥିଲା। ଏହି ଯୋଜନା ମଧ୍ୟ ବାଳିକା ମାନଙ୍କ ପାଇଁ ବୈଷୟିକ କ୍ଷେତ୍ରରେ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା କରିଥିଲା। ଦେଶର ଶିଳ୍ପ ବିକାଶରେ ମହିଳା ମାନଙ୍କର ଅଂଶ ଗ୍ରହଣକୁ ବୃଦ୍ଧି କରିବା ନିମନ୍ତେ ଏହି ଯୋଜନା ମହିଳା ଉଦ୍ୟୋଗୀ ମାନଙ୍କ ପାଇଁ ଉନ୍ନୟନ ବ୍ୟାଙ୍କ (Development Bank) ଗଠନ କରିବାକୁ ପ୍ରସ୍ତାବ ନେଇଥିଲା। ଏହା ସେମାନଙ୍କୁ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ରରେ ସହାୟତା କରିପାରିବ। କୃଷି କ୍ଷେତ୍ରରେ ଅଧିକ ସହାୟତା ଅଂଶ ଯୋଗାଇବା ପାଇଁ ଗ୍ରାମୀଣ ବିକାଶ ନିଯୁକ୍ତି ଯୋଜନାର ପ୍ରସ୍ତାବ ଦିଆଯାଇଥିଲା। ମହିଳା ବିକାଶ କ୍ଷେତ୍ରରେ ୩୦% ଭାଗ ପୁଞ୍ଜି ବିନିଯୋଗ ପାଇଁ ଏହି ଯୋଜନାରେ ସ୍ୱତନ୍ତ୍ର ମହିଳା ବିଭାଗ ପ୍ରତିଷ୍ଠା ପାଇଁ ଗୁରୁତ୍ୱପୂର୍ଣ୍ଣ ସଂକଳ୍ପ ଥିଲା।

୩.୪.୬. ଦଶମ ପଞ୍ଚ ବାର୍ଷିକ ଯୋଜନା (୨୦୦୨-୦୭)

ମହିଳା ମାନଙ୍କୁ ସୂଚନା, ସମ୍ବଳ ଓ ସେବା ଅଧିକାର ସୁନିଶ୍ଚିତ କରିବା ଓ ଲିଙ୍ଗ ସମାନତା ଲକ୍ଷ୍ୟ ହାସଲ ନିମନ୍ତେ ଦଶମ ପଞ୍ଚ ବାର୍ଷିକ ଯୋଜନା ପ୍ରଣୟନ କରାଯାଇଥିଲା। ଏହି ଯୋଜନା କାଳରେ ସ୍ୱୟଂ

ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳା ମାନଙ୍କର ଆର୍ଥିକ ସଶକ୍ତି କରଣ କରି ସେମାନଙ୍କ ସ୍ଥିତିରେ ଓ ସମ୍ମାନରେ ପରିବର୍ତ୍ତନ ଅଣାଯାଇ ପାରିବ ବୋଲି ଆଶା କରା ଯାଇଥିଲା। ଏହି ଯୋଜନା କାଳରେ ପ୍ରଶିକ୍ଷଣ ମାଧ୍ୟମରେ ମହିଳାଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା।

୩.୪.୭. ଏକାଦଶ ପଞ୍ଚବାର୍ଷିକ ଯୋଜନା (୨୦୦୭-୧୨)

ଏକାଦଶ ପଞ୍ଚବାର୍ଷିକ ଯୋଜନା ନିମ୍ନ ଲିଖିତ ପଞ୍ଚସୂଚୀ ମହିଳା ସଶକ୍ତିକରଣ କୌଶଳ ଉପରେ ପର୍ଯ୍ୟବସିତ ଥିଲା। ସେଗୁଡ଼ିକ ହେଲା- କୃଷିକ୍ଷେତ୍ରରେ ମହିଳା ସଶକ୍ତିକରଣ ଓ ଜଗତୀକରଣର ପ୍ରଭାବ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ଆର୍ଥିକ ସଶକ୍ତିକରଣ, ସାମାଜିକ ସଶକ୍ତିକରଣ ଓ ସାମାଜିକ ପରିବର୍ତ୍ତନ ସୃଷ୍ଟି, ସଂସଦ, ପଞ୍ଚାୟତିରାଜ ଅନୁଷ୍ଠାନ ଓ ଛୋଟ ବଡ଼ ସରକାରୀ ଚାକିରୀରେ ମହିଳା ମାନଙ୍କ ପ୍ରବେଶ ଓ ନିଖୁଣ କାର୍ଯ୍ୟ ସଂପାଦନ ନିମନ୍ତେ ସୁଯୋଗ ସୃଷ୍ଟି କରିବାକୁ ରାଜନୈତିକ ସଶକ୍ତିକରଣ ନାରୀ ସମସ୍ୟା ସମାଧାନ ଆଧାରିତ ପ୍ରଣିତ ଆଇନ୍‌ର ନିଖୁଣ କାର୍ଯ୍ୟକାରୀତା ପାଇଁ କୌଶଳ ସଶକ୍ତିକରଣ ଓ ଲିଙ୍ଗ ଅଟକଳ ପାଇଁ ଆନୁଷ୍ଠାନିକ କୌଶଳ ସୃଷ୍ଟି। ଏହି ଲିଙ୍ଗ ଅଟକଳ ମହିଳା ଭିତ୍ତିକ କାର୍ଯ୍ୟକ୍ରମ ଗୁଡ଼ିକର ସଫଳ କାର୍ଯ୍ୟ କାରିତା ପାଇଁ ଆବଶ୍ୟକ ହେଉଥିବା କୌଶଳ ଗୁଡ଼ିକୁ ମୁଖ୍ୟ ସ୍ରୋତୀକରଣ ଓ ଶକ୍ତିଶାଳୀ କରିଥାଏ।

୩.୪.୮. ଦ୍ୱାଦଶ ପଞ୍ଚ ବାର୍ଷିକ ଯୋଜନା (୨୦୧୨-୨୦୧୭)

ସଂଗଠନିକ ଓ ଆନୁଷ୍ଠାନିକ ପ୍ରତିବନ୍ଧକକୁ ଦୂରକରି ମହିଳାମାନଙ୍କ ଅବସ୍ଥାରେ ଉନ୍ନତିକୁ ସୁନିଶ୍ଚିତ କରିବା ପାଇଁ ଏହି ଯୋଜନାର ପରିକଳ୍ପନା କରାଯାଇଥିଲା। ଏହା ମଧ୍ୟ ଲିଙ୍ଗଗତ ମୁଖ୍ୟସ୍ରୋତୀକରଣକୁ ମଜଭୁତ୍ କରିବା ପାଇଁ ଉଦ୍ଦିଷ୍ଟ ଥିଲା।

୩.୫. ମହିଳା ମାନଙ୍କ ପାଇଁ ନୀତି ଓ ଯୋଜନା :

ଭାରତରେ ମହିଳା ମାନଙ୍କ ବିକାଶ ପାଇଁ ନିର୍ଦ୍ଧାରିତ ନୀତି ଓ ଯୋଜନାର ପର୍ଯ୍ୟାଲୋଚନାରୁ ଜଣାଯାଏ ଯେ, ରାଜ୍ୟମାନଙ୍କରେ ମହିଳା ମାନଙ୍କ ପାଇଁ ଯୋଜନା ଓ ନୀତି ନିର୍ଦ୍ଧାରଣ ପାଇଁ ଉଦ୍ୟମର ଅଭାବ ରହିଛି। ମହିଳା ମାନଙ୍କର ଚାହିଦା ପୂରଣ ଓ ବିକାଶ ପ୍ରକ୍ରିୟାରେ ସେମାନଙ୍କୁ ଏକ ବଡ଼ ଅଂଶ ନେବାପାଇଁ ଆବଶ୍ୟକ ହେଉଥିବା ଆଇନ୍ ପ୍ରଣୟନ ଉପରେ କମ୍ ଆନ୍ତରିକତା ରହିଛି। ମହିଳା ମାନଙ୍କର ବିକାଶ ପାଇଁ ଭାରତର ଖୁବ୍ ଅଳ୍ପ ରାଜ୍ୟ ମାନଙ୍କରେ ନୀତି ପ୍ରଣୟନ ହୋଇଛି। ତେଣୁ ମହିଳାଙ୍କ ବିକାଶ ପାଇଁ ଉଦ୍ୟମ ଯଥେଷ୍ଟ ନୁହେଁ। ତେଣୁ ଏହା ଆବଶ୍ୟକତା ପୂରଣ କାରି ପାରୁ ନାହିଁ। ଉଦ୍ୟମ ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ପାଖରୁ ଆରମ୍ଭ ହୋଇଛି। ଭାରତ ଭଳି ସଂଘୀୟ ରାଷ୍ଟ୍ରରେ ରାଜ୍ୟ ସରକାରମାନେ ଯଦି ମହିଳାଙ୍କ ସ୍ଥିତିରେ ଉନ୍ନତି ଆଣିବା ସେମାନଙ୍କ ଦାୟିତ୍ୱ ବୋଲି ନଭାବନ୍ତି, ତେବେ ଯେକୌଣସି

ବିକାଶ ପ୍ରକ୍ରିୟାର ସଫଳତା ପ୍ରହସନରେ ପରିଣତ ହେବ। ରାଜନୈତିକ ପ୍ରକ୍ରିୟାରେ ତୃଣମୂଳ ସଂଗଠନ ଗୁଡ଼ିକର ଅଧିକ ସଂପୃକ୍ତି ମହିଳା ସଶକ୍ତିକରଣ ହାସଲର ଏକ ମାଧ୍ୟମ ହୋଇ ପାରିବ। ଆହୁରି ମଧ୍ୟ, ସଂପୂର୍ଣ୍ଣ ରୂପେ ଲିଙ୍ଗ ସମାନତା ହାସଲ ପାଇଁ ଏହାକୁ ଦେଶର ସମସ୍ତ ବିକାଶ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ କରିବାକୁ ହେବ।

୩.୬. ଲିଙ୍ଗ ବିକାଶ ପାଇଁ ପ୍ରସଙ୍ଗ ଗୁଡ଼ିକର ପରିସର :

ଲିଙ୍ଗ ବିକାଶ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ସଫଳତା ହାସଲ କରି ପାରି ନାହିଁ। ଏହା ଅଧିକ ଅନ୍ତଃସୃଷ୍ଟି ଓ ଉଦ୍ୟମ ଆବଶ୍ୟକ କରୁଅଛି। ଲିଙ୍ଗ ବିକାଶ ପାଇଁ ଯୋଜନା, ଏହାର ରୂପରେଖ ନିର୍ଦ୍ଧାରଣ ଓ ଏହାର ମୂଲ୍ୟାଙ୍କନ ବେଳେ ଅଧିକ କିଛି ପ୍ରସଙ୍ଗ ଉପରେ ତତ୍ପରତା ପ୍ରକାଶ କରିବାର ଆବଶ୍ୟକତା ରହିଛି। ଲିଙ୍ଗ ପ୍ରସଙ୍ଗରେ ଏହାର କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ନିମ୍ନରେ ଆରୋଚିତ ହୋଇଛି।

୩.୬.୧. କାର୍ଯ୍ୟ :

ସମାଜରେ ପରିବାରରେ ଲିଙ୍ଗ ଭିତ୍ତିରେ ଭିନ୍ନ ଭିନ୍ନ ପ୍ରକାରର ଘର କାର୍ଯ୍ୟ କରାଯାଇଥାଏ ଓ ପରିବାରର ସଦସ୍ୟ ମାନେ ପୃଥକ ପୃଥକ ଦାୟିତ୍ୱ ନିର୍ବାହନ କରିଥାନ୍ତି। ମହିଳାମାନେ ଉତ୍ପାଦକ ଓ ପ୍ରଜନନ ସଂକ୍ରାନ୍ତୀୟ କାର୍ଯ୍ୟ କରିଥାଆନ୍ତି। ଅବଶ୍ୟ ଦୁଇଟି ଯାକ କାର୍ଯ୍ୟ ପରସ୍ପର ସହିତ ଜଡ଼ିତ। କିନ୍ତୁ ଏ ଦୁଇଟି ଯାକ କାର୍ଯ୍ୟ ଅବୈତନିକ। ପୁରୁଷମାନେ ସବୁବେଳେ ଘରର ବାହାର କାର୍ଯ୍ୟ ସଂପାଦନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି। ତେଣୁ ସେମାନେ ଘର କାର୍ଯ୍ୟରେ ଖୁବ୍ ଗୌଣ ଭୂମିକା ନିର୍ବାହ କରିଥାନ୍ତି। କିନ୍ତୁ ସେମାନଙ୍କୁ (ସବୈତନିକ) ଶ୍ରମିକ ବୋଲି ଗ୍ରହଣ କରାଯାଏ। କୃଷି ଉତ୍ପାଦନ ଅର୍ଥାତ୍ ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ମହିଳା ମାନଙ୍କର ଉତ୍ପାଦନ କରିବାର ଅନ୍ତଃର୍ନିହିତ କ୍ଷମତାକୁ ସଂକୁଚିତ କରାଯାଇଥାଏ। ତେଣୁ ଆର୍ଥିକ ସ୍ୱତନ୍ତ୍ରତା ହାସଲ କରିବା ନିମନ୍ତେ ମହିଳା ମାନଙ୍କ ପାଖରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଏହା ପ୍ରଭାବିତ କରେ। ନିଯୁକ୍ତି କ୍ଷେତ୍ରରେ ଲିଙ୍ଗ ବୈଷମ୍ୟ ଯୋଗୁଁ ମହିଳା ମାନେ ସ୍ୱଳ୍ପ ସମ୍ମାନଯୁକ୍ତ କାର୍ଯ୍ୟ କରିଥାନ୍ତି। ସେମାନେ ସ୍ୱଳ୍ପ ପାରିଶ୍ରମିକ ପାଆନ୍ତି। ଏହାଦ୍ୱାରା ସେମାନେ ସେମାନଙ୍କର ପ୍ରଗତି ନିମନ୍ତେ ଖୁବ୍ ଅଳ୍ପ ସୁଯୋଗ ପାଇଥାଆନ୍ତି। କାର୍ଯ୍ୟ କ୍ଷେତ୍ରରେ ଲିଙ୍ଗଗତ ସମାନତା ବୃଦ୍ଧିକୁ ଅଗ୍ରାଧିକାର କ୍ଷେତ୍ର ରୂପେ ଗ୍ରହଣ କରାଯିବା ଆବଶ୍ୟକ।

୩.୬.୨. ଦାରିଦ୍ର୍ୟ :

ଦାରିଦ୍ର୍ୟ ଏକ ଅବସ୍ଥା ଯେଉଁଥିରେ ରୋଜଗାର ଓ ସମ୍ବଳର ଅଭାବତାକୁ ଅନୁଭବ କରାଯାଇଥାଏ। ଅଭାବ ପରିମାଣ ଏତେ ହୋଇଯାଏ ଯେ ଏଥିରେ ଶିକାର ହେଉଥିବା ବ୍ୟକ୍ତିମାନେ ବାସ କରୁଥିବା ସମାଜରେ ସାଧାରଣ ଜୀବନ ଧାରଣର ମନରୁ ବଂଚିତ ହୋଇ ଥାଆନ୍ତି। ଦାରଦ୍ର୍ୟ ଯୋଗୁଁ

ସେମାନେ ବେକାରୀ, ସ୍ୱଳ୍ପ ରୋଜଗାର, ଅନୁନ୍ନତ ବାସଗୃହ, ସ୍ୱାସ୍ଥ୍ୟ ରକ୍ଷାର ଅଭାବତା ତଥା ଜୀବନ ବ୍ୟାପି ଶିକ୍ଷା, ସଂସ୍କୃତି, କ୍ରୀଡ଼ା ଓ ମନୋରଞ୍ଜନ ଆଦି ପ୍ରତିବନ୍ଧକର ଶିକାର ହୋଇଥାନ୍ତି। ସେମାନେ ବେଳେ ବେଳେ କେତେକ କାର୍ଯ୍ୟକଳାପରେ ଅଂଶ ଗ୍ରହଣରୁ ବାଦ୍ ପଡ଼ିଥାଆନ୍ତି ଓ ସର୍ବନିମ୍ନ ସ୍ତରକୁ ଚଲି ଯାଆନ୍ତି। ବିଶ୍ୱର ସମୁଦାୟ ଦରିଦ୍ରଙ୍କ ମଧ୍ୟରୁ ମହିଳା ମାନଙ୍କ ପରିମାଣ ହେଉଛନ୍ତି ୭୦% ଭାଗ ଯାହା ଏକ ଉଦ୍‌ବେଗଜନକ ପ୍ରସଙ୍ଗ। କାରଣ ମହିଳାମାନେ ମୁଖ୍ୟତଃ ଶିଶୁର ଯତ୍ନ ଓ ଘରକାର୍ଯ୍ୟର ଦାୟିତ୍ୱ ନିଅନ୍ତି। ଏଥିପାଇଁ ସେମାନେ କୌଣସି ପାରିଶ୍ରମିକ ପାଆନ୍ତି ନାହିଁ। ବିକାଶୋନ୍ମୁଖୀ ରାଷ୍ଟ୍ର ମାନଙ୍କରେ ବାସ କରୁଥିବା ମହିଳାମାନେ ତାଙ୍କ ପରିବାରକୁ ଭରଣ ପୋଷଣ କରିବା ପାଇଁ ଶାରୀରିକ ପରଶ୍ରମ କରିଥାଆନ୍ତି ଓ କୃଷି ଭିତ୍ତିକ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଏହିଭଳି ଆହୁରି ଅନେକ କାର୍ଯ୍ୟ କରୁଥିବାରୁ ଏହି ମହିଳାମାନେ ବୈତନିକ କାର୍ଯ୍ୟପାଇଁ ଖୁବ୍ କମ୍ ସମୟ ଦେଇଥାନ୍ତି। ତେଣୁ ସେମାନେ ଖୁବ୍ କମ୍ ରୋଜଗାର କରିବାରେ ସଫଳ ହୋଇଥାଆନ୍ତି। ଏହାହିଁ ସେମାନଙ୍କ ମଧ୍ୟରେ ଦାରିଦ୍ର୍ୟ ସୃଷ୍ଟି କରେ। ମହିଳାଙ୍କ ମଧ୍ୟରେ ଦକ୍ଷତାର ଅଭାବ ରହିଥାଏ। ସେମାନଙ୍କର ମୂଲଚଲ କ୍ଷମତା ଖୁବ୍ ସୀମିତ। ମହିଳା ମାନେ ପୁରୁଷ ମାନଙ୍କ ଭଳି ଦେଶାନ୍ତର ଗମନ କରନ୍ତି ନାହିଁ ଏହି ଦେଶାନ୍ତର ଗମନର ଅକ୍ଷମତା ସେମାନଙ୍କର ରୋଜଗାର ଦକ୍ଷତାକୁ ସଂକୁଚିତ କରେ। ଫଳତଃ ସେମାନଙ୍କ ମଧ୍ୟରେ ଦାରିଦ୍ର୍ୟ ସୃଷ୍ଟି କରେ। ତେଣୁ ମହିଳାମାନଙ୍କ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଦାରିଦ୍ର୍ୟ ସମସ୍ୟାକୁ ସମାଧାନ କରିବାର ଏହାହିଁ ପ୍ରକୃଷ୍ଟ ସମୟ।

୩.୬.୩. ପାରିବାରିକ ଜୀବନ :

ସବୁ ସମାଜରେ ମହିଳା ମାନେ ହେଉଛନ୍ତି, ଶିଶୁ, ବୃଦ୍ଧ-ବୃଦ୍ଧା ଓ ରୋଗୀ ମାନଙ୍କର ମୁଖ୍ୟ ପାଳନ କର୍ତ୍ତା। ସେମାନେ ମଧ୍ୟ ଅଧିକାଂଶ ଘରକାର୍ଯ୍ୟ କରି ଥାଆନ୍ତି। ପ୍ରଜନନ କାର୍ଯ୍ୟ ଯୋଗୁଁ ମହିଳା ମାନଙ୍କର ଜୀବନବହୁଳ ଭାବେ ପ୍ରଭାବିତ ହୋଇଥାଏ। ଏହାର ସିଧାସଳଖ ପ୍ରଭାବ ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ନିଯୁକ୍ତି ସୁଯୋଗ ଉପରେ ପଡ଼ିଥାଏ। ସେମାନେ ଯେତେବେଳେ ପରିବାରର ମୁଖ୍ୟ ହୁଅନ୍ତି, ସେମାନଙ୍କ ପାରିବାରିକ ଜୀବନ ଅଧିକ ଶୋଚନୀୟ ହୋଇ ପଡ଼େ ଓ ସେମାନଙ୍କର ଦାୟିତ୍ୱ ଦ୍ୱିଗୁଣିତ ହୋଇଯାଏ। ଜଗତୀକରଣର ପରବର୍ତ୍ତୀ କାଳରେ ପୁରୁଷ ମାନଙ୍କର ଦେଶାନ୍ତର ଗମନ ଖୁବ୍ ଦ୍ରୁତ ହୋଇଛି। ଏହାର ପ୍ରଭାବ ସ୍ୱରୂପ ମହିଳା ମାନଙ୍କୁ ଘରର ଯତ୍ନ ଓ ଉତ୍ପାଦ ରୋଜଗାର ଭଳି ଦୁଇଟି ଭୂମିକା ନିର୍ବାହ କରିବାକୁ ବାଧ କରିଛି। ଅନେକ ଗବେଷଣାରୁ ଦେଖାଯାଇଛି ଯେ ତୁଳନାତ୍ମକ ଭାବେ ପୁରୁଷ ମାନଙ୍କ ଅପେକ୍ଷା ମହିଳା ମାନେ ଘରକାମ ପାଇଁ ଅଧିକ ସମୟ ଦେଇ ଥାଆନ୍ତି। ଏହା ସେମାନଙ୍କର ସ୍ୱାସ୍ଥ୍ୟ, ପୋଷଣ ଓ ଦାୟିତ୍ୱ ବୋଧତା ଉପରେ ପ୍ରଭାବ ପକାଇଥାଏ। ପରିବାର ମଧ୍ୟରେ ମହିଳା ମାନଙ୍କର ଘର କାର୍ଯ୍ୟରେ

ନିଯୁକ୍ତି ସଂପୂର୍ଣ୍ଣ ରୂପେ ଅବୈତନିକ ଓ ଅଣସ୍ୱୀକୃତ। ଏହାକୁ ମଧ୍ୟ ଅନେକ ସମୟରେ ଅବ ମୂଲ୍ୟାୟନ କରା ଯାଇଥାଏ। ଏହି ସବୁ ସମସ୍ୟା ଗୁଡ଼ିକୁ ଲିଙ୍ଗ ବିକାଶ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ସମାଧାନ କରାଯାଇପାରିବ।

୩.୬.୪. ସ୍ୱାସ୍ଥ୍ୟ ଓ ପୋଷଣ :

ଜୈବିକ ଦୃଷ୍ଟିରୁ ପୁରୁଷ ଓ ମହିଳା ମାନଙ୍କର ଭିନ୍ନ ଭିନ୍ନ ସ୍ୱାସ୍ଥ୍ୟ ଉହିଦା ରହିଥାଏ। ପ୍ରଚଳିତ ସାମାଜିକ ଓ ସାଂସ୍କୃତିକ ପରିପାଟିରୁ ସେମାନଙ୍କ ଜୀବନ ଶୈଳୀ ଓ ସାମାଜିକ ଭୂମିକା ନିର୍ଦ୍ଧାରିତ ହୋଇଥାଏ। ଏହା ହିଁ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ମହିଳା ମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ସାଧାରଣତଃ ପ୍ରଜନନ ସହିତ ସଂଶ୍ଳିଷ୍ଟ। ରକ୍ତହୀନତା, ଅପପୁଷ୍ଟି ଓ ହେପାଟାଇଟିସ୍ ଇତ୍ୟାଦି ରୋଗ ଗୁଡ଼ିକ ଏହାର ଅନ୍ତର୍ଭୁକ୍ତ। କେତେକ ଜୈବିକ, ପରିବେଶଗତ ଓ ସାମାଜିକ କାରଣ ଯୋଗୁଁ ପୁରୁଷ ମାନଙ୍କର ଆୟୁଷ ଅପେକ୍ଷା ମହିଳା ମାନଙ୍କର ଆୟୁଷ ଦୀର୍ଘ। ପରମ୍ପରା, ସାମାଜିକ ପ୍ରତିବନ୍ଧକ ଓ ସମ୍ବଳର ଅଭାବତା ଯୋଗୁଁ ପୋଷଣ, ଅସୁସ୍ଥତା ଓ ମୃତ୍ୟୁ ଇତ୍ୟାଦି ନାମରେ ଶିଶୁ ମାନଙ୍କ ମଧ୍ୟରେ ଲିଙ୍ଗଗତ ଭିନ୍ନତା ସୃଷ୍ଟି ହୋଇଥାଏ। ପୁରୁଷ ମାନେ ଅଧିକ ପରିମାଣର ଖାଦ୍ୟ ଓ ଭଲ ଖାଦ୍ୟ ଖାଇ ଥାଆନ୍ତି। କେତେକ ସମାଜରେ ପରିବାର ମଧ୍ୟରେ ଖାଦ୍ୟ ପରିବେଷଣରେ ସମାନତା ନ ଥାଏ। ମହିଳାମାନେ ପ୍ରଥମେ ପରିବାରର ସଦସ୍ୟଙ୍କୁ ଖାଦ୍ୟ ପରଷି ଦିଅନ୍ତି ଓ ଏହା ପରେ ଯାହା ବଳକା ରହେ, ତାକୁ ସେମାନେ ଖାଆନ୍ତି। ବେଳେ ବେଳେ ଏହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ ହୁଏ ନାହିଁ। ଏଣୁ ଲିଙ୍ଗ ବିକାଶ ନୀତିରେ ମହିଳା ମାନଙ୍କର ଏହି ଉଦ୍‌ବେଗଜନକ ସ୍ୱାସ୍ଥ୍ୟ ସମସ୍ୟାକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି।

୩.୬.୫. ଶିକ୍ଷା

ପୁରୁଷ ମାନଙ୍କ ଅପେକ୍ଷା ମହିଳା ମାନେ ଅଧିକ ଅଶିକ୍ଷିତ। ଦେଶର ସାକ୍ଷରତା ହାର ଯେତେ କମ୍, ଦୁଇ ଲିଙ୍ଗ ମଧ୍ୟରେ ପାର୍ଥକ୍ୟ ସେତେ ଅଧିକ। ମିଳିତ ଜାତି ସଂଘର ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ ସଂଗଠନ (UNESCO) ର ପରିସଂଖ୍ୟାନରୁ ଜଣାଯାଏ ଯେ ବିକାଶୋନ୍ମୁଖୀ ଦେଶ ମାନଙ୍କରେ ୪୧% ଭାଗ ମହିଳା ଅଶିକ୍ଷିତ ଓ ତୁଳନାତ୍ମକ ଭାବେ ୨୦% ଭାଗ ପୁରୁଷ ଅଶିକ୍ଷିତ। କେତେକ ଦେଶରେ ୧୫ ରୁ ୨୪ ବର୍ଷ ମଧ୍ୟରେ ଥିବା ଗ୍ରାମାଞ୍ଚଳ ମହିଳା ମାନଙ୍କର ନିରକ୍ଷରତା ହାର ସହରାଞ୍ଚଳ ଠାରୁ ତିନି ଗୁଣ ଅଧିକ। ମୁଖ୍ୟତଃ ଗ୍ରାମାଞ୍ଚଳରେ ବାଳିକା ମାନେ ଖୁବ୍ ଶୀଘ୍ର ବିଦ୍ୟାଳୟ ଛାଡ଼ି ଥାଆନ୍ତି। ସେମାନେ ଘର କାମ ଓ ଉତ୍ପାଦକ କାର୍ଯ୍ୟରେ ପରିବାରକୁ ସାହାଯ୍ୟ କରନ୍ତି। ଘରଠାରୁ ବହୁ ଦୂରରେ ଥିବା ବିଦ୍ୟାଳୟର ଅବସ୍ଥିତି ସାକ୍ଷରତାର ପାର୍ଥକ୍ୟକୁ ବୃଦ୍ଧି କରିଥାଏ। ଏହା ବାଳିକା ମାନଙ୍କର ବିଦ୍ୟାଳୟରେ ଉପସ୍ଥାନକୁ

ପ୍ରଭାବିତ କରିଥାଏ। କାରଣ ବାପା ମାଆ ମାନେ ସେମାନଙ୍କ ଝିଅ ମାନଙ୍କର ବ୍ୟକ୍ତିଗତ ନିରାପତ୍ତାକୁ ନେଇ ଚିନ୍ତିତ ଥାଆନ୍ତି। କେତେକ ସମାଜରେ କଠୋର ସାଂସ୍କୃତିକ ବିଧି ବ୍ୟବସ୍ଥା ଓ ସାମାଜିକ ରୁହିଦା ମହିଳା ମାନଙ୍କର ଘରୁ ବାହାରକୁ ବାହାରିବାକୁ ନିୟନ୍ତ୍ରଣ କରିଥାଏ। ସାଂସ୍କୃତିକ ପରମ୍ପରା, ନ୍ୟାୟିକ ପକ୍ଷପାତିତା, ନିରନ୍ତର ଚଳଣି, ପରିବାରର ବିତୃଷ୍ଣା ଇତ୍ୟାଦି ନିରବଚ୍ଛିନ୍ନ ଭାବେ ମହିଳା ମାନଙ୍କୁ ବୈଜ୍ଞାନିକ ଓ ବୈଷୟିକ କ୍ଷେତ୍ରରୁ ଦୂରେଇ ରଖିଥାଏ। ମହିଳା ନାମରେ ଯେଉଁ କେତେକ ନିଯୁକ୍ତି ମିଳେ, ସେଗୁଡ଼ିକ ସ୍ୱଳ୍প ବେତନପ୍ରାପ୍ତ ଓ ଭବିଷ୍ୟତ ଜୀବନ ଅସୁରକ୍ଷିତ ଅଟେ। ଏହା ଏଭଳି ଏକ ବ୍ୟବସ୍ଥା ଯେଉଁଠି ନିଯୁକ୍ତି ବଜାରରେ ମହିଳା ମାନଙ୍କୁ ଏଠାରୁ ଦୂରେଇ ରଖିବାର ବ୍ୟବସ୍ଥା ବୃଦ୍ଧି ପାଏ। ଲିଙ୍ଗ ବିକାଶ କାର୍ଯ୍ୟସୂଚୀ ଓ ନୀତିରେ ବର୍ତ୍ତମାନ ଏହି ପ୍ରସଙ୍ଗ ଗୁଡ଼ିକ ଅଗ୍ରଭାଗରେ ରହିବା ଆବଶ୍ୟକ। ମହିଳା ମାନଙ୍କୁ ଗୁରୁତ୍ୱ ନେବା ପାଇଁ ଶିକ୍ଷାକୁ ଏହି ଲିଙ୍ଗ ବିକାଶ କାର୍ଯ୍ୟକ୍ରମରେ ଯୋଡ଼ିବା ପାଇଁ ପ୍ରୟାସ ହେବା ଆବଶ୍ୟକ।

୩.୬.୬. ପରିବେଶ :

ପରିବେଶ ଅବକ୍ଷୟର ପ୍ରଭାବ ଯୋଗୁଁ ଲିଙ୍ଗ ଭିତ୍ତିକ କାର୍ଯ୍ୟଭାର ଓ ଜୀବନ ଧାରଣର ମାନରେ ଭିନ୍ନତା ସୃଷ୍ଟି ହୋଇଥାଏ। ମହିଳାମାନେ ମୁଖ୍ୟତଃ ପ୍ରାକୃତିକ ସମ୍ବଳର ଦୈନନ୍ଦିନ ପରିଚାଳନା ଓ ବ୍ୟବହାର ପାଇଁ ଦାୟୀ। ସେଥିପାଇଁ ସେମାନେ ପ୍ରଥମେ ପ୍ରାକୃତିକ ସମ୍ବଳର ହ୍ରାସ ଯୋଗୁଁ ପ୍ରଭାବିତ ହୋଇ ଥାଆନ୍ତି। ପ୍ରକୃତିର ଦାନ ଉପରେ ଅଧିକ ନିର୍ଭର କରୁଥିବା ସମାଜର ଏହି ଦୁର୍ବଳତମ ସଦସ୍ୟମାନେ ପରିବେଶ ଅବକ୍ଷୟକୁ ମର୍ମେ ମର୍ମେ ଅନୁଭବ କରନ୍ତି। ଏଥି ଯୋଗୁଁ ପ୍ରାକୃତିକ ସମ୍ବଳ ପରିଚାଳନା ଓ ନିଷ୍ପତ୍ତି ନିର୍ଦ୍ଧାରଣରେ ଅଂଶ ଗ୍ରହଣ କରିବା କ୍ଷେତ୍ରରେ ଲିଙ୍ଗଗତ ବୈଷମ୍ୟକୁ ଆମକୁ ସ୍ପଷ୍ଟ ବୁଝିବାକୁ ହେବ। ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେବାର ଆବଶ୍ୟକତା ରହିଛି।

୩.୬.୭. ସର୍ବସାଧାରଣ ଓ ନୀତି ନିର୍ଦ୍ଧାରଣ କ୍ଷେତ୍ର :

ସର୍ବସାଧାରଣ ଓ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଲିଙ୍ଗଗତ ଅସମାନତା ଏକ ଗୁରୁତ୍ୱ ପୂର୍ଣ୍ଣ ପ୍ରସଙ୍ଗ। ସରକାର, ବ୍ୟବସ୍ଥାପକ ସଂସ୍ଥା ଓ ଜନମତକୁ ପ୍ରଭାବିତ କରୁଥିବା ଆହୁରି ଅନେକ ଗୁରୁତ୍ୱ ପୂର୍ଣ୍ଣ କ୍ଷେତ୍ରରେ ଲଗାତାର ଭାବରେ ମହିଳା ମାନଙ୍କର ସ୍ୱଳ୍প ପ୍ରତିନିଧିତ୍ୱ ଦେଖିବାକୁ ମିଳେ। ସମଗ୍ର ପୃଥିବୀରେ ମାତ୍ର ୧୬ଟି ରାଷ୍ଟ୍ରରେ ମହିଳାମାନେ ୧୫% ଭାଗରୁ ଅଧିକ ମନ୍ତ୍ରୀ ସ୍ତରୀୟ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ୫୯ଟି ରାଷ୍ଟ୍ରରେ କୌଣସି ମହିଳା ମନ୍ତ୍ରୀ ନାହାନ୍ତି। ବିଶ୍ୱର ପ୍ରାୟ ଅଧିକାଂଶ ରାଷ୍ଟ୍ରରେ ମହିଳା ମାନଙ୍କର ଭୋଟ ଦେବାର ଅଧିକାର ରହିଛି। କିନ୍ତୁ ସରକାରରେ ଖୁବ୍ କମ୍ ସଂଖ୍ୟକ ମହିଳାଙ୍କୁ ଦେଖିବାକୁ ମିଳେ।

୧୯୯୪ରେ ବିଶ୍ୱର ସମୁଦାୟ ସଂସଦୀୟ ପ୍ରତିନିଧି ମାନଙ୍କ ମଧ୍ୟରେ କେବଳ ୧୦% ମହିଳାଙ୍କ ପ୍ରତିନିଧିତ୍ୱ ଥିଲା। ରାଜନୈତିକ ଓ ଆର୍ଥିକ କ୍ଷମତା ହାସଲ କ୍ଷେତ୍ରରେ ମହିଳା ପ୍ରତିନିଧିତ୍ୱ ପାଇଁ ଏବେ ମଧ୍ୟ କେତେକ ସାମାଜିକ ଓ ସାଂସ୍କୃତିକ ପ୍ରତିବନ୍ଧକ ରହିଛି। ଏହାବାଦ୍ କେତେକ ପାରମ୍ପରିକ ପକ୍ଷପାତିତା ମଧ୍ୟ ରହିଛି। ନୀତି ନିର୍ଦ୍ଧାରଣ ସଂସ୍ଥାରେ ଯେ ପର୍ଯ୍ୟନ୍ତ ମହିଳା ମାନଙ୍କର ସ୍ୱର ପ୍ରତିଫଳିତ ନ ହୋଇଛି, ସେ ପର୍ଯ୍ୟନ୍ତ ସେମାନେ ଅନୁଭବ କରୁଥିବା ଝହିଦା ନୀତି ନିର୍ଦ୍ଧାରଣ କ୍ଷେତ୍ରରେ କେବେହେଲେ ପ୍ରତିଫଳିତ ହୋଇପାରିବ ନାହିଁ। ତେଣୁ ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ପ୍ରତିନିଧିତ୍ୱର ସୁଯୋଗ ଦେଲେ ଲିଙ୍ଗ ଯୋଜନା ଅଧିକ ଫଳପ୍ରଦ ଓ ବାସ୍ତବମୁଖୀ ହୋଇ ପାରିବ।

୩.୭. ଲିଙ୍ଗ ବିକାଶୋନ୍ମୁଖୀ ନୀତିର ପ୍ରତିବନ୍ଧକ :

ପୂର୍ବବର୍ତ୍ତୀ ଆଲୋଚନାରୁ ଏହା ସ୍ପଷ୍ଟ ହୋଇଛି ଯେ ମହିଳା ବିକାଶ ନୀତି ଆଦି ପର୍ଯ୍ୟନ୍ତ ଏତେବେଶୀ ସଫଳ ହୋଇ ପାରିନାହିଁ। ଏହା ସେମାନଙ୍କର ପାରମ୍ପରିକ ଭୂମିକା, ସ୍ଥିତି, ଅଧିକାର ଓ ବିଭିନ୍ନ ସୁଯୋଗ ବୃଦ୍ଧି କରିବାରେ ସଫଳତା ହାସଲ କରିପାରି ନାହିଁ। ଦାରିଦ୍ର୍ୟ ହ୍ରାସ ପାଇ ନାହିଁ, ଖାଦ୍ୟ ନିରାପତ୍ତା ପ୍ରତ୍ୟେକ ମହିଳାଙ୍କର ଅଧିକାରରେ ପରିଣତ ହୋଇନାହିଁ। ଏହାବାଦ୍ ରାଜନୀତି ଓ ନିଷ୍ପତ୍ତି ନିର୍ଦ୍ଧାରଣ କ୍ଷେତ୍ରରେ ମହିଳା ମାନଙ୍କର ଭୂମିକା ସାର୍ବଜନୀନ ହୋଇ ନାହିଁ। ମହିଳା ହିଂସା ଓ ହୀନମନ୍ୟତା ହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଇନାହିଁ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ନୀତି ଯୋଜନା, ନୀତି ନିର୍ଦ୍ଧାରଣ ଓ ନୀତି ପ୍ରଣୟନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ରହିଛି। ସେହି ପ୍ରତିବନ୍ଧକ ଗୁଡ଼ିକୁ ନିମ୍ନରେ ଆଲୋଚନା କରାଯାଇଛି।

- ଲିଙ୍ଗଗତ ଅସଂଗଠିତ ତଥ୍ୟ ସମ୍ଭବତଃ ମହିଳା ମାନଙ୍କ ପ୍ରକୃତ ଭୂମିକା ବା ସ୍ଥିତି ନିର୍ଣ୍ଣୟ କରିବାରେ ମୁଖ୍ୟ ସମସ୍ୟା ହୋଇଛି। ଏହି ତଥ୍ୟ ଗ୍ରାମୀଣ ବିକାଶ ଓ ଖାଦ୍ୟ ସୁରକ୍ଷା ନୀତି ନିର୍ଦ୍ଧାରଣ ମହିଳା ମାନଙ୍କର ସଂପୂର୍ଣ୍ଣ ଅଂଶ ଗ୍ରହଣର ତାଲିକା ପ୍ରସ୍ତୁତିରେ ସହାୟକ ହୋଇଥାଏ। ଏହା ମଧ୍ୟ ଖାଦ୍ୟ ଓ ଅର୍ଥକାରୀ ଫସଲ ଉତ୍ପାଦନ ତଥା ଆର୍ଥିକ ପରିଚାଳନାର ଲିଙ୍ଗ ଭିତ୍ତିକ ଭିନ୍ନ ଭିନ୍ନ ପ୍ରଭାବ ସଂପର୍କରେ ତାଲିକା ପ୍ରସ୍ତୁତିରେ ସହାୟକ ହୋଇଥାଏ।
- ଇତିହାସରୁ ଜଣାଯାଇଛି ଯେ ପ୍ରାୟ ସବୁଆଡ଼େ ଜମି ଉପରେ ମହିଳା ମାନଙ୍କର ସୀମିତ ଅଧିକାର ରହିଛି। ଯଦି ମହିଳା ମାନଙ୍କର ଅଧିକାରକୁ ସୁନିଶ୍ଚିତ କରାଯାଏ, ତେବେ ମହିଳା ମାନେ ନିଶ୍ଚିତ ଭାବରେ ଜମିର ସର୍ବାଧିକ ଉପଯୋଗ କରି ପାରିବେ। ସେହି ଅଧିକାର ସେମାନଙ୍କୁ ପରିଚାଳନା ଗତ ନିଷ୍ପତ୍ତି ଓ ଅଧିକ ଉତ୍ପାଦନ ପାଇଁ ଉତ୍ସାହିତ କରିବ। କାରଣ ଏହାଦ୍ୱାରା ସେମାନେ ସ୍ୱଳ୍ପ ଓ ଦୀର୍ଘ ମିଆଦି ଯୋଜନା ତିଆରି କରିପାରିବେ। ଖାଦ୍ୟ ଓ କୃଷି ସଂଗଠନର ଗବେଷଣାରୁ ଜଣାଯାଇଛି ଯେ ଅସୁରକ୍ଷିତ

ଜମି ମାଲିକାନା ସ୍ୱତ୍ୱ ଅଧିକାର ଓ ବ୍ୟବହାର ଏକ ଜଟିଳ ଲିଙ୍ଗଗତ ପ୍ରତିବନ୍ଧକ। ଏହା ମହିଳା ମାନଙ୍କର କୃଷି ଉତ୍ପାଦନ ଓ ରୋଜଗାର କ୍ଷେତ୍ରରେ ଅଧିକ ପ୍ରତିବନ୍ଧକ ସୃଷ୍ଟି କରିଥାଏ। କାର୍ଯ୍ୟାନୁଷ୍ଠାନ ପାଇଁ ବେଜିଙ୍ଗ୍ ସମ୍ମିଳନୀରେ (Beijing platform for action) ଏହି ପ୍ରସଙ୍ଗକୁ ମହିଳା ମାନଙ୍କର ଦାରିଦ୍ର୍ୟର ପ୍ରତ୍ୟକ୍ଷ କାରଣ ବୋଲି ବିବେଚନା କରା ଯାଇଥିଲା। ମହିଳା ମାନଙ୍କୁ ଜମି ଉପରେ ନିୟନ୍ତ୍ରଣ ଅଧିକାର ଦେବାପାଇଁ ନୀତି ନିର୍ଦ୍ଧାରଣ ସକାଶେ ଏହି ସମ୍ମିଳନୀ ସରକାର ମାନଙ୍କୁ ପରାମର୍ଶ ଦେଇଥିଲା। ଯେଉଁ ଆଇନ୍ ଗୁଡ଼ିକ ମହିଳା ମାନଙ୍କୁ ଜମି ମାଲିକାନା ସ୍ୱତ୍ୱ ଓ ଜମି ଗ୍ରହଣ ପାଇଁ ପ୍ରତିବନ୍ଧକ ସୃଷ୍ଟି କରୁଥିଲା, ସେଥିରେ ସଂସ୍କାର ଆଣିବା ପାଇଁ ପରାମର୍ଶ ନେଇଥିଲା।

- ମହିଳା ମାନେ ଦଳ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ସେମାନେ ପରିବାରକୁ ଜଳ ଯୋଗାଇ ଥାଆନ୍ତି ଓ ସେମାନେ ଗୋଟିଏ ଜଳ ବିନ୍ଦୁ ନଷ୍ଟ ହେବାକୁ ଦିଅନ୍ତି ନାହିଁ। କିନ୍ତୁ ଜଳନୀତି ଓ କାର୍ଯ୍ୟକ୍ରମ କ୍ରମାଗତ ଭାବରେ ମହିଳା ମାନଙ୍କର ଜଳ ବ୍ୟବହାର ଓ ଉପଯୁକ୍ତ ପରିଚାଳନାଗତ ଅଧିକାରକୁ ସଂକୁଚିତ କରି ଆସିଛନ୍ତି। ଜନ ସଂରକ୍ଷଣ ଆନ୍ଦୋଳନରେ ମହିଳା ମାନଙ୍କୁ ଅଗ୍ରଦୂତ କରିବା ବର୍ତ୍ତମାନ ସରକାରଙ୍କ ପାଇଁ ବାଧ୍ୟତା ମୂଳକ କାର୍ଯ୍ୟ ହେବା ବିଧେୟ।
- ଖାଦ୍ୟ ସୁରକ୍ଷା ପରିପ୍ରେକ୍ଷୀରେ ଉପଯୁକ୍ତ ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ, ଗବେଷଣା ଓ ସଂପ୍ରସାରଣ କାର୍ଯ୍ୟର ଲକ୍ଷ୍ୟ ହେଉଛି ଖାଦ୍ୟ ଯୋଗାଣ ବୃଦ୍ଧି କରିବା। ଏଥି ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ପରିବେଶ ଅବକ୍ଷୟକୁ ହ୍ରାସ କରିବା ଓ ସମ୍ବଳ ପରିଚାଳନା ବୃଦ୍ଧି କରିବା ଇତ୍ୟାଦି ଏହାର ଅନ୍ୟାନ୍ୟ ଲକ୍ଷ୍ୟମାନ ରହିଛି। ବିକାଶୋନ୍ମୁଖୀ ରାଷ୍ଟ୍ରରେ ଉପଯୁକ୍ତ କୃଷି ଉତ୍ପାଦନ ହାସଲ କରିବାକୁ ହେଲେ, ମହିଳା ମାନଙ୍କର ଜ୍ଞାନ କୌଶଳକୁ ଉପଯୋଗ କରିବାର ଆବଶ୍ୟକତା ରହିଛି। କାରଣ ସେମାନେ ହିଁ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ଦାୟୀ। ଖାଦ୍ୟ ଓ କୃଷି ସଂଗଠନର ଗବେଷଣାରୁ ଏହା ନିଶ୍ଚିତ ଯେ, ବିକାଶୋନ୍ମୁଖୀ ଦେଶ ମାନଙ୍କରେ ମହିଳା ମାନେ ୬୦% ରୁ ୮୦% ଭାଗ ଖାଦ୍ୟ ଉତ୍ପାଦନ କରିଥାଆନ୍ତି। କିନ୍ତୁ ସମଗ୍ର ବିଶ୍ୱରେ ଏହି ପରିମାଣ ହେଉଛି ୫୦%। କିନ୍ତୁ ଉତ୍ପାଦନ ବୃଦ୍ଧି କରିବା ପାଇଁ ଯେଉଁ ତଥ୍ୟ ଓ କୃଷି ସହାୟତା ସେବା ପ୍ରତିଷ୍ଠା କରାଯାଇଛି, ସେଥିରେ ମହିଳା ମାନଙ୍କର ଭାଗ ପୁରୁଷଙ୍କ ଠାରୁ ଯଥେଷ୍ଟ କମ୍। ଖାଦ୍ୟ ଉତ୍ପାଦନକାରୀ ଓ ସମ୍ବଳ ପରିଚାଳକ ଭାବରେ ଯଦି ମହିଳା ମାନଙ୍କୁ ଅଣ ଦେଖା କରାଯାଏ, ତେବେ ଖାଦ୍ୟ ଯୋଗାଣ ଓ ଖାଦ୍ୟ ନିରାପତ୍ତା ବୃଦ୍ଧି କରିବା କଷ୍ଟକର ହୋଇ ପଡ଼ିବ।
- ଗ୍ରାମାଞ୍ଚଳ ମହିଳାଙ୍କ ପାଖରେ ପହଞ୍ଚିବା ପାଇଁ ଉଦ୍ଦିଷ୍ଟ ଥିବା ସଂପ୍ରସାରଣ କାର୍ଯ୍ୟ ଗୁଡ଼ିକର କେତେକ ଦୋଷ ଦୁର୍ବଳତାକୁ ଖାଦ୍ୟ ଓ କୃଷି ସଂଗଠନର ଗବେଷଣା ଚିହ୍ନଟ କରିଛି। ଭୂମି ଭଳି କେତେକ ସମ୍ବଳ ଉପରେ ଖୁବ୍ କମ୍ ସଂଖ୍ୟକ ମହିଳା ମାନଙ୍କର ଅଧିକାର ରହିଥାଏ। ସେମାନେ

କରଜପାଇବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଥାଆନ୍ତି। ଏ କ୍ଷେତ୍ରରେ ସଂପ୍ରସାରଣ କାର୍ଯ୍ୟ ସମସ୍ୟା ସମାଧାନ ପାଇଁ ଉଦ୍ଦିଷ୍ଟ। ମହିଳା ମାନଙ୍କର ସଂପ୍ରସାରଣ ଅଧିକାର ପାଇଁ ଯେଉଁ ଉପାଦାନ ଗୁଡ଼ିକ ପ୍ରତିବନ୍ଧକ ସୃଷ୍ଟି କରନ୍ତି ସେଗୁଡିକ ହେଉଛି- ସାଧାରଣ ଶିକ୍ଷା, ଗମନାଗମନ ଓ ସମୟର ଅଭାବ। ମହିଳା ମାନଙ୍କ ପାଇଁ ସଂପ୍ରସାରଣ ସେବାର ଅଭାବ ସେମାନଙ୍କର କେତେକ ତଥ୍ୟ ଯଥା ମଞ୍ଜି ଓ ବିହନ, ସାର ଓ କୀଟନାଶକ ଔଷଧ ଇତ୍ୟାଦି ଜାଣିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ।

- ୧୯୬୦ ଓ ୧୯୭୦ ଦଶନ୍ଧିରେ ସବୁଜ ବିପ୍ଳବ ସମଗ୍ର ପୃଥିବୀରେ ଖୁବ୍ ସଫଳତା ହାସଲ କରିଥିଲା। ଏହା ଖାଦ୍ୟ ଉତ୍ପାଦନ ଓ ଯୋଗାଣକୁ ଯଥେଷ୍ଟ ବୃଦ୍ଧି କରିଥିଲା। କିନ୍ତୁ ଏହା ଆବଶ୍ୟକତା ଅନୁସାରେ ଖାଦ୍ୟ ସୁରକ୍ଷା, ଆର୍ଥିକ ସୁଯୋଗ ଓ ଗ୍ରାମାଞ୍ଚଳ ଗରିବଙ୍କ ମଧ୍ୟରେ ସର୍ବାଧିକ ଗରିବଙ୍କ ଅବସ୍ଥାରେ ଉନ୍ନତି ଆଣି ପାରି ନଥିଲା। କାରଣ ଲିଙ୍ଗ ଓ ସାଧାରଣ ଶ୍ରେଣୀ ଭିତ୍ତିରେ ଏହା ଭିନ୍ନ ଭିନ୍ନ ପ୍ରଭାବ ପରିଲକ୍ଷିତ ହୋଇଥିଲା। ଗରିବଙ୍କ ଅପେକ୍ଷା ଧନୀ ଓ ମହିଳାଙ୍କ ଅପେକ୍ଷା ପୁରୁଷମାନେ ଅଧିକ ଲାଭାନ୍ୱିତ ହୋଇଥିଲେ। ଅଧିକାଂଶ ରାଷ୍ଟ୍ରରେ ମହିଳାମାନେ କରଜ ପାଇବାରେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। କାରଣ କରଜ ପ୍ରଦାନକାରୀ ଅନୁଷ୍ଠାନ ଗୁଡ଼ିକ ଆବଶ୍ୟକ କରୁଥିବା ବନ୍ଧକ ସେମାନେ ଦେଇପାରନ୍ତି ନାହିଁ। ଆଉ ମଧ୍ୟ ପ୍ରଚଳିତ ଆଇନ ଅନ୍ୟ ଏକ ପ୍ରତିବନ୍ଧକ ଅଟେ। ସାଧାରଣ କୃଷି ଆଇନ୍ ଅଥବା ଉଭୟ ଆଇନ୍ ସ୍ୱାମୀ ମାନଙ୍କ ସମକକ୍ଷ ସମ୍ପତ୍ତି ଅଧିକାର ମହିଳା ମାନଙ୍କୁ ପ୍ରଦାନ କରି ନଥାଏ। ମହିଳାମାନେ ପରିବାରରେ ମୁଖ୍ୟ ଭୂମିକା ନିର୍ବାହ କରୁଥିଲେ ମଧ୍ୟ, ଏହି ଆଇନ୍ ସେମାନଙ୍କୁ ପରିବାରର ମୁଖ୍ୟ ଭାବରେ ସ୍ୱୀକୃତି ପ୍ରଦାନ କରି ନଥାଏ। ଏହି ସବୁ ପ୍ରସଙ୍ଗ ଗୁଡ଼ିକ ମହିଳା ମାନଙ୍କର ବଜାର ଓ ଋଣ ପ୍ରଦାନକାରୀ ସଂସ୍ଥା ମଧ୍ୟକୁ ପ୍ରବେଶ କରିବାର ଅଧିକାରକୁ ସଂକୁଚିତ କରିଥାଏ। ଫଳତଃ ଏହା ସେମାନଙ୍କ ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଥାଏ।

ଲିଙ୍ଗ ଓ ବିକାଶ ବିଜଡ଼ିତ ପ୍ରସଙ୍ଗ

୩.୮. ଲିଙ୍ଗ ମୁଖ୍ୟ ସ୍ରୋତୀକରଣ :

ଲିଙ୍ଗ ଓ ବିକାଶ ପ୍ରସଙ୍ଗରେ ଲିଙ୍ଗ ମୁଖ୍ୟ ସ୍ରୋତୀକରଣ ଏକ ଉତ୍ତମ କୌଶଳ ଓ ଶ୍ରେଷ୍ଠ ଅସ୍ତ୍ର ଭଳି ଜଣାପଡ଼େ। ଏହାକୁ ବେଳେ ବେଳେ ଲିଙ୍ଗ ସଚେତନତାର ପରିପ୍ରକାଶ ବୋଲି କୁହାଯାଏ। ସାଧାରଣ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଓ ପ୍ରତ୍ୟେକ ସ୍ତରରେ ଲିଙ୍ଗ ସଚେତନତା ବୃଦ୍ଧି କରିବା ଏହାର ଲକ୍ଷ୍ୟ। ମିଳିତ ଜାତିସଂଘର ମହିଳା ମାନଙ୍କ ପାଇଁ ୪ର୍ଥ ବିଶ୍ୱ ସମ୍ମିଳନୀ ୧୯୯୫ ମସିହାରେ ବେଜିଂ ଠାରେ ଅନୁଷ୍ଠିତ ହୋଇ ଥିଲା। ଲିଙ୍ଗଗତ ସମାନତା ଅଭିବୃଦ୍ଧି ନିମନ୍ତେ ପ୍ରସ୍ତାବଟିଏ ଏହାର କାଯ୍ୟସୂଚୀରେ ସ୍ଥାନୀତ ହୋଇଥିଲା। ଲିଙ୍ଗ ପ୍ରସଙ୍ଗକୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ଏକ ପ୍ରସ୍ତାବ ଆଗତ

ହୋଇଥିଲା ଓ ଏହାକୁ ଏକ ବିଶ୍ୱସ୍ତରୀୟ କୌଶଳରେ ପରିଣତ କରାଯାଇଥିଲା। ସାମାଜିକ ଓ ଆର୍ଥିକ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ଲିଙ୍ଗ ସମାନତାକୁ ଅଗ୍ରାଧିକାର ଦେବାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ୧୯୯୭ ମସିହା ଜୁଲାଇରେ ମିଳିତ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ପରିଷଦ (Ecosoc) ନିମ୍ନମତେ ଲିଙ୍ଗ ମୁଖ୍ୟ ସ୍ରୋତୀକରଣର ସଂଜ୍ଞା ନିରୂପଣ କରିଥିଲା।

ଲିଙ୍ଗ ପ୍ରସଙ୍ଗରେ ମୁଖ୍ୟ ସ୍ରୋତୀକରଣ ଏକ ପ୍ରକ୍ରିୟା। ଏଥିରେ କୌଣସି ଏକ ଯୋଜନାଭୁକ୍ତ କାର୍ଯ୍ୟକ୍ରମରେ ମହିଳା ଓ ପୁରୁଷ ମାନଙ୍କର ସଂପର୍କକୁ ମୂଲ୍ୟାଙ୍କନ କରାଯାଇଥାଏ। ଯେକୌଣସି କ୍ଷେତ୍ରରେ ବା ସ୍ତରରେ ବ୍ୟବସ୍ଥାପନା ଓ ନୀତି ବା କାର୍ଯ୍ୟକ୍ରମ ଏହି ଯୋଜନାଭୁକ୍ତ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ। ସମସ୍ତ ରାଜନୈତିକ, ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ନୀତି ଓ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି, ଏହାର କାର୍ଯ୍ୟକାରୀତା, ନିୟନ୍ତ୍ରଣ ଓ ମୂଲ୍ୟାୟନ ସମୟରେ ମହିଳା ଓ ପୁରୁଷ ମାନଙ୍କର ପ୍ରସଙ୍ଗ ଓ ଅନୁଭୂତିକୁ ଏହା ଏକ ଅବିଚ୍ଛେଦ୍ୟ ଅଂଶ ଭାବରେ ଗ୍ରହଣ କରିଥାଏ। ଏହା ଦ୍ୱାରା ମହିଳା ଓ ପୁରୁଷ ମାନେ ସମାନ ଲାଭ ପାଇଥାଆନ୍ତି। ତଦ୍ୱାରା ବୈଷମ୍ୟ ସ୍ଥାୟୀ ଭାବରେ ରହେ ନାହିଁ। ଲିଙ୍ଗ ସମାନତା ହାସଲ କରିବା ମୁଖ୍ୟ ସ୍ରୋତୀକରଣର ଅନ୍ତିମ ଲକ୍ଷ୍ୟ।

ପୁରୁଷ ଓ ମହିଳାମାନେ ଅସୁବିଧା ପରିସ୍ଥିତିରେ ନ ରହିବା ଦ୍ୱାରା ଲିଙ୍ଗଭିତ୍ତିକ କାର୍ଯ୍ୟକ୍ରମ ଓ ସକାରାତ୍ମକ ପଦକ୍ଷେପ ମୁଖ୍ୟ ସ୍ରୋତୀକରଣର ଅନ୍ତର୍ଭୁକ୍ତ ହୋଇଥାଆନ୍ତି। ଲିଙ୍ଗ ଭିତ୍ତିକ ହସ୍ତକ୍ଷେପ ନିର୍ଦ୍ଦିଷ୍ଟ ଭାବେ ମହିଳା ବା ନିର୍ଦ୍ଦିଷ୍ଟ ଭାବେ ପୁରୁଷ ଅଥବା ଉଭୟ ପୁରୁଷ ଓ ମହିଳା ମାନଙ୍କୁ ଉନ୍ନତି ପ୍ରକ୍ରିୟାରେ ସାମିଲ କରିଥାଏ ଓ ଉନ୍ନତିର ସୁଫଳ ପାଇବାରେ ସହାୟକ ହୋଇଥାଏ।

'ମହିଳାଙ୍କ ଅଂଶ' ବା 'ଲିଙ୍ଗ ସମାନତା ଅଂଶ'କୁ ପ୍ରଚଳିତ ବିକାଶ କାର୍ଯ୍ୟକ୍ରମ ସହ ଯୋଡ଼ିବାର ପ୍ରକ୍ରିୟାକୁ ମୁଖ୍ୟ ସ୍ରୋତୀକରଣ କୁହାଯାଇ ନଥାଏ। ସାଧାରଣ ଅଂଶ ଗ୍ରହଣ ସହ ଏହା ନିଜକୁ ସୀମିତ ରଖେ ନାହିଁ। ମୁଖ୍ୟ ସ୍ରୋତୀକରଣ ବିକାଶ କାର୍ଯ୍ୟସୂଚୀରେ ଅନୁଭୂତି, ଜ୍ଞାନ, କୌଶଳ ଓ ପୁରୁଷ ମହିଳାଙ୍କ ଆଗ୍ରହକୁ ଯୋଡ଼ିବାକୁ ସୂଚାଏ। ଲିଙ୍ଗ ଅସମାନତା, ସାମାଜିକ ଓ ସାଂଗଠନିକ ଭିତ୍ତିଭୂମିକୁ ଚିହ୍ନିଦା ନିରୂପଣ ଓ ପ୍ରତିବନ୍ଧକ ଦୂରୀକରଣ ମାଧ୍ୟମରେ ଉଭୟ ଲିଙ୍ଗର ସମାନ ଓ ସଠିକ୍ ଭିତ୍ତିଭୂମିର ପରିବର୍ତ୍ତନକୁ ମୁଖ୍ୟ ସ୍ରୋତୀକରଣ କୁହାଯାଏ।

ମିଳିତ ଜାତି ସଂଘର ମହିଳା ବିକାଶ ବିଭାଗର ନିର୍ଦ୍ଦେଶକ କାରୋଲିନ ହନାନ (Carolyn Hannan) ମୁଖ୍ୟସ୍ରୋତୀକରଣର ନିମ୍ନଲିଖିତ ମୌଳିକ ନୀତିଗୁଡ଼ିକ ପ୍ରଦାନ କରିଛନ୍ତି।

- ଲିଙ୍ଗ ନିରପେକ୍ଷତା ବିକାଶ ପ୍ରକଳ୍ପର ଅଗ୍ରଗତିକୁ ନିୟନ୍ତ୍ରଣ କରିବା ପାଇଁ ଯଥେଷ୍ଟ ଉତ୍ତରଦାୟୀ ବ୍ୟବସ୍ଥା।

- ସମସ୍ୟା, ଲିଙ୍ଗ ବିବିଧତାର କ୍ଷେତ୍ର ଓ ଭିନ୍ନତା ଚିହ୍ନଟ।
- ଲିଙ୍ଗ ସମାନତା ନୀତି ଓ କାର୍ଯ୍ୟକ୍ରମର ରୂପରେଖ ଓ କାର୍ଯ୍ୟକାରିତାର ଦିଗ ନିର୍ଦ୍ଧାରଣ।
- ନିରବଚ୍ଛିନ୍ନ ଲିଙ୍ଗ ବିଶ୍ଳେଷଣର କାର୍ଯ୍ୟକାରିତା।
- ସ୍ୱଚ୍ଛ ରାଜନୈତିକ ଇଚ୍ଛାଶକ୍ତି ଓ ମୁଖ୍ୟ ସ୍ରୋତୀକରଣ ପାଇଁ ଯଥେଷ୍ଟ ସମ୍ବଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା। ମୁଖ୍ୟସ୍ରୋତୀକରଣ ପ୍ରସଙ୍ଗକୁ କାର୍ଯ୍ୟକ୍ରମରେ ପରିଣତ କରିବା ପାଇଁ ଅଧିକ ଲୋକଶକ୍ତି ନିଯୁକ୍ତି ଓ ଯଥେଷ୍ଟ ଅର୍ଥ ବିନିଯୋଗ କରିବା।
- ନୀତି ନିର୍ଦ୍ଧାରଣର ପ୍ରତ୍ୟେକ ସ୍ତରରେ ମହିଳା ମାନଙ୍କର ଯଥୋଚିତ ଅଂଶ ଗ୍ରହଣକୁ ପ୍ରସାରିତ କରିବା ପାଇଁ ଉଦ୍ୟମ।
- ମହିଳା ଭିତ୍ତିକ ନୀତି ଓ କାର୍ଯ୍ୟକ୍ରମ ତଥା ସକାରାତ୍ମକ ଆଇନ୍ ପ୍ରଣୟନକୁ ମୁଖ୍ୟ ସ୍ରୋତୀକରଣରେ ପରିବର୍ତ୍ତନ କରିବା ଅନାବଶ୍ୟକ।

୩.୯. ଲିଙ୍ଗ ଅଟକଳ

ଲିଙ୍ଗ ଅଟକଳ ପ୍ରସଙ୍ଗ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ, ଅଟକଳ କ'ଣ ଏହା ଆମକୁ ଜାଣିବାକୁ ହେବ। ଅଟକଳ ସାଧାରଣ ଭାବେ ଗୋଟିଏ ବାର୍ଷିକ ଆୟ ବ୍ୟୟର ବିବରଣୀ ନୁହେଁ। ଏହା ରାଷ୍ଟ୍ରର କର୍ତ୍ତବ୍ୟବୋଧତା ବା ରାଷ୍ଟ୍ରର ଆନୁଗତ୍ୟତା ପୂରଣ କରିବାର ଏକ ମାଧ୍ୟମ। ସମ୍ବଳ ବଣ୍ଟନ କ୍ଷେତ୍ରରେ ଏହା ସରକାରଙ୍କ ଦ୍ୱାରା ପ୍ରାଥମିକତା ପ୍ରଦାନ କରାଯାଉଥିବା ଏକ ରାଜନୈତିକ ପ୍ରଚେଷ୍ଟା।

ଲିଙ୍ଗ ଅଟକଳ ମହିଳା ମାନଙ୍କ ପାଇଁ ଏକ ଭିନ୍ନ ଅଟକଳ ନୁହେଁ। ଏହା ଲିଙ୍ଗ ଦୃଷ୍ଟି କୋଣରୁ ସାଧାରଣ ସରକାରୀ ଅଟକଳର ବିଶ୍ଳେଷଣ ଅଟେ। ଏହା ବ୍ୟୟ ବରାଦର ଏକ ବିଶ୍ଳେଷଣ ମହିଳା ଓ ପୁରୁଷ ମାନଙ୍କ ଉପରେ ଏହାର ପ୍ରଭାବ ଉପରେ ଏହା ଆଲୋକପାତ କରିଥାଏ। ସରକାରଙ୍କର ଲିଙ୍ଗ ସମାନତାର ପ୍ରତିଶ୍ରୁତି ପ୍ରକୃତରେ ଅଟକଳ ପ୍ରତିଶ୍ରୁତିରେ ପରିଣତ ହୋଇଛି କି ନାହିଁ, ତାହା ପରୀକ୍ଷା କରିବାକୁ ମହିଳା ଅଟକଳ ଏକ ମାଧ୍ୟମ ଅଟେ। ଯଥେଷ୍ଟ ପରିମାଣର ସମ୍ବଳ ବ୍ୟବସ୍ଥା ବିନା ଲିଙ୍ଗଗତ ସମାନତାର ପ୍ରତିଶ୍ରୁତିକୁ ବାସ୍ତବ ରୂପ ଦିଆଯାଇ ପାରିବ ନାହିଁ। ଲିଙ୍ଗ ମୁଖ୍ୟ ସ୍ରୋତୀକରଣ ପାଇଁ ଏହି ଅଟକଳ ଏକ ମାଧ୍ୟମ ଅଟେ। କାରଣ ସମସ୍ତ ସରକାରୀ କାର୍ଯ୍ୟରେ ସମ୍ବଳ ବଣ୍ଟନ ଓ ନୀତି ମଧ୍ୟରେ ଏହା ଯୋଗସୂତ୍ର ରକ୍ଷା କରିଥାଏ। ଅଟକଳ ଲିଙ୍ଗ ନିରପେକ୍ଷତା ନୁହେଁ। ଅଟକଳ ଗୋଟିଏ ପକ୍ଷରେ ମହିଳାମାନଙ୍କ ସମାନତାକୁ ବୃଦ୍ଧି କରିପାରେ ବା ଅନ୍ୟ ପକ୍ଷରେ ମହିଳାଙ୍କ ଅସମାନତା ସମସ୍ୟାକୁ ଜଟିଳ କରିପାରେ। ଏହା ମଧ୍ୟ ରୋଜଗାରର ପାର୍ଥକ୍ୟକୁ ବୃଦ୍ଧି କରିପାରେ କିମ୍ବା ପୁରୁଷ ଓ ମହିଳା ମାନଙ୍କ

ମଧ୍ୟରେ ଅନ୍ୟ ପ୍ରକାର ଅସମାନତା ବୃଦ୍ଧି କିମ୍ବା ହ୍ରାସ କରିପାରେ। ସରକାରଙ୍କ ପାଖରେ ଥିବା ସବୁ କାଗଜାଦି ମଧ୍ୟରେ 'ଅଟକଳ' ସବୁଠୁ ପ୍ରଭାବଶାଳୀ ଯୋଜନା ପ୍ରମାଣ ପତ୍ର। କାରଣ ଅର୍ଥବିନା ଗୋଟିଏ ସରକାର ତାର ଅଧିକାଂଶ ନୀତି ଓ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରି ପାରିବ ନାହିଁ। ଅତଏବ ଲିଙ୍ଗ ଅଟକଳ କେବଳ ବ୍ୟୟ ବରାଦ ନୁହଁ। ଏହା ମଧ୍ୟ ସରକାରଙ୍କ ରାଜସ୍ୱକୁ ପରୀକ୍ଷା ନିରୀକ୍ଷା କରିଥାଏ। ସରକାର ଖର୍ଚ୍ଚ କରୁଥିବା ଅର୍ଥକୁ କିପରି ପାଇଥାଏ ଓ ପୁରୁଷ ଓ ମହିଳା ମାନଙ୍କ ଉପରେ ଏହାର ପ୍ରଭାବକୁ ମଧ୍ୟ ପରୀକ୍ଷା କରିଥାଏ। ତେଣୁ ଲିଙ୍ଗ ଅଟକଳ ଏକ ଲିଙ୍ଗ ନିରପେକ୍ଷ ପରିବେଶ ସୃଷ୍ଟି ନିମନ୍ତେ ସରକାରଙ୍କ ପ୍ରତିଶ୍ରୁତି, ପ୍ରାଥମିକତା ଓ ନୀତିକୁ ପ୍ରତିଫଳିତ କରିଥାଏ।

ଲିଙ୍ଗ ଅଟକଳ ନିମ୍ନ ଲିଖିତ କାରଣ ପାଇଁ ଆବଶ୍ୟକ ହୋଇଥାଏ।

- ସଚେତନତା ସୃଷ୍ଟି, ପକ୍ଷ ସମର୍ଥନ ଓ ପ୍ରଶିକ୍ଷଣ।
- ଯୋଜନା, ପର୍ଯ୍ୟବେକ୍ଷଣ ଓ ଦାୟିତ୍ୱ ବୋଧତା ସୃଷ୍ଟି କରିବା।
- ଦକ୍ଷତା, ନିପୁଣତା ଓ ସ୍ୱଚ୍ଛତା ପ୍ରଦର୍ଶନ।
- ଲିଙ୍ଗ ସମାନତା ଓ ବିକାଶ।
- ଲିଙ୍ଗ ସମାନତା ପାଇଁ ରାଷ୍ଟ୍ରର ପ୍ରତିଶୃତି ଓ ପଦକ୍ଷେପକୁ ପରୀକ୍ଷା କରିବା।
- ପୁରୁଷ ଓ ମହିଳା ମାନଙ୍କ ପାଇଁ ଖର୍ଚ୍ଚ ଓ ସମ୍ବଳ ସୃଷ୍ଟିକୁ ନିୟନ୍ତ୍ରଣ ଓ ମୂଲ୍ୟାୟନ କରିବା।
- ମହିଳା ମାନଙ୍କ ପାଇଁ ବ୍ୟୟ ବରାଦ ବୃଦ୍ଧି କରିବା।
- ଲିଙ୍ଗ ନିରପେକ୍ଷତା ପାଇଁ ପ୍ରଦାନ କରାଯାଉଥିବା ସେବାରୁ ପୁରୁଷ ଓ ମହିଳାମାନେ କିପରି ଉପକୃତ ହେଉଛନ୍ତି, ତାକୁ ପରୀକ୍ଷା କରିବା ଓ ଏହାକୁ ପ୍ରଭାବିତ କରୁଥିବା ପ୍ରତିବନ୍ଧକଗୁଡ଼ିକୁ ଚିହ୍ନଟ କରିବା।
- ଲିଙ୍ଗାନୁସାରେ ବିଭିନ୍ନ ଆବଶ୍ୟକତାକୁ ଲୋକଲୋଚନକୁ ଆଣିବା।
- ଯୋଜନା, ନୀତି ନିର୍ଦ୍ଧାରଣ ଓ ବିକାଶ ସହିତ ଲିଙ୍ଗ ପ୍ରସଙ୍ଗକୁ ଯୋଡ଼ିବା।

ମହିଳା ଓ ପୁରୁଷ ମାନଙ୍କ ଉପରେ ଅଟକଳର ଭିନ୍ନ ଭିନ୍ନ ପ୍ରଭାବ ପଡ଼ିଥାଏ। ଏହା ଆର୍ଥିକ ପ୍ରସଙ୍ଗ ଯଥା- ଉଦ୍‌ବୃତ୍ତ ବା ନିଅଣ୍ଟିଆ ବ୍ୟୟ ଓ ଆୟ ସହିତ ଜଡ଼ିତ। କିନ୍ତୁ ପୁରୁଷ ଓ ମହିଳାମାନେ ଏହାଦ୍ୱାରା ବିଭିନ୍ନ ଭାବରେ ପ୍ରଭାବିତ ହୋଇ ଥାଆନ୍ତି। ସାଧାରଣ ନୀତିର ପ୍ରତ୍ୟେକ କ୍ଷେତ୍ରରେ ମହିଳା ମାନଙ୍କ ପ୍ରସଙ୍ଗକୁ ସଂଶ୍ଳିଷ୍ଟ କରିବା ପାଇଁ ନୀତି ନିର୍ଦ୍ଧାରକ ମାନଙ୍କୁ ଅବଗତ ଓ ସଚେତନ କରାଯିବା ଦରକାର। ଅର୍ଥନୀତିର ପ୍ରତିନିଧି ହିସାବରେ ମହିଳା ମାନଙ୍କୁ ଯୋଡ଼ିବା ଦରକାର। ମହିଳା ମାନଙ୍କର ବ୍ୟକ୍ତିଗତ

ମାନବିକ ଅଧିକାର ରହିଛି। କିନ୍ତୁ ପରିବାରର ଏକ ଅଂଶ ହିସାବରେ ସେମାନଙ୍କର କୌଣସି ଅଧିକାର ନାହିଁ।

୩.୯.୧. ଲିଙ୍ଗ ଅଟକଳ ପ୍ରସ୍ତୁତି ପ୍ରକ୍ରିୟା

ଲିଙ୍ଗ ଅଟକଳର ବିଶ୍ଳେଷଣ ଓ ପରିଚାଳନା କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଉପାୟ ନାହିଁ। ଏଠାରେ ସଂଶ୍ଳିଷ୍ଟ ଅଂଶଗ୍ରହଣକାରୀ, ଗୋଷ୍ଠୀଗତ ସ୍ୱାର୍ଥ, ସୁବିଦା ସୁଯୋଗ ଓ ତଥ୍ୟ ପାଇବାର ସୁବିଧା ସୁଯୋଗ ଉପରେ ନିର୍ଭର କରେ। ଏହା ରାଷ୍ଟ୍ରର ସାଧାରଣ ଅଟକଳ କିମ୍ବା ସ୍ୱାସ୍ଥ୍ୟ, ଶିକ୍ଷା ଭଳି ଏକ ନିର୍ଦ୍ଦିଷ୍ଟ ବିଭାଗ ଅଥବା କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଯୋଜନା ଉପରେ ପର୍ଯ୍ୟବସିତ ହୋଇପାରିବ।

୩.୯.୨. ଲିଙ୍ଗ ଅଟକଳ ପାଇଁ ଆବଶ୍ୟକତା

ଲିଙ୍ଗ ଅଟକଳର ଆବଶ୍ୟକତା ଗୁଡ଼ିକ ବିଭିନ୍ନ ସୂତ୍ରରୁ ଆସିଥାଏ। ସେଗୁଡ଼ିକ ହେଲା-

- ମହିଳା ମାନଙ୍କର ଆର୍ଥିକ ସମାନତା ବୃଦ୍ଧି ଲିଙ୍ଗ ଅଟକଳ ପ୍ରସ୍ତୁତି ଉଦ୍ୟମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ଅତଏବ ଲିଙ୍ଗ ଅଟକଳ କହିଲେ ସରଳ ଭାବେ ଏହା ମହିଳା ମାନଙ୍କର ସମାନତାକୁ ବୁଝାଇ ନଥାଏ।
- ଲିଙ୍ଗ ଅଟକଳ ମଧ୍ୟ ସରକାରୀ ଅଟକଳର ଦକ୍ଷତା, ନିପୁଣତା ଓ ସ୍ୱଚ୍ଛତା ବୃଦ୍ଧି କରି ପାରିବ।
- ସରକାର ଯାହା କରୁଛି ବୋଲି କହେ ଓ ସରକାରୀ ନୀତିର ପ୍ରକୃତ ପ୍ରଭାବ ମଧ୍ୟରେ ଥିବା ପାର୍ଥକ୍ୟକୁ ଲିଙ୍ଗ ଅଟକଳ ଉନ୍ମୋଚନ କରିପାରେ।
- ଲିଙ୍ଗ ଅଟକଳ ମଧ୍ୟ ଅଟକଳର ପ୍ରାଥମିକତାକୁ ଉଦ୍‌ଘାଟନ କରିଥାଏ।
- ମହିଳା ମାନଙ୍କ ବିରୁଦ୍ଧରେ ସମସ୍ତ ପକ୍ଷପାତିତା ଉଚ୍ଛେଦ ନିମନ୍ତେ ଆୟୋଜିତ ସମ୍ମିଳନୀ (CEDAW) ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବେଜିଂ ଘୋଷଣାନାମାରେ ହୋଇଥିବା ଆନ୍ତର୍ଜାତୀୟ ମାନବିକ ଅଧିକାର ଚୁକ୍ତିର କାର୍ଯ୍ୟକାରିତା ପାଇଁ ଲିଙ୍ଗ ଅଟକଳ ସରକାରଙ୍କୁ ଏକ ବାସ୍ତବ ମାର୍ଗ ପ୍ରଦର୍ଶନ କରିଥାଏ। ନୀତି ଓ କାର୍ଯ୍ୟକ୍ରମ ସଂପର୍କରେ ଯେଉଁ ଅଟକଳ ଆକଳନ ନିଷ୍ପତ୍ତି ନିଆଯାଏ, ସେଥିରେ ଲିଙ୍ଗ ପ୍ରସଙ୍ଗକୁ ଯୋଡ଼ିବାର ଆବଶ୍ୟକତା ରହିଥାଏ। ଏହାବାଦ୍ ମହିଳା ଓ ପୁରୁଷ ମାନଙ୍କ ମଧ୍ୟରେ ସମାନତା ରକ୍ଷା କରିବା ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ସକାଶେ ଯଥେଷ୍ଟ ଆର୍ଥିକ ବ୍ୟବସ୍ଥାର ଆବଶ୍ୟକତା ରହିଥାଏ।

୩.୯.୩. ଲିଙ୍ଗ ଅଟକଳରେ ମୁଖ୍ୟ କାର୍ଯ୍ୟକର୍ତ୍ତା

ଲିଙ୍ଗ ଅଟକଳ କାର୍ଯ୍ୟରେ ଉଭୟ ସରକାର ଭିତରେ ଓ ବାହାରେ ଥିବା ଲୋକମାନେ ସଂଶ୍ଳିଷ୍ଟ ହେବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସରକାର ଭିତରେ ଥିବା ଲୋକମାନେ ଅଟକଳ ପ୍ରକ୍ରିୟାରେ ଲିଙ୍ଗ ବିଶ୍ଳେଷଣ

ନୀତିକୁ କାର୍ଯ୍ୟକାରୀ କରିବା ପାଇଁ କାମ କରିପାରିବେ। ଠିକ୍ ସେତିକିବେଳେ ଅନ୍ୟାନ୍ୟ ଗୋଷ୍ଠୀର ସକ୍ରିୟ ସଦସ୍ୟମାନେ ଲିଙ୍ଗ ସମାନତାର ଗୁରୁତ୍ୱ ଓ ଉପକାରିତାକୁ ବିଚାରକୁ ନେବା ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ପାରିବେ। ସାଧାରଣ ସାମଜର ସଦସ୍ୟ ମାନେ ମଧ୍ୟ ସେମାନଙ୍କୁ ଅଧିକରୁ ଅଧିକ ତଥ୍ୟ ପ୍ରଦାନ କରିବାକୁ ସରକାରଙ୍କୁ ଉତ୍ସାହିତ କରି ପାରିବେ। ଅଧିକରୁ ଅଧିକ ଲୋକଙ୍କୁ ଅଟକଳ ପ୍ରକ୍ରିୟାରେ ସାମିଲ କରିବା ଲିଙ୍ଗ ଅଟକଳର ଏକ ବଡ଼ ସଫଳତା। ଅନ୍ୟ ଅର୍ଥରେ କହିବାକୁ ଗଲେ ଏହା ଗଣତନ୍ତ୍ରକୁ ସମୃଦ୍ଧ କରିଥାଏ। ଅଟକଳ ସବୁ ଲୋକଙ୍କୁ ପ୍ରଭାବିତ କରେ। ତେଣୁ କେବଳ ସରକାର ଭିତରେ ଥିବା ଲୋକ ନୁହନ୍ତି, ପରନ୍ତୁ ପ୍ରତ୍ୟେକ ଲୋକ ଅଟକଳ ପ୍ରସ୍ତୁତିରେ ଅଂଶ ଗ୍ରହଣ କରିବାରେ ସକ୍ଷମ ହୋଇଥାନ୍ତି।

ଲିଙ୍ଗ ଅଟକଳ ପାଇଁ ନୀତି ନିର୍ଦ୍ଧାରଣରେ ସରକାର ଓ ନୀତି ନିର୍ଦ୍ଧାରକ ମାନେ ହେଉଛନ୍ତି ଦୁଇ ପ୍ରମୁଖ କାର୍ଯ୍ୟକର୍ତ୍ତା। ଏହି ନୀତି ଗୁଡ଼ିକୁ କାର୍ଯ୍ୟକାରୀ କରିବା, ଏହି କାର୍ଯ୍ୟକ୍ରମକୁ ଅଧିକ ଫଳପ୍ରଦ ଓ କ୍ରିୟାଶୀଳ କରିବା ପାଇଁ ପରାମର୍ଶ ଦେବା ହେଉଛି ବେସରକାରୀ ସଂଗଠନ, ଅର୍ଥ ପ୍ରଦାନକାରୀ ସଂସ୍ଥା, ଉନ୍ନୟନ ସଂସ୍ଥା, ଗବେଷକ, ସାଂସଦ, ସାଧାରଣ ସମାଜ ଓ ଗୋଷ୍ଠୀ ମାନଙ୍କର ପ୍ରମୁଖ ସଂଯୋଜିତ କାର୍ଯ୍ୟ।

ଆତ୍ମ ପରୀକ୍ଷଣ ପ୍ରଶ୍ନ 'ଗ'

ଟିପ୍‌ପଣି-(କ) ଉତ୍ତର ପାଇଁ ପ୍ରଦତ୍ତ ଖାଲି ସ୍ଥାନରେ ଉତ୍ତର ଲେଖନ୍ତୁ।

(ଖ) ଏହି ପ୍ରଶ୍ନ ଗୁଡ଼ିକ ସମ୍ଭାବ୍ୟ ଉତ୍ତର ପାଇଁ ଏକକର ଶେଷରେ ଦିଆଯାଇଥିବା ଉତ୍ତରମାଳାକୁ ଯାଆନ୍ତୁ।

୧. ବିକାଶରେ ମହିଳା ଏବଂ ଲିଙ୍ଗ ଓ ବିକାଶ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।

ଉତ୍ତର-

୨. ମହିଳା ମାନଙ୍କର ବିକାଶ କରିବାରେ ଏକାଦଶ ପଞ୍ଚବାର୍ଷିକ ଯୋଜନା କିପରି ସହାୟକ ହୋଇଛି ?

ଉତ୍ତର -

୩. ଲିଙ୍ଗ ବିକାଶ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଗୁଡ଼ିକ କ'ଣ ?

ଉତ୍ତର –

---

୪. ଲିଙ୍ଗ ମୁଖ୍ୟ ସ୍ରୋତୀକରଣ ବର୍ଣ୍ଣନା କର।

ଉତ୍ତର –

୫. ଲିଙ୍ଗ

ଅଟକଳ ବର୍ଣ୍ଣନା କର।

ଉତ୍ତର –

୩.୧୦. ଏକତ୍ରୀ କରଣ:

ଏହି ଏକକରେ ଆମେ ବିକାଶ ସଂପର୍କିତ ଅନେକ ପ୍ରସଙ୍ଗ ଉପରେ ଅଲୋଚନା କଲେ। ମଣିଷ ହେଉଛି ସମସ୍ତ ପ୍ରକାର ବିକାଶର କେନ୍ଦ୍ରବିନ୍ଦୁ। ଯଦି ଆମକୁ ବିକାଶକୁ ଋଲୁ ରଖିବାକୁ ହେବ, ତେବେ ଆମେ କିପରି ଲିଙ୍ଗ ପ୍ରସଙ୍ଗକୁ ଅବହେଳା କରିବା ? ଏହି ଏକକରେ ଆମେ ମହିଳା ମାନଙ୍କ ଉପରେ ବିକାଶର ପ୍ରଭାବ, ମହିଳା ମାନେ ବିକାଶର ଏକ କ୍ଷେତ୍ର ଓ ମହିଳା ମାନଙ୍କର ବିକାଶର ବିଭିନ୍ନ ଦିଗ ଉପରେ ଆଲୋକପାତ କଲେ।

ଉଭୟ ସାଧାରଣ ଓ ଭାରତ ପରିପ୍ରେକ୍ଷୀରେ ବିକାଶରେ ଲିଙ୍ଗ ପ୍ରସଙ୍ଗ ଓ ମହିଳା ମାନଙ୍କ ସ୍ଥାନ ବିଷୟରେ ଆମେ ଏହି ଏକକର ବିଭିନ୍ନ ବିଭାଗରେ ଆଲୋଚନା କଲେ। ଲିଙ୍ଗ ସଶକ୍ତିକରଣ ତତ୍ତ୍ୱ ନିଷ୍ପତ୍ତି ନିର୍ଦ୍ଧାରଣ କରିବା କ୍ଷେତ୍ରରେ କିପରି ମହିଳା ମାନଙ୍କର ଅଂଶ ଗ୍ରହଣକୁ ସଫଳତାର ଋବିକାଠି ହିସାବରେ ଚିହ୍ନଟ କରିଥାଏ, ତାହା ମଧ୍ୟ ଆମେ ଦେଖିଲେ। ମହିଳା ମାନଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା ଓ ଆତ୍ମ ବିଶ୍ୱାସ ବୃଦ୍ଧି କରିବା ଏହାର ଅନ୍ତିମ ଲକ୍ଷ୍ୟ। ଏହାଦ୍ୱାରା ମହିଳାମାନେ ସମାଜରେ ସକ୍ରିୟ ଭୂମିକା ନିର୍ବାହ କରି ପାରିବେ। ଲିଙ୍ଗକୁ ବିକାଶ ପ୍ରକ୍ରିୟାରେ ଯୋଡ଼ିବା ଦ୍ୱାରା ଏହା ଜଣା ପଡ଼ିଥାଏ ଯେ,

ସାମାଜିକ ସ୍ଥିତି, ବର୍ଣ୍ଣ, ଶ୍ରେଣୀ ଓ ଔପନିବେଶିକ ଇତିହାସ ଅନୁସାରେ ମହିଳା ଓ ପୁରୁଷ ମାନଙ୍କର ଭିନ୍ନ ଭିନ୍ନ ବିକାଶ ସାଧିତ ହୋଇଥାଏ।

ସମ୍ବଳ ଉପରେ ମହିଳାମାନଙ୍କର ଅଧିକ ଅଧିକାର ଓ ନିୟନ୍ତ୍ରଣ କଥାଟିକୁ ସୁନିଶ୍ଚିତ କରିବା ପାଇଁ ଗଠନପ୍ରଣାଳୀ ଓ ପରିସ୍ଥିତିକୁ ବିଭିନ୍ନ ସ୍ତରରେ ପର୍ଯ୍ୟାଲୋଚନା କରାଯିବାର ଆବଶ୍ୟକତା ରହିଛି। ଅଧିକନ୍ତୁ, ଲିଙ୍ଗଭିତ୍ତିକ ବିକାଶ ସାଂପ୍ରତିକ ଅସମାନତାକୁ ପ୍ରଭାବିତ କରୁଥିବା ଲିଙ୍ଗ ସଂପର୍କ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ମହିଳା ମାନଙ୍କ ବିକାଶ କହିଲେ ସାଂପ୍ରତିକ ସାଂଗଠନିକ ଅସମାନତାକୁ ପ୍ରତିହତ କରିବାକୁ ସେମାନଙ୍କ କ୍ଷମତାକୁ ବୁଝାଏ। 'ବିକାଶରେ ଲିଙ୍ଗ' ହେଉଛି ଏକ ତତ୍ତ୍ୱ ଯାହା ମହିଳା ମାନଙ୍କ ସ୍ଥିତିରେ ଉନ୍ନତି ପାଇଁ ଉଦ୍ଦିଷ୍ଟ। ଏହା ସକାରାତ୍ମକ ପଦକ୍ଷେପ ମାଧ୍ୟମରେ ମହିଳା ମାନଙ୍କର ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ପ୍ରୟାସ କରିଥାଏ। ଏହି ଏକକରେ ଆମେ ଲିଙ୍ଗ ବିକାଶର ବିଭିନ୍ନ କ୍ଷେତ୍ର ବିଷୟରେ ଆଲୋଚନା କରିଛନ୍ତି। ଆମେ ମଧ୍ୟ ଏଥିରେ ଲିଙ୍ଗ ବିକାଶ ନୀତିର ବିଭିନ୍ନ ପ୍ରତିବନ୍ଧକ ବିଷୟରେ ଆଲୋଚନା କରିଛନ୍ତି।

୩.୧୧. ପ୍ରମୁଖ ଶବ୍ଦ

- ଲିଙ୍ଗ ମୁଖ୍ୟ ସ୍ରୋତୀକରଣ: ଲିଙ୍ଗ ମୁଖ୍ୟ ସ୍ରୋତୀକରଣ ଲିଙ୍ଗ ଓ ବିକାଶ ପ୍ରସଙ୍ଗ (GAD) ର ମୁଖ୍ୟ କୌଶଳ ଓ ଶ୍ରେଷ୍ଠ ମାଧ୍ୟମ। ଏହାକୁ ବେଳେ ବେଳେ ଲିଙ୍ଗ ସଚେତନତାର ପରିପ୍ରକାଶ ବୋଲି କୁହାଯାଇଥାଏ। ସାଧାରଣ ଜୀବନର ପ୍ରତ୍ୟେକ କ୍ଷେତ୍ର ଓ ସ୍ତରରେ ଲିଙ୍ଗ ସଚେତନତା ସୃଷ୍ଟି କରିବା ଏହାର ଲକ୍ଷ୍ୟ। ୧୯୯୫ ମସିହାରେ ବେଜିଂ ଠାରେ ଅନୁଷ୍ଠିତ ମିଳିତ ଜାତିସଂଘର ଚତୁର୍ଥ ବିଶ୍ୱ ସମ୍ମିଳନୀରେ ଲିଙ୍ଗ ପ୍ରସଙ୍ଗକୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପ୍ରସ୍ତାବକୁ ଗ୍ରହଣ କରିଥିଲା। ଏହାବାଦ୍ ଲିଙ୍ଗ ସମାନତା ବୃଦ୍ଧି କରିବା ପାଇଁ ଏହାକୁ ଏକ ବିଶ୍ୱ ସ୍ତରୀୟ କୌଶଳ ରୂପେ ଗ୍ରହଣ କରିବା ସହ ଏହାକୁ ତାର କାର୍ଯ୍ୟ ସୂଚୀରେ ସ୍ଥାନିତ କରିଥିଲେ।
- ଲିଙ୍ଗ ଅଟକଳ : ମହିଳା ମାନଙ୍କ ପାଇଁ ଏକ ପୃଥକ ଅଟକଳକୁ ଲିଙ୍ଗ ଅଟକଳ କୁହାଯାଏ ନାହିଁ। ଏହା ସରକାରଙ୍କ ସାଧାରଣ ଅଟକଳର ଲିଙ୍ଗଭିତ୍ତିକ ବିଶ୍ଳେଷଣ ଅଟେ। ଏହା ବିଭିନ୍ନ ବ୍ୟୟ ବରାଦର ବିଶ୍ଳେଷଣ ସହ ମହିଳା ଓ ପୁରୁଷ ମାନଙ୍କ ଉପରେ ଏହାର ପ୍ରଭାବ ବିଷୟରେ ଆଲୋଚନା କରିଥାଏ। ସରକାରଙ୍କର ଲିଙ୍ଗ ସମାନତାର ପ୍ରତିଶୃତି ଅଟକଳ ପ୍ରତିଶୃତିରେ ପ୍ରତିଫଳିତ ହୋଇଛି କି ନାହିଁ, ଏହାକୁ ଜାଣିବା ପାଇଁ ମହିଳା ଅଟକଳ ଏକ ମାଧ୍ୟମ ଅଟେ। ଯଥେଷ୍ଟ ପରିମାଣର ସମ୍ବଳ ବରାଦ ବିନା, ଲିଙ୍ଗ ସମାନତାର ପ୍ରତିଶୃତି କାର୍ଯ୍ୟକାରୀ କରିବା ସମ୍ଭବପର ନୁହଁ। ଲିଙ୍ଗ ମୁଖ୍ୟସ୍ରୋତୀକରଣ ପାଇଁ ଏହି

ଅଟକଳ ଏକ ମାଧ୍ୟମ ଅଟେ। କାରଣ ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ସମ୍ବଳ ବଣ୍ଟନ ଓ ନୀତି ମଧ୍ୟରେ ଏହି ପ୍ରକ୍ରିୟା ଦୃଢ଼ ସଂଯୋଗ ସ୍ଥାପନ କରିଥାଏ।

୩.୧୨. ସହାୟକ ଗ୍ରନ୍ଥସୂଚୀ :

୧. କବୀର ନାଲିଆ (୧୯୯୫) Reversed Realities: Gender Hierarchils in Development thought, Kali and Women: New Delhi.

୨. କ୍ରିଷ୍ଣରାଜ, ମୈତ୍ରେୟୀ (୧୯୯୩) 'New Economic policy and Development of Women: Issues and Implicational. In IAWS (ed). The New Economic policy and women: A collection of Back ground papers to sixth National conference IAWS Mumbai.'

୩. ମୋଜର, ସି (୧୯୯୩) "Gender planning and Development: Theory, practice and Training."

୪. ସ୍ତ୍ରିଜ୍ ଭର୍ ୟସ, ଜୋକ୍ (୧୯୯୩) The violence of Development: A choice for Intellectuabls-Kali for women : New Delhi.

୫. ସେଠ, ମୀରା ୨୦୦୧: Women and Development: Indian Experience, sage publication : New Delhi.

୬. ଟିମ୍ ଆଲେନ୍ ଆଣ୍ଡ ଆଲାନ୍ ଥୋମାସ (eds) (୧୯୯୦) Poverty and development: Oxford university press: Oxford.

୭. ବିଶ୍ୱନାଥନ୍ ଏନ୍ etal, "The women, Gender and Development."

୩.୧୩. ଆତ୍ମପରୀକ୍ଷଣ ପ୍ରଶ୍ନର ଉତ୍ତରମାଳା: (Check your progress)

ଆତ୍ମ ପରୀକ୍ଷଣ ପ୍ରଶ୍ନ 'କ' ର ଉତ୍ତର (Check you progress-I)

୧. ଉତ୍ପାଦିକା କାର୍ଯ୍ୟ

ସାମାଜିକ କାର୍ଯ୍ୟ

ପ୍ରଜନନ କାର୍ଯ୍ୟ

୨. ଲିଙ୍ଗ ଅସମାନତା ନିରୂପଣ

ମହିଳା ମାନଙ୍କ ପାଇଁ ମିଶ୍ରିତ ଲାଭ

ଦ୍ୱୈତ ଦାୟିତ୍ୱ ନିରୂପଣ

ଲିଙ୍ଗ ଭୂମିକାର ଗତାନୁଗତିକ ଅଭିବୃଦ୍ଧି

ପାରମ୍ପରିକ ଅର୍ଥ ନୀତିରେ ମହିଳାଙ୍କ ଭୂମିକାର ଅବକ୍ଷୟ

ପରିବାରର ନାରୀକରଣ

ଭିନ୍ନ ଭିନ୍ନ ଶିକ୍ଷା ସୁବିଧା

ପରିବେଶ ଅବକ୍ଷୟ ଓ ମହିଳାଙ୍କ ଦୁର୍ଦ୍ଦଶା ବୃଦ୍ଧି

ନୂତନ ବୈଷୟିକ ଜ୍ଞାନ ଓ ମହିଳାଙ୍କ କଠିନ କାର୍ଯ୍ୟ ବୃଦ୍ଧି।

ଆତ୍ମ ପରୀକ୍ଷଣ ପ୍ରଶ୍ନ 'ଖ' ର ଉତ୍ତର

୧. ଏକଦା ମହିଳା ମାନଙ୍କୁ ପରାଧୀନ ଓ ଗୃହକର୍ତ୍ତା ବୋଲି କୁହାଯାଉଥିଲା। କିନ୍ତୁ ସେମାନେ ଏବେ ତିନୋଟି ମୌଳିକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହାକୁ ବିକାଶ ପ୍ରକ୍ରିୟାରେ 'ତ୍ରୟୀ' କୁହାଯାଏ। ପ୍ରଥମତଃ, ମହିଳାମାନେ ପ୍ରଜନନ କାର୍ଯ୍ୟ ସଂପାଦନ କରନ୍ତି। ଏଥିରେ ସେମାନେ ସନ୍ତାନ ଜନ୍ମ ସହିତ ସେମାନଙ୍କର ଲାଳନ ପାଳନ କରିଥାଆନ୍ତି। ଦ୍ୱିତୀୟତଃ, ତୃତୀୟ ବିଶ୍ୱରେ ସ୍ୱଳ୍ପ ରୋଜଗାରକ୍ଷମ ପରିବାରରେ ମହିଳା ମାନେ ଉତ୍ପାଦନ ଭିତ୍ତିକ କାର୍ଯ୍ୟରେ ବିନିଯୋଗ ହୋଇ ଥାଆନ୍ତି। ଏହି କାର୍ଯ୍ୟ ଯୋଗୁଁ ସେମାନେ କିଛି ଅର୍ଥ ବା ମଜୁରୀ ରୋଜଗାର କରି ଥାଆନ୍ତି। ଗ୍ରାମାଞ୍ଚଳରେ ଏହା କୃଷି କାର୍ଯ୍ୟ ହୋଇପାରେ। ସହରାଞ୍ଚଳରେ ବହୁ ସଂଖ୍ୟକ ମହିଳା ତାଙ୍କ ଘର ଝରିପାଖରେ ଥିବା ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରନ୍ତି। ତୃତୀୟତଃ, ପ୍ରଜନନ କାର୍ଯ୍ୟର ଏକ ଅଂଶ ବିଶେଷଭାବରେ ମହିଳାମାନେ ସମାଜ ପରିଚାଳନା କାର୍ଯ୍ୟ ହାତକୁ ନେଇ ଥାଆନ୍ତି। ଏହିକାର୍ଯ୍ୟ ପଡ଼ୋଶୀ ବା ସମାଜର ସାମଗ୍ରୀକ ବିକାଶରେ ସହାୟକ ହୋଇଥାଏ। ଏହି ତିନୋଟି ଭୂମିକା ସତ୍ତ୍ୱେ ମହିଳା ମାନଙ୍କ କାର୍ଯ୍ୟ ଆଖିକୁ ଦେଖାଯାଏ ନାହିଁ। ଶିଶୁ ମାନଙ୍କୁ ଜନ୍ମ ଦେବା ଓ ସେମାନଙ୍କର ଲାଳନ ପାଳନକୁ ଏକ ସ୍ୱାଭାବିକ କାର୍ଯ୍ୟ ବୋଲି କହି ଏହାକୁ ଗୌଣ କରି ଦିଆଯାଏ। ଅପର ପକ୍ଷରେ ପୁରୁଷ ମାନେ ଉତ୍ପାଦକ ଶ୍ରମିକ ହିସାବରେ ଦେଖାଯାଆନ୍ତି। ଏପରିକି ସେମାନେ ବେକାର ବା ସ୍ୱଳ୍ପ ରୋଜଗାରୀ ହେଲେ ମଧ୍ୟ ସେମାନଙ୍କୁ ଉତ୍ପାଦନକାରୀ ଶ୍ରମିକ ବୋଲି କୁହାଯାଏ। ପ୍ରଜନନ କାର୍ଯ୍ୟ ପରିପ୍ରେକ୍ଷୀରେ ଅଧିକାଂଶ ସମାଜରେ ପୁରୁଷ ମାନଙ୍କର ସ୍ପଷ୍ଟ ନିର୍ଦ୍ଧାରିତ ପ୍ରଜନନ ଭୂମିକା ନଥାଏ। ଯଦି ସାମାଜିକ ପୁରୁଷ ମାନଙ୍କର ସ୍ପଷ୍ଟ ନିର୍ଦ୍ଧାରିତ ପ୍ରଜନନ ଭୂମିକା ନଥାଏ। ଯଦି ସାମାଜିକ ବା ସାମୂହିକ କାର୍ଯ୍ୟକୁ ଦେଖିବା, ପୁରୁଷ ମାନେ ସାଧାରଣତଃ ଉପଭୋକ୍ତା ଭିତ୍ତିକ ସ୍ୱେଚ୍ଛାସେବୀ କାର୍ଯ୍ୟରେ ନିଯୁକ୍ତ ହୋଇ ଥାଆନ୍ତି। ଅନ୍ୟ ପକ୍ଷରେ ସେମାନେ ସମାଜର ନେତୃତ୍ୱ ଭୂମିକା ତୁଲାଇ ଥାଆନ୍ତି। ଅନ୍ୟ ପକ୍ଷରେ ସେମାନେ ସମାଜର ନେତୃତ୍ୱ ଭୂମିକା ତୁଲାଇ ଥାଆନ୍ତି। ସେଥିପାଇଁ ସେମାନେ କିଛି ପାରିଶ୍ରମିକ ବା ସାମାଜିକ ସମ୍ମାନ ପାଇ ଥାଆନ୍ତି।

୨. ପୁରୁଷ ବା ମହିଳା ମାନଙ୍କର ଦାୟିତ୍ୱ ଓ କାର୍ଯ୍ୟ ସହିତ ସଂଶ୍ଳିଷ୍ଟ ଋହିଦାକୁ ବାସ୍ତବ ଲିଙ୍ଗ ଋହିଦା କୁହାଯାଏ। ଏହି କାର୍ଯ୍ୟ ଓ ଦାୟିତ୍ୱ ସେମାନଙ୍କର ପାରମ୍ପରିକ ଲିଙ୍ଗ ଭୂମିକା ସହିତ ଜଡ଼ିତ କିମ୍ବା ତତ୍‌କାଳ ଆବଶ୍ୟକତା ସହିତ ଜଡ଼ିତ। ବାସ୍ତବ ଆବଶ୍ୟକତାକୁ ଧ୍ୟାନ ଦେଲେ ଜୀବନର ମାନ ବୃଦ୍ଧି ଘଟେ। କିନ୍ତୁ ଏହା ଲିଙ୍ଗ ବିଭାଜନ ବା ସମାଜରେ ପୁରୁଷ ଓ ମହିଳାଙ୍କ ସ୍ଥିତି ସଂପର୍କରେ ପ୍ରଶ୍ନବାଚୀ ସୃଷ୍ଟି କରେ ନାହିଁ। କିନ୍ତୁ ଏହା ପ୍ରମାଣିତ ଯେ, ନିର୍ଦ୍ଦିଷ୍ଟ ଲିଙ୍ଗ ଋହିଦା ସାମାଜିକ ପରିବର୍ତ୍ତନର ବାଟ ସୁଗମ କରିଥାଏ। ଏହା ଏପରି ହୋଇ ଥାଏ ଯେ, ମହିଳା ମାନେ ଅଧିକ ସମାନତା ଓ କ୍ଷମତା ଉପଭୋଗ କରି ଥାଆନ୍ତି। ଏହି ପରିବର୍ତ୍ତନ ଏକ ଭିନ୍ନ ବ୍ୟବସ୍ଥା ଓ ଏହା ପ୍ରଚଳିତ ବ୍ୟବସ୍ଥା ବିରୁଦ୍ଧରେ ଲଢ଼ିବାର ପ୍ରତିଶୃତି ଉପରେ ନିର୍ଭର କରେ। ବାସ୍ତବ ଲିଙ୍ଗ ଋହିଦା ଗୃହ ପରିବେଶରେ ମହିଳା ମାନଙ୍କ ଅବସ୍ଥାରେ ପ୍ରଗତି ଆଣିବା ପାଇଁ ଉଦ୍ଦିଷ୍ଟ। ଏହା ଅର୍ଥ ରୋଜଗାର କ୍ଷମ କାର୍ଯ୍ୟରେ ଉନ୍ନତି ବା ସମାଜଭିତ୍ତିକ ସମ୍ବଳର ଉନ୍ନତିକୁ ବୁଝାଇଥାଏ। କିନ୍ତୁ ଏଗୁଡ଼ିକ କ୍ଷେତ୍ରରେ ପରିବର୍ତ୍ତନ ଘଟି ନଥାଏ। ବରଂ ମହିଳା ମାନଙ୍କୁ ସେମାନଙ୍କ ଲିଙ୍ଗଗତ ଭୂମିକା ଓ କାର୍ଯ୍ୟରେ କିଛିଟା ରିହାତି ମିଳିଥାଏ। ଅଧିକାଂଶ ବିକାଶ ସଂପର୍କିତ ଆଲୋଚନା ମହିଳା ମାନଙ୍କର ବାସ୍ତବ ଲିଙ୍ଗ ଋହିଦାକୁ ଧ୍ୟାନ ଦେବାକୁ ଲକ୍ଷ୍ୟ ରଖିଥାଏ। ମହିଳା ମାନଙ୍କୁ ନ୍ୟୁନ କରୁଥିବା ଶ୍ରମର ଲିଙ୍ଗଗତ ଶ୍ରମଭାଜନ ବା ସମାଜର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସଂଗଠନକୁ ଏହା ପ୍ରତିହତ କରି ନଥାଏ। ଅତଏବ, ଋହିଦା ଭିତ୍ତିକ ବିକାଶ ଉଦ୍‌ଭାବନକୁ 'ନାରୀବାଦୀ' ଏବଂ ମହିଳା ମାନଙ୍କ ବାସ୍ତବ ସୁବିଧା ସୁଯୋଗ ବୃଦ୍ଧି ପାଇଁ ଉଦ୍ଦିଷ୍ଟ ଆବିଷ୍କାରକୁ ସ୍ୱଳ୍ପ ନାରୀବାଦୀ ବୋଲି କହିବା ଠିକ୍ ହେବ ନାହିଁ। କାରଣ ଏହି ଦୁଇଟି ଯାକ କଥା ପରସ୍ପର ସଂଶ୍ଳିଷ୍ଟ ଓ ପ୍ରଭାବ ଦୃଷ୍ଟିରୁ ବେଳେ ବେଳେ ପୃଥକ୍ ହୋଇ ପାରିବ ନାହିଁ।

ଆତ୍ମ ପରୀକ୍ଷଣ ପ୍ରଶ୍ନ 'ଗ' ର ଉତ୍ତର

୧. ବିକାଶରେ ମହିଳା ଏବଂ ଲିଙ୍ଗ ଓ ବିକାଶ ମଧ୍ୟରେ ପାର୍ଥକ୍ୟ ନିମ୍ନରେ ଦିଆଗଲା–

- ବିକାଶରେ ମହିଳାତତ୍ତ୍ୱ ୧୯୭୦ ଦଶନ୍ଧିରେ ବିକାଶ ଲାଭ କରିଥିଲା। କିନ୍ତୁ ଲିଙ୍ଗ ଓ ବିକାଶ ତତ୍ତ୍ୱ ୧୯୮୦ ଦଶନ୍ଧିରେ ବିକାଶ ଲାଭ କରିଥିଲା।
- ବିକାଶରେ ମହିଳା ତତ୍ତ୍ୱ ଉଦାରବାଦୀ ନାରୀବାଦରୁ ସୃଷ୍ଟି ହୋଇଛି। କିନ୍ତୁ ଲିଙ୍ଗ ଓ ବିକାଶ ତତ୍ତ୍ୱ ସମାଜବାଦୀ ନାରୀବାଦରୁ ସୃଷ୍ଟି ହୋଇଛି।
- ବିକାଶରେ ମହିଳା ତତ୍ତ୍ୱ ଇସ୍ତର ବୋଷ୍‌ଙ୍କ ପ୍ରଭାବଶାଳୀ ଲେଖାରୁ ଆରମ୍ଭ ହୋଇଥିଲା। କିନ୍ତୁ ଲିଙ୍ଗ ଓ ବିକାଶ କ୍ୟାରୋଲିନ୍ ମୋଜର (Carolyn Mosor) ଙ୍କ ପ୍ରଭାବଶାଳୀ ଲେଖାରୁ ଆରମ୍ଭ ହୋଇଥିଲା।

- ହାଭାର୍ଡ଼ଙ୍କ ବିଶ୍ଳେଷଣ ତତ୍ତ୍ୱ ବିକାଶରେ ମହିଳା ତତ୍ତ୍ୱକୁ ଏକ ପୂର୍ଣ୍ଣ ରୂପ ପ୍ରଦାନ କରିଥିଲା। କିନ୍ତୁ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିକାଶ ଯୋଜନା ବିଭାଗ ଲିଙ୍ଗ ଓ ବିକାଶ ତତ୍ତ୍ୱକୁ ପୂର୍ଣ୍ଣ ରୂପ ପ୍ରଦାନ କରିଥିଲା।
- ବିକାଶରେ ମହିଳା ତତ୍ତ୍ୱ ମହିଳାମାନଙ୍କୁ ସାଂପ୍ରତିକ ବିକାଶ କାର୍ଯ୍ୟକ୍ରମରେ ଯୋଡ଼ିବା ପାଇଁ ଚେଷ୍ଟା କରିଥାଏ। କିନ୍ତୁ ଏହା ଅସମତ୍ୱର ଲିଙ୍ଗ ସଂପର୍କକୁ ପରିବର୍ତ୍ତନ କରିବାକୁ ଋହେଁ ନାହିଁ। ଅନ୍ୟ ପକ୍ଷରେ ଲିଙ୍ଗ ଓ ବିକାଶ ତତ୍ତ୍ୱ ମହିଳାଙ୍କୁ ବିକାଶର ସୁଫଳର ନିଷ୍ଫ୍ରିୟ ଗ୍ରହୀତାରେ ପରିଣତ କରିଥାଏ। କିନ୍ତୁ ଏହା ମହିଳାଙ୍କୁ ବିକାଶ ପ୍ରକ୍ରିୟାର ସକ୍ରୀୟ ଗ୍ରହୀତାରେ ପରିଣତ କରିଥାଏ।
- ବିକାଶରେ ମହିଳା ତତ୍ତ୍ୱ ସମତା, ଦାରିଦ୍ର୍ୟ ଦୂରୀକରଣ କୌଶଳ ଓ ଦକ୍ଷତା କୌଶଳ ଉପରେ ଗୁରୁତ୍ୱ ନେଇଥାଏ। କିନ୍ତୁ ଲିଙ୍ଗ ଓ ବିକାଶ ତତ୍ତ୍ୱ 'ଲିଙ୍ଗ ମୁଖ୍ୟ ସ୍ରୋତୀକରଣ' କୌଶଳ ଉପରେ ଗୁରୁତ୍ୱ ଦିଏ।
- ୧୯୭୬-୧୯୮୫ ମଧ୍ୟରେ ମିଳିତ ଜାତିସଂଘର ମହିଳାଙ୍କ ଦଶନ୍ଧି ସମୟରେ ବିକାଶରେ ମହିଳା ତତ୍ତ୍ୱ ଲୋକପ୍ରିୟ ହୋଇଥିଲା। ଏହି ସମୟ ମଧ୍ୟରେ ଏହା ରାଷ୍ଟ୍ରମାନଙ୍କର ବିକାଶ କାର୍ଯ୍ୟସୂଚୀର ପ୍ରାଥମିକତା ପ୍ରସଙ୍ଗ ହୋଇଥିଲା। ୧୯୮୦ ଦଶନ୍ଧିର ମଧ୍ୟ ଭାଗରେ ଯେତେବେଳେ ବିଭିନ୍ନ ରାଷ୍ଟ୍ରରେ ସାଂଗଠନିକ ଭରଣା କାର୍ଯ୍ୟକ୍ରମ ଆରମ୍ଭ ହେଲା ଏହି ଲିଙ୍ଗ ଓ ବିକାଶ କାର୍ଯ୍ୟକ୍ରମ ବହୁତ ଲୋକପ୍ରିୟ ହେଲା।

୨. ଏକାଦଶ ପଞ୍ଚ ବାର୍ଷିକ ଯୋଜନାରେ ମହିଳା ସଶକ୍ତି କରଣ ପଞ୍ଚସୂତ୍ରୀ କୌଶଳ ଉପରେ ପର୍ଯ୍ୟବସିତ ଥିଲା। ସେଗୁଡ଼ିକ ହେଲା- ପ୍ରଥମତଃ, କୃଷି କ୍ଷେତ୍ରରେ କାମ କରୁଥିବା ମହିଳା ଓ ଜଗତୀକରଣର ପ୍ରଭାବ ଉପରେ ଗୁରୁତ୍ୱ ପ୍ରଦାନ କରି ଅର୍ଥନୈତିକ ସଶକ୍ତି-କରଣ। ଦ୍ୱିତୀୟତଃ, ସାମାଜିକ ସଶକ୍ତିକରଣ ଓ ସାମାଜିକ ପରିବର୍ତ୍ତନର ଲିଙ୍ଗୀକରଣ, ତୃତୀୟତଃ, ସଂସଦ, ପଞ୍ଚାୟତିରାଜ ଅନୁଷ୍ଠାନ ଓ ଗୁରୁତ୍ୱ ପୂର୍ଣ୍ଣ ସରକାରୀ ଋକିରୀରେ ମହିଳା ମାନଙ୍କ ପ୍ରବେଶ ଓ ଏହାର କ୍ରିୟାଶୀଳତା ପାଇଁ ରାଜନୈତିକ ସଶକ୍ତିକରଣ। ଚତୁର୍ଥତଃ, ମହିଳା ଉନ୍ନତି ସଂଶ୍ଳିଷ୍ଟ ଆଇନ୍‌ର ସଠିକ କାର୍ଯ୍ୟକାରିତା ପାଇଁ ବ୍ୟବସ୍ଥାର ଉନ୍ନତିକରଣ ଓ ପଞ୍ଚମତଃ, ଲିଙ୍ଗ ମୁଖ୍ୟ ସ୍ରୋତୀକରଣ ଓ ମହିଳା ଭିତ୍ତିକ କାର୍ଯ୍ୟକ୍ରମ ଗୁଡ଼ିକର ସଫଳ କାର୍ଯ୍ୟକାରିତା ପାଇଁ ଲିଙ୍ଗ ଅଟକଳ ନିମନ୍ତେ ସାଂଗଠନିକ ବ୍ୟବସ୍ଥା ସୃଷ୍ଟି କରିବା।

୩. କାର୍ଯ୍ୟ

ଦାରିଦ୍ର୍ୟ

ପାରିବାରିକ ଜୀବନ

ସ୍ୱାସ୍ଥ୍ୟ ଓ ପୋଷଣ

ଶିକ୍ଷା

ପରିବେଶ

ଜନସାଧାରଣ ଓ ନୀତି ନିର୍ଦ୍ଧାରଣ କ୍ଷେତ୍ର

୪. ଲିଙ୍ଗ ଓ ବିକାଶ ତତ୍ତ୍ୱରେ ଲିଙ୍ଗ ଅଟକଳ ଏକ ଗୁରୁତ୍ୱପୂର୍ଣ୍ଣ କୌଶଳ ଓ ମାଧ୍ୟମ ପରି ଜଣାପଡ଼େ। ବେଳେବେଳେ ଏହାକୁ ଲିଙ୍ଗ ସଚେତନତାର ପରିପ୍ରକାଶ ବୋଲି କୁହାଯାଏ। ଏହା ସାଧାରଣ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଓ ସ୍ତରରେ ଲିଙ୍ଗ ସଚେତନତା ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଥାଏ। ଲିଙ୍ଗ ସମସ୍ୟା ପ୍ରସଙ୍ଗକୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବାକୁ ଏକ ବିଶ୍ୱସ୍ତରୀୟ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ୧୯୯୫ରେ କେଜିଙ୍ଗ୍ ଠାରେ ଅନୁଷ୍ଠିତ ମହିଳାମାନଙ୍କ ପାଇଁ ମିଳିତ ଜାତିସଂଘର ଚତୁର୍ଥ ବିଶ୍ୱ କଂଗ୍ରେସର କାର୍ଯ୍ୟ ସୂଚୀରେ ଏହାକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ସାମାଜିକ ଓ ଅର୍ଥନୈତିକ ବିକାଶର ସବୁ ସ୍ତରରେ ଅଗ୍ରାଧିକାର ଭିତ୍ତିରେ ଲିଙ୍ଗ ସମତାକୁ ସୁନିଶ୍ଚିତ କରିବା ନିମନ୍ତେ ଏହାର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ଏହା ଆଲୋକପାତ କରିଥିଲା।

୫. ଲିଙ୍ଗ ଅଟକଳ ମହିଳା ମାନଙ୍କ ପାଇଁ ଏକ ପୃଥକ୍ ଅଟକଳ ନୁହେଁ। ଏହା ସରକାରଙ୍କ ସାଧାରଣ ଅଟକଳର ଏକ ଲିଙ୍ଗ ଭିତ୍ତିକ ବିଶ୍ଳେଷଣ ଅଟେ। ଏହା ସମସ୍ତ ବ୍ୟୟ ବରାଦ ଓ ମହିଳା ଏବଂ ପୁରୁଷ ମାନଙ୍କ ଉପରେ ଏହାର ପ୍ରଭାବ ବିଷୟରେ ବିଶ୍ଳେଷଣ କରେ। ସରକାରଙ୍କର ଲିଙ୍ଗ ସମାନତାର ପ୍ରତିଶ୍ରୁତି ଆର୍ଥିକ ଅଟକଳର ପ୍ରତିଶ୍ରୁତିରେ ପ୍ରତିଫଳିତ ହୋଇଛି କି ନାହିଁ। ଏହା ପରୀକ୍ଷା କରିବା ପାଇଁ ମହିଳା ମାନଙ୍କର ଅଟକଳ ଏକ ମାଧ୍ୟମ ଅଟେ। ଯଥେଷ୍ଟ ପରିମାଣର ବ୍ୟୟ ବରାଦ ବିନା ଲିଙ୍ଗ ସମାନତା ଆଣିବାର ପ୍ରତିଶୃତି କାର୍ଯ୍ୟକାରୀ ହୋଇପାରିବ ନାହିଁ। ଲିଙ୍ଗ ମୁଖ୍ୟ ସ୍ରୋତୀକରଣ ପାଇଁ ଏହି ଅଟକଳ ଏକ ମାଧ୍ୟମ ଅଟେ। କାରଣ ଏହି ପ୍ରକ୍ରିୟା ସମ୍ବଳ ବଣ୍ଟନ ଓ ସମସ୍ତ ସରକାରୀ କାର୍ଯ୍ୟର ନିୟମ ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ।